୭୯ତମ
ସ୍ୱାଧୀନତା ଦିବସ ଅବସରରେ
'ସକାଳ' ପରିବାର ତରଫରୁ
ହାର୍ଦ୍ଦିକ ଶୁଭେଚ୍ଛା ।

ସ୍ୱାଧୀନତା ଦିବସ ଉପଲକ୍ଷେ
୧୫ ତାରିଖ 'ସକାଳ'
କାର୍ଯ୍ୟାଳୟ ଛୁଟି ରହୁଥିବାରୁ
ପରବର୍ତ୍ତୀ ସଂସ୍କରଣ
୧୭ ତାରିଖ (ରବିବାର)
ପ୍ରକାଶ ପାଇବ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

୭୯ତମ ସ୍ୱାଧୀନତା ଦିବସ

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | •VOLUME- 43 •ISSUE-52 •FRIDAY •15 AUGUST 2025 •PAGE-14 •₹ 6.00

•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦



DADLS-41



## ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୬ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୬୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷ**ରୁ **୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0954/2526

## 'ଭୋଟ୍ ଚୋରି' ପ୍ରସଙ୍ଗକୁ ଜୋରଦାର୍ କଲା କଂଗ୍ରେସ

# ରାଜ୍ୟବ୍ୟାପୀ ପ୍ରତିବାଦ, ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର, ୧୪।୮ (ସମିସ): ଦେଶରେ ଭୋଟ ଚୋରି ଅଭିଯୋଗର ପ୍ରତିବାଦରେ ରାଜ୍ୟ କଂଗ୍ରେସ ଆଜି ମଶାଲ ଶୋଭାଯାତ୍ରା କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଉଭୟ ନିର୍ବାଚନ ଆୟୋଗ ଓ ବିଜେପି ଉପରେ ନେତାମାନେ ବର୍ଷିଛନ୍ତି।

କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ୍ ଚୋରି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରିଥିଲେ। ନିର୍ବାଚନ ଆୟୋଗଙ୍କ ସହଯୋଗରେ ଭୋଟର୍ କାର୍ଡରେ ବ୍ୟାପକ ହେରଫେର୍ ଓ ଜାଲିଆତି କରି 'ଭୋଟ୍ ଚୋରି' ଜରିଆରେ ବିଜେପି କିପରି ଏକାଧିକ ନିର୍ବାଚନ ଜିଣିଛି, ତାହା ରାହୁଲ ବର୍ଣ୍ଣନା କରିଥିଲେ। ଏହା ପରଠାରୁ ଦେଶବ୍ୟାପୀ ଏହି ପ୍ରସଙ୍ଗ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀର ସ୍କ୍ରିନିଂ ଗତ ୯ ଓ ୧୧ ତାରିଖରେ ଯଥାକ୍ରମେ ରାଜ୍ୟ ଓ ଜିଲ୍ଲାସ୍ତରରେ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଏହି ପ୍ରସଙ୍ଗକୁ ଆହୁରି ଆଗକୁ ନେବା ପାଇଁ କଂଗ୍ରେସ ଦଳ ମଶାଲ ଶୋଭାଯାତ୍ରା ଆୟୋଜନ କରିଛି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭୋଟ୍ ଚୋରି ଦ୍ୱାରା ଗଣତନ୍ତ୍ରର ହତ୍ୟା କରାଯାଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ବେଳେ ବିଜେପି ସରକାର ଭୋଟ୍ ଚୋରି କରି ଗାଦି ହାତେଇଛି। ଆଜି ବି ବିହାରର ଗରିବ ଲୋକମାନେ ବିଭିନ୍ନ ଜାଗାରେ କାମ କରି ଚଳୁଛନ୍ତି। ସେମାନଙ୍କୁ ରାଜ୍ୟରୁ ବାହାର କରାଯାଇପାରିବ ନାହିଁ। ସେମାନଙ୍କୁ ଅନ୍ୟ ରାଜ୍ୟର ବାସିନ୍ଦା ବୋଲି କହି ଭୋଟର୍ ଲିଷ୍ଟରୁ ହଟାଇଦେବା ଉଚିତ ନୁହେଁ। ନିର୍ବାଚନ ଆୟୋଗ ପ୍ରତ୍ୟେକ ଭୋଟର୍ଙ୍କ ନାଁ ଗୋଟି ଗୋଟି କରି ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି।

ସୂଚନାଥାଉକି ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନ୍ୟୁନ ୨ କିମିର ମଶାଲ ଶୋଭାଯାତ୍ରା କରିବା ପାଇଁ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଶୋଭାଯାତ୍ରା କରାଯାଇଛି।

## ଖାକିରେ ଦାଗ

# ମହିଳାଙ୍କୁ ଦୁଷ୍କର୍ମ; ସବ୍‌ଇନ୍ସପେକ୍ଟର ଗିରଫ

ଫୁଲବାଣୀ, ୧୪।୮ (ସମିସ): ଖାକିରେ ପୁଣି ଦାଗ। ଥରେ କି ଦୁଇଥର ନୁହେଁ, ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ। ଏପରି ଏକ ସଂଗିନ୍ ଅଭିଯୋଗରେ କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ପୁଲିସ୍ ଜଣେ ସବ୍-ଇନ୍ସପେକ୍ଟର୍ଙ୍କୁ ଗିରଫ କରିଛି। ସେ ହେଲେ, କୋଟଗଡ଼ ଥାନାର ଏସ୍ଆଇ ସ୍ମୃତିସାଗର ସାମଲ। ପୂର୍ବରୁ ସେ ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଆଜି ତାଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସ୍ମୃତିସାଗର ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିବା ବେଳେ ଥାନା ପାଖରେ ଥିବା ଜଣେ ମହିଳାଙ୍କ ଭେରାଇଟି ଷ୍ଟୋର୍କୁ ପ୍ରାୟ ସମୟରେ ଯିବା ଆସିବା କରୁଥିଲେ। ତେବେ ଦିନକୁ ଦିନ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିଲା। ସେ ସମ୍ପୃକ୍ତା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏପରିକି, ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଥିଲେ। ୨୦୨୪ ମସିହା ମେ' ମାସରେ ଘରେ କେହି ନ ଥିବାର ସୁଯୋଗ ନେଇ ସେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ସ୍ୱାମୀଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଜଣଙ୍କ ଏ ସଂପର୍କରେ ମୁହଁ ନ ଖୋଲିବାରୁ ସ୍ମୃତିସାଗରଙ୍କ ମୁହଁ ବଢ଼ି ଯାଇଥିଲା। ପରେ ସେ ମହିଳାଙ୍କୁ ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ପୀଡ଼ିତା ସାହସ ଜୁଟାଇଥିଲେ ଏବଂ ଏ ସଂପର୍କରେ ତାଙ୍କ ହୋମଗାର୍ଡ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ଦୁହେଁ ଏ ସଂପର୍କରେ ତତ୍‌କାଳୀନ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଗତ ବୁଧବାର ପୁଣି ମହିଳାଜଣଙ୍କ ଥାନାରେ ଏତଲା ଦେଇଥିଲେ। ପୁଲିସ ଏନେଇ ୧୮୬/୨୫ରେ



ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ପଙ୍କଜ କୁମାର ବେହେରା ସୂଚନା ଦେଇଛନ୍ତି।

# ହୋଟେଲରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର


ପୁରୀ, ୧୪।୮ (ସମିସ): ହୋଟେଲ ରୁମ୍‌ରେ ଝୁଲିପଡ଼ିଲେ ପ୍ରେମୀଯୁଗଳ। ସମଦ୍ର କୂଳ ଥାନା ପୁଲିସ ଆଜି ପୁରୀର ଏକ ହୋଟେଲରୁ ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଦ୍ୱୟ ହେଲେ, ପଶ୍ଚିମବଙ୍ଗର କୁମରେଶ ଘୋଷ ଓ ମିତାଲି ଘୋଷ। ଦୁହେଁ ଅନ୍ୟତ୍ର ବିବାହ କରିଥିଲେ। ଦୁଇ ଦିନ ପୂର୍ବରୁ ଦୁହେଁ ଆତ୍ମହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ତେବେ କେଉଁ ପରିସ୍ଥିତିରେ ଦୁହେଁ ଏପରି ଚରମ ପଦକ୍ଷେପ ନେଲେ, ସେ ସଂପର୍କରେ ପୁଲିସ୍ ତଦନ୍ତ ଚଳାଇଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନେ ରହୁଥିବା ହୋଟେଲ କର୍ତ୍ତୃପକ୍ଷଙ୍କୁ ପୁଲିସ୍ ଚରାଉଚରା କରିଛି। ଦୁହେଁ, କେବେଠାରୁ ଏଠାରେ ରହୁଥିଲେ, କ'ଣ ପରିଚୟ ଦେଇଥିଲେ; ସେସବୁର ଖୋଳତାଡ଼ କରୁଛି ପୁଲିସ। ସେମାନେ ଗତ ୯ ତାରିଖରେ ହୋଟେଲରେ ରୁମ୍ ବୁକ୍ କରି ରହିଥିଲେ। ୧୫ ତାରିଖରେ ରୁମ୍ ଛାଡ଼ିଥାନ୍ତେ। କିନ୍ତୁ ଦୁଇଦିନ ତଳୁ ସେମାନଙ୍କ ରୁମ୍ ବନ୍ଦ ଥିବାରୁ ସନ୍ଦେହରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଦୁହିଁଙ୍କ ମୃତଦେହ ଉଦ୍ଧାର କରିଥିଲା। ଶୁକ୍ରବାର ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି।









ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
୭୯ତମ ସ୍ୱାଧୀନତା ଦିବସ
•VOLUME- 43 •ISSUE-52 •FRIDAY •15 AUGUST 2025 •PAGE-14 •₹ 6.00
•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦

### ଏସ୍‌ଆଇଆର୍ ମାମଲା: ଇସିଆଇଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ସାର୍ବଜନୀନ କର



## ସମ୍ବାଦପତ୍ର, ଟିଭି ଓ ରେଡିଓରେ ବାଦ୍ ପଡ଼ିଥିବା ଭୋଟରଙ୍କ ବିବରଣୀ ପ୍ରକାଶ କର

## ଆଧାର କାର୍ଡ ଦେଖାଇ ନାମ ସାମିଲ କରିପାରିବେ ଭୋଟର

■ **ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ତାଲିକା ସଂଶୋଧନ ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି ସେମାନଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଲୋଡ଼ିଛନ୍ତି। ଏହି ଭୋଟରଙ୍କ ନାମ ତାଲିକା ସହିତ ସେମାନେ କାହିଁକି ବାଦ୍ ପଡ଼ିଛନ୍ତି, ତାହାର କାରଣ ଦର୍ଶାଇବା ଲାଗି କୁହାଯାଇଛି। ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଆଞ୍ଚଳିକ ଭାଷାର ସମ୍ବାଦପତ୍ର ସହିତ ଜାତୀୟ ସମ୍ବାଦପତ୍ର, ଟିଭି ଓ ରେଡିଓରେ ପ୍ରକାଶ ଓ ପ୍ରସାର କରିବା ଲାଗି ସର୍ବୋଚ୍ଚ ଅଦାଲତ କମିସନଙ୍କୁ କହିଛନ୍ତି।

ବିହାରରେ ଏସ୍‌ଆଇଆର୍ ପାଇଁ ଜୁନ୍ ୨୪ରେ ନିର୍ବାଚନ କମିସନ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ବେଞ୍ଚ ଆଜି ନିର୍ବାଚନ କମିସନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ କାର୍ଯ୍ୟକାରୀ ହୋଇଛି କି ନାହିଁ ଏବଂ ଯଦି ହୋଇଛି କେତେ ଦୂର ହୋଇଛି ତାହାର କଂପ୍ଲାୟନ୍ସ ରିପୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି (ଅଗଷ୍ଟ ୨୨ ତାରିଖ) ପୂର୍ବରୁ ଦାଖଲ କରିବାକୁ କହିଛନ୍ତି। କୋର୍ଟ କହିଛନ୍ତି ଯେ ଭୋଟର ତାଲିକାରେ ଯେଉଁମାନଙ୍କୁ ମୃତ ଦର୍ଶାଯାଇଛି କିମ୍ବା ଯେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ବୋଲି କୁହାଯାଉଛି ସେମାନଙ୍କର ତାଲିକା ସମସ୍ତ ପଞ୍ଚାୟତ ସ୍ତରୀୟ ଅଫିସ, ଜିଲ୍ଲା ସ୍ତରୀୟ ରିଟର୍ଣ୍ଣି ଅଫିସର କାର୍ଯ୍ୟାଳୟରେ ଲଗାଇବାକୁ ହେବ। ଟିଭି, ରେଡିଓ, ଇଂରାଜୀ ସମ୍ବାଦପତ୍ର ସମେତ ଆଞ୍ଚଳିକ ଭାଷା ସମ୍ବାଦପତ୍ରରେ ଏହି ତଥ୍ୟ ସଂପର୍କରେ ସୂଚନା ଦେବାକୁ ପଡ଼ିବ। ଏହାସହିତ କୋର୍ଟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ କହିଛନ୍ତି ଯେ ଯେଉଁ ଭୋଟରଙ୍କର ନାମ ▶ପୃଷ୍ଠା-୭

## ଫାଟିଲା ବାଦଲ; ଧସିଲା ପାହାଡ଼

# ୪୬ ମୃତ, ୨୦୦ ନିଖୋଜ



## କିସ୍ତୱାରରେ ପ୍ରକୃତିର ତାଣ୍ଡବ



■ **ଶ୍ରୀନଗର, ୧୪।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାରେ ଆଜି ବାଦଲଫଟା ବର୍ଷା ଯୋଗୁଁ ବଡ଼ ଧରଣର ବିପର୍ଯ୍ୟୟ ଘଟି ୪୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ୨ ସିଆଇଏସଏଫ୍ ଯବାନ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ୧୨ଟା ୩୦ରେ ବାଦଲ ଫଟା ବର୍ଷା କାରଣରୁ କିସ୍ତୱାର ଜିଲ୍ଲାର ଚୋସିଟି ଗ୍ରାମ ଧ୍ୱଂସ ହୋଇଯାଇଛି। ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଛି। ପାହାଡ଼ରୁ ବୋହି ଆସିଥିବା ଆବର୍ଜନାପୂର୍ଣ୍ଣ ପାଣି ସୁଅରେ ଅନେକ ଲୋକ ଭାସି ଯାଇଥିବା ବେଳେ ଅନେକ ଅତଡ଼ା ତଳେ ଚାପି ହୋଇ ରହିଛନ୍ତି। ମଚୈଲ ମାତା ମନ୍ଦିର ଯିବା ଲାଗି ଶ୍ରଦ୍ଧାଳୁ ବିଭିନ୍ନ ଗାଡ଼ିରେ ଆସି ଏଠାରେ ଏକାଠି ହୋଇଥିଲେ। ଏଠାରୁ ସେମାନେ ଚାଲିଚାଲି ମନ୍ଦିର ଯାଇଥା'ନ୍ତେ। ବର୍ଷା ବେଳେ ଏହି ଗାଁରେ ଲଙ୍ଗରରେ ଶ୍ରଦ୍ଧାଳୁମାନେ ଏକାଠି ଖାଉଥିଲେ। ସେମାନଙ୍କୁ ସୁରକ୍ଷା ଦେବାଲାଗି ପାଖରେ ନିରାପତ୍ତା ଯବାନଙ୍କର କ୍ୟାମ୍ପ ମଧ୍ୟ ଲାଗିଥିଲା। ଏହି କ୍ୟାମ୍ପ ମଧ୍ୟ ▶ପୃଷ୍ଠା-୭

### ମନ୍ତ୍ରୀଙ୍କ ନାଲିଆଖି, ସଚିବଙ୍କ ଚେତାବନୀ ପ୍ରଭାବହୀନ

# ଜିଦ୍‌ରେ ଅଟଳ ରାଜସ୍ୱ ଅମଲା

## ୧୫ ଦିନରେ ଦାବି ପୂରଣ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ

## ୩୦ ଜିଲ୍ଲାର ୧୦ ହଜାର ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ

■ **ଭୁବନେଶ୍ୱର, ୧୪।୮ (ସମିସ):** ରାଜସ୍ୱ ମନ୍ତ୍ରୀ ନାଲି ଆଖି ଦେଖାଇଲେ, ସଚିବ ଦରମା ବନ୍ଦ କରିବାକୁ ଧମକ ଦେଲେ; ମାତ୍ର ଏହି ଚେତାବନୀ ରାଜସ୍ୱ ଅମଲା ସଂଘ ଉପରେ କୌଣସି ପ୍ରଭାବ ପକାଇବାକୁ ସମର୍ଥ ହୋଇ ନାହିଁ। ଦାବି ପୂରଣ ପାଇଁ ରାଜ୍ୟର ୧୦ ହଜାର ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଫଳରେ ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ବ୍ଲକ୍, ତହସିଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପଞ୍ଚାୟତିରାଜ ସଂସ୍ଥାରେ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ଆଲୋଚନା ପରିବର୍ତ୍ତେ ସରକାର ଆନ୍ଦୋଳନକୁ ଦବାଇବା ପାଇଁ କରୁଥିବା ଉଦ୍ୟମକୁ ସଂଘ ତୀବ୍ର ବିରୋଧ କରିଛି। ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କର ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ▶ପୃଷ୍ଠା-୭

### ଲଘୁଚାପ ସକ୍ରିୟ

# ଲାଗି ରହିବ ବର୍ଷା

■ **ଭୁବନେଶ୍ୱର, ୧୪।୮ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଶୁକ୍ରବାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ଗୁରୁବାର ଗୋପାଳପୁରରେ ସର୍ବାଧିକ ୪୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୨୫, ନୟାଗଡ଼ରେ ୧୯, ନବରଙ୍ଗପୁର ୧୭, ▶ପୃଷ୍ଠା-୭










● 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ

## ଦେଶ ବନ୍ଦନା ଗାଇଲେ ୧୭୦ ବିଦ୍ୟାର୍ଥୀ

ପୁରୀ,୧୪।୮ (ସମିସ): ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ହର୍ ଘର ତିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗୁରୁବାର ଭଗବତୀ ବିଦ୍ୟାନିକେତନ ପକ୍ଷରୁ ଏକ ଦେଶାତ୍ମବୋଧ ସଙ୍ଗୀତଗାନ ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀର ୧୭୦ଜଣ ବିଦ୍ୟାର୍ଥୀ ଦେଶମାତୃକା ବନ୍ଦନାଗାନ କରିଥିଲେ। ବରିଷ୍ଠ ସଂଗୀତଜ୍ଞ ବିଜୟ କୁମାର ପଣ୍ଡା, ରମେଶ ସାହୁ, ଲିଙ୍ଗରାଜ କଳାନିକେତନ ସମ୍ପାଦକ ଜଗନ୍ନାଥ ମିଶ୍ର, କଳା ଶିକ୍ଷୟିତ୍ରୀ କୁନି ସାହୁ, ଲକ୍ଷ୍ମୀପ୍ରିୟା ଲେଙ୍କା, ପ୍ରିୟଙ୍କା ସ୍ୱାଇଁ, କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ପଣ୍ଡା, ଲକ୍ଷ୍ମୀପ୍ରିୟା ବରାଳ ପ୍ରମୁଖ ବିଚାରକ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ବରିଷ୍ଠ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରାତଃ ବିଭାଗ ସଞ୍ଚାଳିକା ମମତା ଦାସ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ସବିତା ପରିଡ଼ା, ପ୍ରୀତି ପୁଷ୍ପିତା ମିଶ୍ର, ମମତା ନାୟକ, ଗୋଲ୍‌ଡି ଭଞ୍ଜ, ରତ୍ନମଣି ଦଳାଇ, ସୁସ୍ମିତା ବାରିକ୍, ବିଷ୍ଣୁପ୍ରିୟା ମହାନ୍ତି, ବୀଣାପାଣି ପାଇକରାୟ ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁଜୀ ଗୁରୁମା' ପରିଚାଳନାରେ ସହଯୋଗ କରିଥିଲେ।

ସଚେତନ ହେଉନାହାନ୍ତି ପର୍ଯ୍ୟଟକ

# ବଢୁଛି ସମୁଦ୍ର ସ୍ନାନ ଦୁର୍ଘଟଣା

ପୁରୀ,୧୪।୮ (ସମିସ)

ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବଢୁଛି। ତେବେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଥିଲେ ମଧ୍ୟ ଅନେକ ସମୟରେ ପର୍ଯ୍ୟଟକ ଅମାନିଆ ହେଉଛନ୍ତି। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢୁଛି। ଘୂର୍ଣ୍ଣିବଳୟ ପାଇଁ ହେଉ ଅବା ପବନର ଦିଗ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ସମୟରେ ସମୁଦ୍ର ଅଶାନ୍ତ ରହୁଛି। ଉଚ୍ଚ ଲହଡ଼ି ଆସି କୂଳରେ ମାଡ଼ ହେଉଛି। ଫଳରେ କିଏ ଆହତ ହେଉଛନ୍ତି ତ ପୁଣି କାହାର ଗୋଡ଼ ଭାଙ୍ଗୁଛି। ତେଣୁ ସୁରକ୍ଷିତ ସମୁଦ୍ର ସ୍ନାନ ପାଇଁ ଥିବା କଟକଣା ଏବଂ ଲାଇଫ୍‌ଗାର୍ଡଙ୍କ ପରାମର୍ଶ ମାନିବାକୁ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି। କିନ୍ତୁ ଅନେକ ଅମାନିଆ ହେବାରୁ ଦୁର୍ଘଟଣା ଘଟୁଛି। ନିକଟରେ ପୁରୀ ସମୁଦ୍ରରେ ଜଣେ ପର୍ଯ୍ୟଟକ ଭାସି ଯାଇଥିବାବେଳେ ଚନ୍ଦ୍ରଭାଗାରେ ମଧ୍ୟ ୩ ଜଣ ବୁଡ଼ି ଯାଇଥିଲେ।

ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ସହର ହେଉଛି ପୁରୀ। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥା'ନ୍ତି। ସ୍ୱର୍ଣ୍ଣାଭ ବେଳାଭୂମି ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। କିନ୍ତୁ ସଚେତନତାର ଅଭାବ, ଲାଇଫ୍‌ଗାର୍ଡଙ୍କ କଥା ନ ଶୁଣିବା ଏବଂ ଜୋର୍‌ରେ ଲହଡ଼ି ଆସି କୂଳରେ ମାଡ଼ ହେଉଥିବାରୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ଅନେକ ଆହତ ବି ହେଉଛନ୍ତି।



ନିକଟରେ ଚନ୍ଦ୍ରଭାଗା ସମୁଦ୍ରରେ ୩ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲାବେଳେ ଚିଲିକାରେ ବି ଜଣେ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ପୁରୀ ସମୁଦ୍ରରେ ଅଧିକାଂଶ ଦିନ ଦୁର୍ଘଟଣା ଘଟୁଛି। ଜିଲ୍ଲା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ପୁରୀ ସହର ଅନ୍ତର୍ଗତ ଅର୍ଥାତ୍ ନୀଳାଦ୍ରି ବିଚ୍‌ରୁ ଶୁଭ୍ ପ୍ୟାଲେସ୍ ମଧ୍ୟରେ ୨୦୨୪ରେ ବୁଡ଼ିଯାଉଥିବା ବେଳେ ୪୧୬ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ୬ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଚଳିତବର୍ଷ ଜୁଲାଇ ସୁଦ୍ଧା ୨୪୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୪ ଜଣଙ୍କ ମୃତ୍ୟୁ ହୋଇଛି। ପୁରୀ ଏବଂ ଚନ୍ଦ୍ରଭାଗା ସମୁଦ୍ର ପାଇଁ ଏବେ ମୋଟ୍ ୯୭ ଜଣ ଲାଇଫ୍‌ଗାର୍ଡ ରହିଛନ୍ତି। ନିକଟରେ ଚନ୍ଦ୍ରଭାଗାଠାରେ ଯେଉଁ ୩ ଜଣଙ୍କ ମୃତ୍ୟୁ ଘଟିଲା ସେଠାରେ ଲାଇଫ୍‌ଗାର୍ଡ ନିୟୋଜିତ ନ ଥିଲେ। ତେବେ ଅଧିକ ସଂଖ୍ୟକ ଲାଇଫ୍‌ଗାର୍ଡ ନିୟୋଜିତ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଯଦି ଏହା ପୂରଣ ହୁଏ ତେବେ ଆହୁରି ଅଧିକ ସୀମା ପର୍ଯ୍ୟନ୍ତ ଲାଇଫ୍‌ଗାର୍ଡ ନିୟୋଜିତ ହୋଇପାରନ୍ତେ ବୋଲି ଜଣେ ଅଧିକାରୀ କହିଛନ୍ତି।

ତେବେ କାହିଁକି ଦିନକୁ ଦିନ ସମୁଦ୍ର ସ୍ନାନ ଅସୁରକ୍ଷିତ ହୋଇପଡୁଛି? ଏହାର କାରଣ ସମୁଦ୍ର ନା ପର୍ଯ୍ୟଟକ। ଏମିତି ପ୍ରଶ୍ନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବାବେଳେ ମୁଖ୍ୟତଃ ପର୍ଯ୍ୟଟକଙ୍କ ସଚେତନତାର ଅଭାବ ଯୋଗୁଁ ଏପରି ଘଟୁଥିବା କୁହାଯାଉଛି। ଏହାର ଏକାଧିକ କାରଣ ମଧ୍ୟରେ ପ୍ରଶାସନ ପକ୍ଷରୁ ଚିହ୍ନଟ ଅଞ୍ଚଳ ବ୍ୟତୀତ ପର୍ଯ୍ୟଟକମାନେ ମନଇଚ୍ଛା ଯେକୌଣସି ସ୍ଥାନରେ ସ୍ନାନ କରୁଛନ୍ତି। ଫଳରେ ସେମାନେ ଲାଇଫ୍‌ଗାର୍ଡଙ୍କ ନଜରରେ ରହୁନାହାନ୍ତି। ଯଦି ଉଚ୍ଚ ଲହଡ଼ି ଆସିଲା ତେବେ ସେମାନେ ବିପଦରେ ପଡୁଛନ୍ତି। ପର୍ଯ୍ୟଟକମାନେ ସଚେତନ ହେଲେ ଦୁର୍ଘଟଣା ନିଶ୍ଚିତ ଭାବେ ହ୍ରାସ ପାଇବ।

ଆଜି ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି

## ସନ୍ଧ୍ୟା ୭ରୁ ରାତି ୧୨ ଦର୍ଶନ ବନ୍ଦ

ପୁରୀ,୧୪।୮ (ସମିସ): ଶୁକ୍ରବାର ଭାଦ୍ରବ ସପ୍ତମୀ ଯୁକ୍ତ ଅଷ୍ଟମୀ ତିଥି। ଏହି ପବିତ୍ର ତିଥିରେ ଜନ୍ମ ନେବେ ପ୍ରଭୁ ଶ୍ରୀକୃଷ୍ଣ। ଏଥିଲାଗି ଶ୍ରୀମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଭିତରେ ପାଣିପଡ଼ି ଟେରାବନ୍ଧା ହୋଇ ରୋଷରେ ସନ୍ଧ୍ୟାଧୂପ ଛାମୁକୁ ଆସିଥିଲା। ସନ୍ଧ୍ୟାଧୂପ ପୂଜା ପରେ ଭିତରେ ପାଣି ପଡ଼ି ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଟେରା ବନ୍ଧା ହେବା ପରେ ଜେଉଡ଼ ଭୋଗ (ଶାଗ, ତରକାରୀ, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ତିନିଜଣ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା କରିଥିଲେ। ପାଣିପଡ଼ି ଧୋପଖାଳ ହେଲା ପରେ ପଣ୍ଡା, ପତି ଓ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ଏହି ବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଅନ୍ୟପକ୍ଷରେ ଶୁକ୍ରବାର ସନ୍ଧ୍ୟାଧୂପ ଭୋଗ ଛେକ ଆସିବା ପରେ ପରେ କୃଷ୍ଣ ଜନ୍ମ ନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଜେଉଡ଼ ଭୋଗ ଏବଂ ଗର୍ଭଉଦକ ବନ୍ଦାପନା ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଗର୍ଭବତୀ ନାରୀମାନେ ସୁଖ ପ୍ରସବ ଲାଗି ଜେଉଡ଼ ଫଳ ଖାଇଥାନ୍ତି। ଜନ୍ମାଷ୍ଟମୀର ପୂର୍ବଦିନ ଶ୍ରୀଜଗନ୍ନାଥ ଦେବକୀ ରୂପ ଧାରଣ କରି ଜେଉଡ଼ ଭୋଗ ଖାଇଥାନ୍ତି। ତାଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିବାରୁ ତାଙ୍କୁ ଗୋଟିଏ ଅଧିକ ବନ୍ଦାପନା କରାଯାଏ। ତାହାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଲୀଳାମୟ ଠାକୁରଙ୍କ ଏହା ଏକ ଅଲୌକିକ ଲୀଳା। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କଠାରୁ ଶ୍ରୀକୃଷ୍ଣ ସୃଷ୍ଟି ହେବେ ବୋଲି ଗବେଷକ ଡ. ଦାଶ କହିଛନ୍ତି।

ଦ ବେଲ୍ ପକ୍ଷରୁ ଗୋବିନ୍ଦା କାର୍ଯ୍ୟକ୍ରମ

## ଦହି ହାଣ୍ଡି ଭାଙ୍ଗିଲେ ଛାତ୍ରଛାତ୍ରୀ

ପୁରୀ,୧୪।୮ (ସମିସ): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍ ୟୁଥ୍ ଫୋରମ୍ ତରଫରୁ ଗୋବିନ୍ଦା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଳିଆପଣ୍ଡାସ୍ଥିତ ଭାରତ ଯୋଗ କେନ୍ଦ୍ର ପରିସରରେ ଥିବା ଏକଲବ୍ୟ ପାଠଶାଳାଠାରେ ଆୟୋଜିତ ଏହି ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପୌରାଣିକ ଚରିତ୍ରକୁ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମକୁ ଏସ୍‌ଏଲ୍‌ସିୟୁ ଟ୍ରଷ୍ଟ ସମ୍ପାଦକ ରାଜ କିଶୋର ପାତ୍ର ଉଦ୍‌ଘାଟନ କରିଥିବାବେଳେ ବରେଣ୍ୟ ଅତିଥି ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ହରିଶଙ୍କର ମିଶ୍ର, ବେଲ୍‌ର ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା, ସମାଜସେବୀ ସୂର୍ଯ୍ୟ ରଥ, ବେଲ୍‌ର ବରିଷ୍ଠ ସଭ୍ୟ ତଥା ସାମ୍ବାଦିକ ନାରାୟଣ ଦାଶ ଯୋଗଦେଇଥିଲେ।



ଛାତ୍ରଛାତ୍ରୀ ଏହି ଅବସରରେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଜାଗରଣ କରିବା ଓ ଆମ ସଂସ୍କୃତି ପ୍ରତି ସେମାନଙ୍କ ଆଗ୍ରହ ବୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ ସମୟର ଏକ ଆବଶ୍ୟକତା ବୋଲି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସୂଚନା ଦେଇଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନେ ପିରାମିଡ୍ କରି ଦହି ହାଣ୍ଡି ଭାଙ୍ଗିଛନ୍ତି। କାର୍ଯ୍ୟକ୍ରମକୁ ବେଲ୍ ୟୁଥ୍ କ୍ଲବ୍ ସଂଯୋଜକ ଆକାଶ ସିଂ, ସହ ସଂଯୋଜିକା ମୋନାଲିସା ଜେନା, ଏକଲବ୍ୟ ପାଠଶାଳାର ପରିଚାଳକ ଉମେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ।

● ନିଆଁ ଲାଗି ମହିଳା ପୋଡ଼ିଯିବା ଘଟଣା

## ଋଣଭାର ସହି ନ ପାରି ଆତ୍ମାହୁତି ଉଦ୍ୟମ

ପିପିଲି,୧୪।୮ (ସମିସ): ପିପିଲିରେ ନିଆଁ ଲାଗି ଜଣେ ମହିଳା ପୋଡ଼ିଯିବା ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୁରୀର ଅତିରିକ୍ତ ଏସ୍‌ପି ସଚିନ୍ ପଟେଲ। ଏହା ଏକ ଆତ୍ମହତ୍ୟା ମାମଲା। ଘଟଣାସ୍ଥଳରୁ ଏକ କିରାସିନି ବୋତଲ ପୁଲିସ ଜବତ କରିଛି। ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଜବତ କରିଛି। ଏହି ଘଟଣାରେ କେହି ଦାୟୀ ନ ଥିବା ସୁଇସାଇଡ୍ ନୋଟ୍‌ରେ ମହିଳା ଜଣକ ଉଲ୍ଲେଖ କରିଛନ୍ତି। ଅତ୍ୟଧିକ ଋଣଭାର ସହି ନ ପାରି ମହିଳା ଜଣକ ଆତ୍ମାହୁତି ଉଦ୍ୟମ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅନୁସନ୍ଧାନ ଜାରି ରହିଥିବାବେଳେ କୌଣସି ସମସ୍ୟାକୁ ନେଇ ମହିଳା ଜଣକ ଥାନାରେ ପୂର୍ବରୁ ସୂଚନା ଦେଇ ନ ଥିଲେ। ଏହା ତାଙ୍କ ବ୍ୟକ୍ତିଗତ ଘଟଣା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଆହତ ମହିଳା ଅର୍ଚ୍ଚନା ଦାସଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଭେଣ୍ଟିଲେଟରରେ ଅଛନ୍ତି।



ସୂଚନା ଥାଉକି, ବୁଧବାର ପିପିଲି ହାଟ ଛକ ନିକଟ ଜୟପୁରଠାରେ ଥିବା ଏକ ଭଡ଼ାଘରେ ଜଣେ ୩୧ ବର୍ଷିୟା ମହିଳା ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା।

## ବ୍ଲୁ ଫ୍ଲାଗ୍ ବିଚ୍‌ରେ ତ୍ରିରଙ୍ଗା ଶୋଭାଯାତ୍ରା

ପୁରୀ,୧୪।୮ (ସମିସ): ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଅପରାହ୍ଣରେ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ପୁରୀ ଜିଲ୍ଲା ପ୍ରଶାସନ ଓ ପୁରୀ ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ପତାକା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଯୋଗଦେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତ୍ରିରଙ୍ଗା ଆମ ଦେଶପ୍ରେମ ଓ ସ୍ୱାଭିମାନର ପ୍ରତୀକ। ଏହାର ଗରିମାକୁ ଆମେ ବଜାୟ ରଖିବା ଲାଗି ସେ ଆହ୍ୱାନ ଦେଇଥିଲେ। ସେହିପରି ସମସ୍ତଙ୍କ ପାଇଁ ସ୍ୱଚ୍ଛତା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ସୁସ୍ଥ ଓ ନିରୋଗ ରହିବାକୁ ସ୍ୱଚ୍ଛତା ପ୍ରେରଣା ଦିଏ। ତେଣୁ ଆମେ ସମସ୍ତେ ନିଜ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ହର୍ ଘର୍ ତିରଙ୍ଗା ଓ ହର୍ ଘର୍ ସ୍ୱଚ୍ଛତା ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରଜିତ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଭାଗର କର୍ମଚାରୀ, ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରମୁଖ ଯୋଗଦେଇ ତ୍ରିରଙ୍ଗା ଧରି ଦେଶପ୍ରେମର ନାରା ଦେଇଥିଲେ। ସମୁଦ୍ର କୂଳରେ ଏକ ବୃହତ୍ ମାନବ ଶୃଙ୍ଖଳର ଆୟୋଜନ କରାଯାଇଥିଲା।



## ଆଜି ସୁନାବେଶରେ ଦର୍ଶନ ଦେବେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୧୪।୮ (ସମିସ): ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ସାକ୍ଷୀଗୋପାଳ ଠାକୁର ପ୍ରଭୁ ଛନ୍ଦା ଚରଣ ଶ୍ରୀଶ୍ରୀ ଗୋପାଳଜୀଉ ଓ ଠାକୁରାଣୀ ମା' ରାଧାରାଣୀଙ୍କ ଦୁର୍ଲଭ ସୁବର୍ଣ୍ଣ ଅଳଙ୍କାର ଶୋଭିତ ସୁନାବେଶ ଅନୁଷ୍ଠିତ ହେବ। ସକାଳ ୮ଟାରୁ ଠାକୁରଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଭକ୍ତମାନେ ସୁଯୋଗ ପାଇବେ ବୋଲି ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିପାଇଁ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ଦିନକ ପୂର୍ବରୁ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଙ୍ଘ ପକ୍ଷରୁ ଗୁରୁବାରଠାରୁ ଶନିବାର ଅର୍ଥାତ ନନ୍ଦ ଉତ୍ସବ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ମନ୍ଦିର ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ ଅନୁଷ୍ଠିତ ହେବ।

## ଜାତୀୟ ପତାକା ଇତିହାସ ସମ୍ପର୍କିତ ପ୍ରଦର୍ଶନୀ




ପୁରୀ,୧୪।୮ (ସମିସ): ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବିବିଏ, ଏମ୍‌ବିଏ ଏବଂ ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗରେ ଗୁରୁବାର ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତୀୟ ପତାକାର ଇତିହାସ ଓ କ୍ରମ ବିବର୍ତ୍ତନ ଶୀର୍ଷକ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବରିଷ୍ଠ ଅଧ୍ୟାପକ ଅଧ୍ୟାପିକା ଡ. ଦିଲ୍ଲୀପ ସ୍ୱାଇଁ, ଡ. ରବିନ୍ଦ୍ର ପ୍ରଧାନ, ଡ. ଗୌତମ ସେଠୀ, ଡ. ପ୍ରମୋଦ ତ୍ରିପାଠୀ, ଡ. ସଙ୍ଗୀତା ମିଶ୍ର, ଏମ୍‌ବିଏ ବିଭାଗର ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର, ବିଭାଗୀୟ ବରିଷ୍ଠ ଅଧ୍ୟାପକ ଅଧ୍ୟାପିକା ଡ. ଅଭିଷେକ ଶତପଥୀ, ଶିବପ୍ରସନ୍ନ ପଟ୍ଟନାୟକ, ବିଜୟଲକ୍ଷ୍ମୀ ଭୋଳ, ପ୍ୟାରୀମୋହନ ଜେନା, ସୌମ୍ୟା ମହାନ୍ତି, ବିଷ୍ଣୁ ପ୍ରସାଦ ସାମନ୍ତରାୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ୧୯୦୬ରୁ ଆରମ୍ଭ ହୋଇ ସ୍ୱାଧୀନତାପ୍ରାପ୍ତି ମଧ୍ୟରେ ଭାରତୀୟ ଜାତୀୟ ପତାକାର କ୍ରମ ବିବର୍ତ୍ତନ ଓ ଅନ୍ତିମ ରୂପରେଖ ସମ୍ପର୍କରେ ଏହି ଫଟୋ ପ୍ରଦର୍ଶିତ ହେବା ସହିତ ଜାତୀୟ ପତାକାର ମୂଳ ପରିକଳ୍ପନାକାରୀ ପିଙ୍ଗଳି ଭେଙ୍କୟାଙ୍କ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା।

## ଦେଶାତ୍ମବୋଧ କବିତା ଆସର

ପୁରୀ,୧୪।୮ (ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ପୁରୀ ଜିଲ୍ଲା ପ୍ରଶାସନ ଏବଂ ପୁରୀ ସାହିତ୍ୟ ଉତ୍ସବ ସମିତି ମିଳିତ ଆନୁକୂଲ୍ୟରେ ଦେଶାତ୍ମବୋଧ କବିତା ଆସର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଉପସ୍ଥିତ ଲେଖକମାନଙ୍କୁ ଦେଶ ହିତ ପାଇଁ ଲେଖନୀଚାଳନା ପାଇଁ ଆହ୍ୱାନ ଦେଇଥିଲେ। ପୁରୀ ସାହିତ୍ୟ ଉତ୍ସବ ସମିତିର ସଂଯୋଜକ ସଦାଶିବ ମିଶ୍ର ଏବଂ ବିପିନ ବିହାରୀ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଏବଂ ସର୍ବାଣୀ ଦାସଙ୍କ ସଂଯୋଜନାରେ ବହୁ କବି କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ। ପ୍ରବାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।









# ଭୋଟ୍ ଚୋରି ବିରୋଧରେ ପୁରୀ କଂଗ୍ରେସର ମଶାଲ ରାଲି

ପୁରୀ,୧୪।୮ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ଭୋଟ୍ ଚୋରି କରି କ୍ଷମତାକୁ ଆସିଛି ବିଜେପି। ଏଭଳି ଅଭିଯୋଗ ଆଣି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ। ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟରେ ଭୋଟ୍ ଚୋରି ହୋଇଥିବା ଅଭିଯୋଗ ଆଣିଛି କଂଗ୍ରେସ। ଏହା ବିରୋଧରେ ଗୁରୁବାର ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ଦଳୀୟ କାର୍ଯ୍ୟାଳୟ ଇନ୍ଦିରା ଭବନଠାରୁ ଶତାଧିକ କଂଗ୍ରେସ କର୍ମୀ ମଶାଲ ରାଲି କରିଥିଲେ। କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ବିଜେପି ସରକାର ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ପୁରୀ ସହର କଂଗ୍ରେସ ସଭାପତି ଅମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, କାକଟପୁର ବ୍ଲକ୍ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ, ସେବା ଦଳ ପୁରୀ ଜିଲ୍ଲା ମୁଖ୍ୟ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ଗୁଣଧର ପ୍ରଧାନ, ପିସିସି ପୂର୍ବତନ ସମ୍ପାଦକ ବିଶ୍ୱନାଥ ଦାଶ, ମନୋଜ ରଥ, ସୁକାନ୍ତ ମହାନ୍ତି, ଲଲାଟେନ୍ଦୁ ଦାଶ, ସ୍ୱାଧୀନ ପଣ୍ଡା, ସୁକାନ୍ତ ପ୍ରଧାନ, ରଜତ ସାହୁ, ଅବିନାଶ ମିଶ୍ର, ଚେତନ ମିଶ୍ର, ପୂର୍ବତନ ୱାର୍ଡମେମ୍ବର ସୀତାକାନ୍ତ ମହାନ୍ତି, ଉମାକାନ୍ତ ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।



# ମେଟ୍ରୋ ପ୍ରକଳ୍ପ ପାଇଁ ଦିଆଯିବ କେନ୍ଦ୍ରକୁ ପ୍ରସ୍ତାବ

## ଗଠନ ହେଲା ସ୍ୱତନ୍ତ୍ର ଟେକ୍ନିକାଲ କମିଟି

ଭୁବନେଶ୍ୱର,୧୪।୮ (ସମିସ): ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ରକୁ ଦିଆଯିବ ପ୍ରସ୍ତାବ। କେନ୍ଦ୍ର ସରକାରଙ୍କ ସହଯୋଗରେ ନିର୍ମାଣ ହେବ ମେଟ୍ରୋ। ଏହାସହ ପ୍ରକଳ୍ପ ଆଗକୁ ନେବାକୁ ଏକ ବିସ୍ତୃତ ଗତିଶୀଳ ଯୋଜନା ପ୍ରସ୍ତୁତ କରାଯିବ। ନୂଆ ଢାଞ୍ଚାରେ ଏକ ଟେକ୍ନିକାଲ କମିଟି ଗଠନ ହେବ। ଏହି କମିଟିର ସଦସ୍ୟମାନେ ବିଭିନ୍ନ ରାଜ୍ୟରେ ଚାଲୁଥିବା ମେଟ୍ରୋ ପ୍ରକଳ୍ପ ବୁଲି ଦେଖିବେ। ଏହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହାପରେ ରିପୋର୍ଟ ଆଧାରରେ ମେଟ୍ରୋ ପ୍ରକଳ୍ପକୁ ନେଇ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରିସ୍ତରୀୟ ସବ୍-କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ନୂଆ ଢାଞ୍ଚାରେ ଏକ ଟେକ୍ନିକ୍‌କାଲ କମିଟି ଗଠନ ହେବ। ଏଥିରେ ଅଧିକାରୀମାନଙ୍କ ସମେତ ଏକ୍ସପର୍ଟ ରହିବେ। ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଲୋକଙ୍କ ସମେତ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ମତାମତ ସଂଗ୍ରହ କରାଯିବ। କେଉଁଠି ଷ୍ଟେସନ ନିର୍ମାଣ ହେବ, କେଉଁଠି ପାର୍କିଂ କରାଯିବ, ସେଥିପାଇଁ କମିଟି ସ୍ଥିର କରିବ।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀଙ୍କ ମେଟ୍ରୋ ସମ୍ପର୍କିତ ବୟାନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀ ସିଂହଦେଓ ମେଟ୍ରୋ ନିର୍ମାଣ ପାଇଁ ବୈଠକରେ ବସିଥିଲେ। ସହରଗୁଡ଼ିକରେ ମେଟ୍ରୋ କ୍ଷତିରେ ଚାଲୁଛି ବୋଲି କହିଥିଲେ। ମେଟ୍ରୋକୁ ସେତିକି ଯାତ୍ରୀ ଆସୁନାହାନ୍ତି, ଏଣୁ ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି ବୋଲି ସେ କହିଥିଲେ। ଟେକ୍ନିକାଲ କମିଟି ଏସବୁକୁ ଅନୁଧ୍ୟାନ କରିବ। ଏହାପରେ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣକୁ ନେଇ ବହୁବାର କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ବହୁବାର କେନ୍ଦ୍ର ସରକାରଙ୍କ ସହଯୋଗ ମିଳିନଥିଲା। ଏଣୁ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ମେଟ୍ରୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଏକ ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରି ରିପୋର୍ଟ ଦେଇଥିଲା। ଏହି ଆଧାରରେ ମେଟ୍ରୋ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାପରେ ଟେଣ୍ଡର ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ମୃତ୍ତିକା ପରୀକ୍ଷାଠାରୁ ଆରମ୍ଭ କରି ଅନେକ କିଛି କାମ ଆଗକୁ ଯାଇଥିଲା। ହେଲେ ସରକାର ବଦଳିବା ପରେ ମଧ୍ୟ କିଛି ଦିନ କାମ ଚାଲିଲା। ମେଟ୍ରୋ ପ୍ରକଳ୍ପକୁ ଅଚାନକ ସ୍ଥଗିତ କରାଗଲା। ଠିକାସଂସ୍ଥା ସହ ଟେଣ୍ଡର ବାତିଲ କରାଗଲା। ଯାହା ପୂର୍ବରୁ ହୋଇ ସାରିଥିଲା ସେସବୁ ପୁଣି କରାଯିବ।



ସ୍ୱାଧୀନତା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## କାର୍ଯ୍ୟକ୍ଷେତ୍ରରେ ବିଶିଷ୍ଟ ସେବା

# ଓଡ଼ିଶାର ୨ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ

ଭୁବନେଶ୍ୱର,୧୪।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଦେଶରେ ବୀରତା ଏବଂ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯିବ। ତନ୍ମଧ୍ୟରୁ କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା ପାଇଁ ଓଡ଼ିଶାରୁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିବ। ସେମାନେ ହେଲେ, ଏଏସ୍‌ପି ରବୀନ୍ଦ୍ର ପଣ୍ଡା ଏବଂ କମାଣ୍ଡାଣ୍ଟ ନରେଶ ପଟେଲ। ସେହିପରି ଭାବେ ଓଡ଼ିଶାରୁ ୯ ଜଣ ସାହସିକତା ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୧ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପଦକ ମିଳିବ। ଏନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

**୯ ଜଣଙ୍କୁ ସାହସିକତା, ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ**

ଓଡ଼ିଶାର ଯେଉଁ ୯ ଜଣ ସାହସିକତା ପୁରସ୍କାର ପାଇବେ, ସେମାନଙ୍କ ମଧ୍ୟରେ ସବ୍-ଇନ୍ସପେକ୍ଟର୍ ଅମରେଶ ଚନ୍ଦ୍ର ନରେନ୍ଦ୍ର, କନେଷ୍ଟବଳ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଓଏପିଏଫ୍ ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଗ, କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀନ ଶେଷ ଏବଂ ଅଭିମନ୍ୟୁ ମାଝୀ ରହିଛନ୍ତି। ସେହିପରି ୧୧ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ପୁଲିସ ପଦକ ପ୍ରଦାନ କରାଯିବ। ଅଧିକାରୀମାନେ ହେଲେ, ସହକାରୀ ମହାନିରୀକ୍ଷକ ମହେଶ୍ୱର ସେଠୀ, ଅତିରିକ୍ତ ପୁଲିସ ଅଧୀକ୍ଷକ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ପୁଲିସ ଅଧୀକ୍ଷକ ଦେବେନ୍ଦ୍ର ନାରାୟଣ ଦାଶ, ଉପ ପୁଲିସ ଅଧୀକ୍ଷକ ଆଶିଷ କୁମାର ରାଉତ, ଇନ୍ସପେକ୍ଟର୍ ଏ. ଶ୍ରୀନିବାସ ଦୋରା, ଉପ ପୁଲିସ ଅଧୀକ୍ଷକ ହେମାମାଳନୀ ନାୟକ, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଇନ୍ସପେକ୍ଟର୍ ସନ୍ତୋଷ କୁମାର ମିର୍ଦ୍ଧା, ସହକାରୀ ସବ-ଇନ୍ସପେକ୍ଟର୍ ଅରୁଣ କୁମାର ସାମନ୍ତ, ସହକାରୀ ସବ-ଇନ୍ସପେକ୍ଟର୍ ଅରବିନ୍ଦ ଦାସ ଏବଂ କନେଷ୍ଟବଳ ଚିନ୍ମୟୀ ରାଉତ।

ସୂଚନାଯୋଗ୍ୟ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ୧,୦୯୦ ଜଣ ପୁଲିସ, ଅଗ୍ନିଶମ, ହୋମଗାର୍ଡ, ନାଗରିକ ପ୍ରତିରକ୍ଷା ଏବଂ ସୁଧାର ସେବା କର୍ମଚାରୀଙ୍କୁ ସାହସିକତା ତଥା ସେବା ପଦକ ପ୍ରଦାନ ପାଇଁ ନାମ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ବିଶିଷ୍ଟ ସେବା ପାଇଁ ୯୯ଜଣଙ୍କୁ ରାଷ୍ଟ୍ରପତି ପଦକ, ୨୩୩ ଜଣଙ୍କୁ ସାହସିକତା ପଦକ ଏବଂ ପ୍ରଶଂସନୀୟ ସେବା ପାଇଁ ୭୫୮ଜଣଙ୍କୁ ପଦକ ମିଳିବ।

## ଧାନ ବିକ୍ରି ପଞ୍ଜୀକରଣ ଅଡୁଆ

# ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ






ବରଗଡ଼, ୧୪।୮ (ସମିସ): ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ। ବରଗଡ଼ ଜିଲ୍ଲାରେ ଆଜି ଜାତୀୟ ରାଜପଥ ଉପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ପାଇଁ ଦାବି କରି ଆଜି ବହୁ ସଂଖ୍ୟାରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିବାକୁ ଆସିଥିଲେ। ବରଗଡ଼ କଳାପାଣି ମାର୍କେଟ୍ ୟାର୍ଡରେ ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ଯୋଜନା କରୁଥିଲେ। କିନ୍ତୁ ପୁଲିସ ସେଠାରୁ ଚାଷୀମାନଙ୍କୁ ଉଠାଇ ନେଇଥିଲା। ତେବେ ପୁନର୍ବାର ଫରାପାର୍ଟ ମନ୍ଦିର ସମ୍ମୁଖରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେଠାକୁ ମଧ୍ୟ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ସମସ୍ତଙ୍କୁ ଉଠାଇ ନେଇଥିଲା। ଏଥିଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସମସ୍ତ ଚାଷୀଙ୍କୁ ନେଇ ରିଜର୍ଭ ପଡ଼ିଆରେ ଅଟକ ରଖିଥିବା ବେଳେ କିଛି ଚାଷୀ ସେଠାରୁ ଆସି ପୁଣି ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଲିସ୍ ପୁଣି ସେମାନଙ୍କୁ ଉଠାଇ ନେଇଥିଲେ। ପରେ ମନ୍ଦିର ପରିସର ସମ୍ମୁଖରେ ଚାଷୀଙ୍କ ଆଲୋଚନା ବେଳେ ଆଉ ଥରେ ଚାଷୀଙ୍କୁ ଉଠାଇ ନେଲା ପୁଲିସ। ଫଳରେ ଆଜି ଦିନସାରା ବିଭିନ୍ନ ସ୍ଥାନରେ ଚାଷୀ ଓ ପୁଲିସ ମୁହାଁମୁହିଁ ହୋଇଥିବା ଦେଖାଯାଇଥିଲା।

## ଚାଷୀଙ୍କୁ ଉଠାଇନେଲା ପୁଲିସ

ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡେପୁଟି କଲେକ୍ଟର୍ ମଦନ ପଣ୍ଡା, ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର, ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ସମସ୍ତ ଚାଷୀଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ। ତେବେ ଆଜିର ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଥିଲା। ସରକାର ପଞ୍ଜୀକରଣ ସମସ୍ୟାର ତୁରନ୍ତ ସମାଧାନ ନ କଲେ, ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।






ସକାଳ THE SAKALA



## ସ୍ୱଳ୍ପ ବର୍ଷା ଯୋଗୁଁ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ

କଣାସ,୧୪।୮ (ସମିସ): ଚଳିତ ବର୍ଷ ପାଣିପାଗର ଅନିୟମିତତା ଯୋଗୁଁ ବର୍ଷା ପରିମାଣ କମ୍ ହେବା ଯୋଗୁଁ ଶାରଦ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଚାଷୀମାନେ ଧାନରୁଆ କାର୍ଯ୍ୟ ପାଣି ଅଭାବ ଯୋଗୁଁ କରି ନ ପାରି ହାତବାନ୍ଧି ବସି ରହିଛନ୍ତି। ଯେଉଁ ଅଞ୍ଚଳରେ ଜଳସେଚନ ସୁବିଧା ପାଇଁ କେନାଲ୍‌ମାନ ନିର୍ମାଣ କରାଯାଇଛି ସେହି ଅଞ୍ଚଳରେ ଥିବା କେନାଲ୍‌ରେ ଜଳଯୋଗାଣ ହେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।



କଥାରେ ଅଛି ଧାରା ଶ୍ରାବଣରେ ମାସ ସାରା ବର୍ଷା ଅତ୍ୟଧିକ ହୁଏ, ଯାହାଦ୍ୱାରା କି ଚାଷୀମାନଙ୍କ ଧାନରୁଆ କାର୍ଯ୍ୟ ଶେଷ କରିଦେଇଥାଏ। କିନ୍ତୁ ଚଳିତ ବର୍ଷ ଧାରା ଶ୍ରାବଣରେ ମାସ ସାରା ବର୍ଷା ନ ହେବାରୁ ଜମି ସବୁ ଶୁଖି ଆଁ କରିଛି ଏବଂ ବର୍ଷା ନ ହେବାରୁ ଅନେକ ଧାନ ଜମିରେ ମୁଥା, ଚିରୁଡ଼ି ବଣ ମାଡ଼ିଗଲାଣି। ଯାହାଦ୍ୱାରା କି ଚାଷୀମାନେ ଏଗୁଡ଼ିକୁ ସାଧ କରିବା ପାଇଁ ନାକେଦମ୍ ହେବେ।

## ସଂସ୍କୃତ ସପ୍ତାହ ସମାରୋହ



କୁଣ୍ଢେଇ,୧୪।୮ (ସମିସ): ମଙ୍ଗଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ସପ୍ତାହ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଗହଳ ଆବେଦିନଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଥିବାବେଳେ ଓଡ଼ିଆ ବିଭାଗର ମୁଖ୍ୟ ଡ. ସଂଗ୍ରାମ ଛାଟୋଇ, ଇଂରାଜୀ ବିଭାଗର ମୁଖ୍ୟ ବେଞ୍ଜୁଲତା ସ୍ୱାଇଁ, ରସାୟନ ବିଭାଗ ମୁଖ୍ୟ ନୃସିଂହ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସଂସ୍କୃତ ସପ୍ତାହ ପାଳନର ଆଭିମୁଖ୍ୟ ଏବଂ ସଂସ୍କୃତ ଭାଷାର ପ୍ରାଚୀନତା, ଉପଯୋଗିତା, ମହନୀୟତା ସମ୍ପର୍କରେ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ଭାବେ ଭକ୍ତକବି ଜୟଦେବଙ୍କ ବଂଶଜ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର ମାନବ ଜୀବନର ଦୈନନ୍ଦିନ ଚାଲିଚଳନକୁ ଏହି ସଂସ୍କୃତ ସାହିତ୍ୟ ହିଁ ନିୟନ୍ତ୍ରିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ସମାରୋହର ଅନ୍ତିମ ପର୍ଯ୍ୟାୟରେ ସଂସ୍କୃତ ସପ୍ତାହ ପାଳନ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ମୁଖ୍ୟ ଡ. ଚିନ୍ମୟୀ ମିଶ୍ର ସୁଚାରୁ ରୂପେ ପରିଚାଳନା କରିଥିଲେ।

## ଶ୍ରୀକୃଷ୍ଣ ଜନ୍ମ ମହୋତ୍ସବ ଉଦ୍‌ଘାଟିତ




ସାକ୍ଷୀଗୋପାଳ,୧୪।୮ (ସମିସ): ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଗୁରୁବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉଦ୍‌ଘାଟିତହୋଇଯାଇଛି। ଏହିଅବସରରେମୁଖ୍ୟଅତିଥିଭାବରେଦୈନିକସମାଜରପୂର୍ବତନ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ସେବାୟତ ସଂଘ ସଭାପତି ଅଶୋକ ଖୁଣ୍ଟିଆ, ଉପସଭାପତି ସଞ୍ଜୟ ନନ୍ଦ, ସମ୍ପାଦକ ପ୍ରତାପ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସଂସ୍କୃତି ବିଭାଗ ତରଫରୁ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆସାମ ବିହୁ ନୃତ୍ୟ, ରାଜସ୍ଥାନୀ ନୃତ୍ୟ ଏବଂ ମାଷ୍ଟର ବଣ୍ଟିଙ୍କ ଦ୍ୱାରା ମ୍ୟାଜିକ୍ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଂହାରୀ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିବାବେଳେ ସେବାୟତ ସଂଘ ସଦସ୍ୟମାନେ ପରିଚାଳନା କରିଥିଲେ।

### ବେକରେ ରଶି ଲଗାଇ ନାବାଳିକାର ଆତ୍ମହତ୍ୟା ଘଟଣା

## ହତ୍ୟା ଅଭିଯୋଗ ଆଣି ଥାନା ସମ୍ମୁଖରେ ଜନ୍ମକଲା ମାଆର ଧାରଣା

ନିମାପଡ଼ା,୧୪।୮ (ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମର ଏକ ଭଡ଼ାଘରେ ଜଣେ ୧୪ ବର୍ଷିୟା ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ନାବାଳିକାର ବାପା ବୁଧବାର ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ରାତିରେ ନାବାଳିକାର ପ୍ରକୃତ ମାଆ ନିମାପଡ଼ା ଥାନାରେ ପହଞ୍ଚି ମୋ ଝିଅକୁ ତା' ବାପା, ସାବତ ମା', ବଡ଼ ବାପା, ବଡ଼ ମା' ମିଶି ମାରିଦେଇଥିବା ନେଇ ପାଲଟା ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ଗୁରୁବାର ସକାଳେ ମୃତ ନାବାଳିକାର ପ୍ରକୃତ ମା' ସତ୍ୟଭାମା ପ୍ରଧାନ ନିମାପଡ଼ା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଥାନା ଆଇଆଇସି ବାମଦେବ ସ୍ୱାଇଁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦତନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଙ୍କୁ ବୁଝାସୁଝା କରିବା ପରେ ସେ ଧାରଣାରୁ ଉଠିଥିଲେ।



ପ୍ରକାଶ ଯେ, ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଗଡ଼ତୋରିହିଁ ଗ୍ରାମର ମାନସ ପ୍ରଧାନ, ଦ୍ୱିତୀୟ ପତ୍ନୀ ଓ ନାବାଳିକା ଝିଅ ସ୍ଥାନୀୟ ଅଣ୍ଡିଆସାହି ଗ୍ରାମରେ ଏକ ଭଡ଼ାଘରେ ରହିଆସୁଥିଲେ। ଗତ ବୁଧବାର ସକାଳେ ନାବାଳିକା ଭଡ଼ାଘର ଆଜ୍‌ବେଷ୍ଟସ ଓରାରେ ବେକରେ ଓଢ଼ଣୀ ବାନ୍ଧି ଝୁଲି ପଡ଼ିଥିଲେ। ସେହି ସମୟରେ ବାପା-ମାଆ ଘରେ କେହି ନ ଥିଲେ। ସେମାନେ ଆସି ତାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଝିଅ ଆତ୍ମହତ୍ୟା କରିଛି ବୋଲି ବାପା ମାନସ ଥାନାରେ ଏକ ଅଭିଯୋଗ କରିବାରୁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କିନ୍ତୁ ବୁଧବାର ରାତିରେ ଝିଅର ପ୍ରକୃତ ମା' ସତ୍ୟଭାମା ପ୍ରଧାନ ନିମାପଡ଼ା ଥାନାରେ ପହଞ୍ଚି ଝିଅକୁ ତା' ବାପା, ସାବତ ମା', ବଡ଼ ବାପା, ବଡ଼ ମା' ମିଶି ମାରିଦେଇଥିବା ନେଇ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଉକ୍ତ ୪ ଜଣଙ୍କ ନାଁରେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ କାରଣରୁ ସତ୍ୟଭାମା ୪ ବର୍ଷ ହେବ ନିଜ ବାପଘର କୋଣାର୍କରେ ରହି ଆସୁଛନ୍ତି। ମାନସ ପୁଣି ଦ୍ୱିତୀୟ ବିବାହ କରିଥିଲେ। ନାବାଳିକା ଜଣକ ନିଜ ଜନ୍ମକଲା ମା' ସତ୍ୟଭାମାଙ୍କ ପାଖରେ ରହୁଥିଲେ। ତେବେ ଝିଅର ପାଠପଢ଼ା ଏବଂ ଖାଇବାକୁ ଦେବାରେ ଅସମର୍ଥ ହେବାରୁ ଝିଅର ବାପା ମାନସ ତାଙ୍କୁ ନେଇ ଆସି ନିଜ ପାଖରେ ରଖିଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ଗୁରୁବାର ନାବାଳିକାର ପ୍ରକୃତ ମାଆ ନିମାପଡ଼ା ଥାନା ଆଗରେ ଧାରଣା ଦେଇଥିଲେ। ତଦନ୍ତ କରାଯାଉଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ତାଙ୍କୁ ବୁଝାସୁଝା କରିବା ପରେ ସେ ଧାରଣାରୁ ନିବୃତ ହୋଇଥିଲେ।

## ସାକ୍ଷୀଗୋପାଳ କଲେଜରେ 'ହର୍ ଘର୍ ତିରଙ୍ଗା'

ସାକ୍ଷୀଗୋପାଳ,୧୪।୮ (ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଗୁରୁବାର "ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଉଦ୍‌ଘାଟନ କରି ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ଜାତୀୟ ସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଅଡିଟୋରିୟମ୍ ଗୃହରେ ତ୍ରିରଙ୍ଗା ସୁରକ୍ଷା ଓ ସମ୍ମାନ ପାଇଁ ଏକ ସମୂହ ଶପଥପାଠ କରାଯାଇଥିଲା। ଏହାପରେ ମହାବିଦ୍ୟାଳୟର ସଭାଗୃହରେ ବିଭିନ୍ନ ଦେଶପ୍ରେମମୂଳକ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜନ କରାଯାଇଥିଲା। ଅଧ୍ୟାପିକା ସସ୍ମିତା ପ୍ରଧାନ, ଶୁଭ୍ରଦୀପ୍ତା ପଟ୍ଟନାୟକ, ସ୍ୱର୍ଣ୍ଣଲତା ମାହାରୀ, ଡ. ଶଙ୍କର୍ଷଣ ପ୍ରଧାନ, ସାର୍ଥକ ମିଶ୍ର ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ତିନି ପୃଥକ୍ ଦୁର୍ଘଟଣାରେ ୯ ଆହତ; ୬ ଗାଡ଼ି ଜବତ

କୋଣାର୍କ/ଚାରିଛକ,୧୪।୮ (ସମିସ): ଗୁରୁବାର ପୁରୀ-କୋଣାର୍କ ବେଳାମାର୍ଗରେ ଚନ୍ଦ୍ରଭାଗା ମେରାଇନ ଥାନା ସମ୍ମୁଖରେ ଦୁଇଟି କାର୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୬ ଜଣ ଆହତ ହୋଇଥିବାବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଗୁରୁତର ଆହତ ଯାତ୍ରୀ ଦୁଇଜଣଙ୍କୁ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତ ଯାତ୍ରୀମାନେ ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ସେହିପରି ଚାରିଛକ-କାକଟପୁର ମୁଖ୍ୟ ରାସ୍ତାର ତୁଳସୀପୁର ଲକ୍ଷ୍ମୀବଜାର ଓ ଅମରେଶ୍ୱର ଛକ ନିକଟ ଗଡ଼ ଅମରପ୍ରସାଦଠାରେ ଦୁଇଟି ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ସମସ୍ତ ୬ଟି ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ ଜାରି ରଖିଛି।



ପ୍ରକାଶ ଯେ, ଚନ୍ଦ୍ରଭାଗା ନିକଟରେ ଦୁଇଟି କାର୍ ମୁହାଁମୁହିଁ ଧକ୍କାରେ ଗାଡ଼ି ସମ୍ମୁଖ ଭାଗ ଚୁର୍‌ମାର୍ ହୋଇଯାଇଥିଲା। ଏଥିରେ ୨ଜଣ ପର୍ଯ୍ୟଟକ ଗୁରୁତର ଆହତ ହୋଇଥିଲେ। ଖବରପାଇ ୧୦୮ ଆମ୍ବୁଲାନ୍ସରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କୋଣାର୍କ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କୋଣାର୍କ ଥାନାଧିକାରୀ ସୂଚନା ଦେଇଛନ୍ତି। ସେହିପରି ଅପରାହ୍ଣ ୪ଟାରେ ମୁଖ୍ୟରାସ୍ତାର ତୁଳସୀପୁର ଲକ୍ଷ୍ମୀବଜାରରେ ଚାରିଛକ ପଟୁ ଯାଉଥିବା ଏକ କାର୍ ବିପରୀତ ପଟୁ ଆସୁଥିବା ଏକ ବୁଲେଟ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୁଲେଟ୍ ଚାଳକ ବେଗୁନିଆ ଥାନା ଅନ୍ତର୍ଗତ ପିତୁକୁଳି ସାନବାଡ଼ ଗ୍ରାମର ସଞ୍ଜୟ ମହାନ୍ତି (୨୮) ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ସେହିପରି ଗଡ଼ ଅମରପ୍ରସାଦ ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ରାଉତରାଣୀ ବସ୍ ସହିତ ଏକ ଟାଟାଏସ୍ ଗାଡ଼ି ଧକ୍କା ହେବା ଫଳରେ ବସ୍‌ର ଜଣେ ମହିଳା ଯାତ୍ରୀ ଅଠାନ୍ତର ଅଞ୍ଚଳର ବିନୋଡୀ ବସ୍ତିଆ (୪୭) ଓ ବସ୍ ହେଲ୍‌ପର କାକଟପୁର ଲତାହରଣ ଗ୍ରାମର ମୃତୁଜା ଖାଁ (୨୮) ଗୁରୁତର ଆହତ ହୋଇ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ଚାରିଛକ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକ ଜବତ କରିବା ସହ ଘଟଣାର ତଦନ୍ତ ଚାଲୁ ରଖିଛି।

## ନୂଆ ନଈ ସେତୁ ଉଦ୍‌ଘାଟିତ



ସାକ୍ଷୀଗୋପାଳ,୧୪।୮ (ସମିସ): ଗବକୁଣ୍ଡ କଟ୍ ନିକଟରେ ନୂଆ ନଈ ଉପରେ ସତ୍ୟବାଦୀ ବ୍ଲକ୍ ଓ ପୁରୀ ସଦର ବ୍ଲକ୍‌କୁ ସଂଯୋଗ କରୁଥିବା ଗବକୁଣ୍ଡ କଟ୍ ନୂଆ ନଈ ସେତୁ ଗୁରୁବାର ଉଦ୍‌ଘାଟିତ ହୋଇଛି। ପୁରୀ ସାଂସଦ ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଫିତା କାଟି ଏହି ସେତୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ରାଏଖଣ୍ଡି ସରପଞ୍ଚ ସତ୍ୟନାରାୟଣ ନାୟକ, ମହୁରା ସରପଞ୍ଚ ସରିତା ପ୍ରିୟଦର୍ଶନୀ ପରିଜା, ପରଜାପଡ଼ା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ସାରଙ୍ଗଯୋଡ଼ି ସରପଞ୍ଚ ଜ୍ୟୋତିର୍ମୟୀ ରଥ, ସମିତିସଭ୍ୟ ଦୀପକ ଶତପଥୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସେତୁ ନିର୍ମାଣ ଦ୍ୱାରା ସତ୍ୟବାଦୀ ବ୍ଲକ୍‌ର ୮ଟି ପଞ୍ଚାୟତ, ପୁରୀ ସଦର ବ୍ଲକ୍‌ର ୧୦ଟି ପଞ୍ଚାୟତ, ଗୋପ ବ୍ଲକ୍‌ର ୮ଟି ପଞ୍ଚାୟତ ଓ ନିମାପଡ଼ା ବ୍ଲକ୍‌ର ୫ଟି ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। ୨୦୧୯ ମସିହାରେ ଏହି ସେତୁ ନିର୍ମାଣ ଆରମ୍ଭ ହୋଇଥିଲା। ଏହି ସେତୁ ନିର୍ମାଣ ଓ ଉଦ୍‌ଘାଟନ ଫଳରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।

## କୃଷକ ମୋର୍ଚ୍ଚା ଓ ସିଟୁ ତରଫରୁ ତହସିଲ୍ ସମ୍ମୁଖରେ ବିକ୍ଷୋଭ




ବ୍ରହ୍ମଗିରି,୧୪।୮ (ସମିସ): ଗୁରୁବାର ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ସିଟୁ ତରଫରୁ ବ୍ରହ୍ମଗିରି ତହସିଲ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ସ୍ମାରକପତ୍ର ତହସିଲ୍‌ଦାରଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍, ଭାରତରୁ ରପ୍ତାନୀଦ୍ରବ୍ୟ ଉପରେ ୫୦% ଶୁଳ୍କ ତଥା ଜରିମାନା, ରୁଷିଆ ଯିଏ ଆମ ଦେଶର ବହୁ ପୁରୁଣା ବନ୍ଧୁ ରାଷ୍ଟ୍ର ତା'ଠାରୁ ସମ୍ପର୍କ ବିଚ୍ଛିନ୍ନ କରିବାକୁ ଧମକ ଦେଇଥିଲେ। କର୍ପୋରେଟରରାଜ୍ ବିରୋଧରେ ତଥା ଶ୍ରମକୋଡ୍ ବାତିଲ୍, କୃଷକମାନଙ୍କ ପାଇଁ ଫସଲର କୃଷି ସହାୟକ ମୂଲ୍ୟ ଲାଗୁ କରିବା ପାଇଁ ଗଣସଂଗଠନ ଓ କିଷାନ ସଂଗଠନ ତରଫରୁ ବ୍ରହ୍ମଗିରି ତହସିଲ୍ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲ୍‌ଦାର ଶରତ କୁମାର ଦେଉରୀଙ୍କୁ ପ୍ରଦାନ କରିବା ସହ ସଭା କରାଯାଇଥିଲା। ଉକ୍ତ ସଭାରେ ଓଡ଼ିଶା କୃଷକ ସଭା ପୁରୀ ଜିଲ୍ଲା ସମ୍ପାଦକ ଭୀମସେନ ସ୍ୱାଇଁ, ଶ୍ରମିକ ନେତା ପୀତବାସ ବେହେରା, ହରିହର ସେନାପତି, ବିଦ୍ୟାଧର ଦଳାଇ, ସୁରେନ୍ଦ୍ର ଦଳାଇ, ଭୀମସେନ ବେହେରା, ତ୍ରିନାଥ ଭୋଇ, ସୁକାନ୍ତ ପୂଜାରୀ ବକ୍ତବ୍ୟ ରଖିଥିଲେ। ତୁରନ୍ତ ଆମେରିକା ରାଷ୍ଟ୍ରପତିଙ୍କ ସହ ଓ ବ୍ରିଟିଶ୍ ସହ କୌଣସି ଚୁକ୍ତିନାମା ନ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଋଷ୍ ସହ ଭଲ ସମ୍ପର୍କ ବଜାୟ ରଖିବା ପାଇଁ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା।

## ନିମାପଡ଼ା ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ନିମାପଡ଼ା,୧୪।୮ (ସମିସ): ନିମାପଡ଼ା ବିଜେପି ପକ୍ଷରୁ ଗୁରୁବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ନେତା ଓ କର୍ମୀ ନିମାପଡ଼ା ହରିପୁରଠାରୁ ଗୋପ ପର୍ଯ୍ୟନ୍ତ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଯିବା ସମୟରେ ଖେଳାର ବଜାରଠାରେ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ। ସେହିପରି ନିମାପଡ଼ା ଦୋଳବେଦୀ ଛକ ନିକଟରେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏବିଡିଓ ପ୍ରିୟଦର୍ଶିନୀ ବରାଳ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାଶ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶଙ୍କ ସମେତ ବ୍ଲକ୍ କର୍ମଚାରୀ ଓ ଏନ୍‌ଏସି କାଉନ୍‌ସିଲର ଓ କର୍ମଚାରୀ, ତହସିଲ୍ କର୍ମଚାରୀ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଅମିତା ମହାନାୟକ, ପ୍ରାଧ୍ୟାପକ ପ୍ରଦୀପ୍ତ ଦାଶ, ଅଧ୍ୟାପକ ଡ. ରବିନ୍ଦ୍ର ନାଥ ପାଢ଼ୀ, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଅଧ୍ୟାପକ ସୁବ୍ରତ କୁମାର ମହାନ୍ତି, ଅଧ୍ୟାପିକା ସ୍ୱପ୍ନାରାଣୀ ମିଶ୍ର, ଅଧ୍ୟାପିକା ନନ୍ଦିନ ପଟ୍ଟନାୟକ, ଏନ୍‌ସିସି ଅଫିସର ପ୍ରବୀର ବେହେରାଙ୍କ ସମେତ ଏନ୍‌ସିସି ଛାତ୍ରଛାତ୍ରୀ ଓ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଗୋପ ଅଭିମୁଖେ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଭାଜପା ପୁରୀ ଜିଲ୍ଲା ସଭାପତି ଡ. ଦେବେନ୍ଦ୍ର ନାଥ ତରାଇ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାଉନ୍‌ସିଲର ନିରଞ୍ଜନ ନାୟକ, ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ାଙ୍କ ସମେତ ସମସ୍ତ ଜୋନ୍‌ର ସଭାପତି, ସମ୍ପାଦକ, ପଞ୍ଚାୟତ ସଭାପତି, ଏନ୍‌ଏସି କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।



## କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା

କଣାସ,୧୪।୮ (ସମିସ): କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଗୁରୁବାର ଏକ କୁଇଜ୍ ପ୍ରତିଯୋଗିତା କଲେଜ ପରିସରରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୫ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଦ୍ୱାଦଶ କଳା ଶ୍ରେଣୀର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରଥମ, କରିସ୍ମା ଦେହୁରୀ ଦ୍ୱିତୀୟ ଓ ଧରିତ୍ରୀ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୁବ ରେଡ୍‌କ୍ରସ୍ ବିଭାଗ ତରଫରୁ ଉପଦେଷ୍ଟା ତଥା କଲେଜର ବରିଷ୍ଠ ଅଧ୍ୟାପକ ନିରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ପ୍ରଭାସ ମଙ୍ଗରାଜ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷା ସଞ୍ଜୁ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଦେବୀ ଓ କେଳୁଣୀ ମୁହାଁଣରେ କୂଳ ଲଂଘୁଛି ସମୁଦ୍ର



ଅସ୍ତରଙ୍ଗ,୧୪।୮ (ସମିସ): ଜଳବାୟୁ ପରିବର୍ତ୍ତନ କାରଣରୁ ପ୍ରକୃତିର କରାଳ ରୂପର ଶିକାର ହେଉଛି ସାରା ଦୁନିଆ। ଗ୍ଲାସିୟର ତରଳୁଥିବାରୁ ସମୁଦ୍ରର ପତନ ବୃଦ୍ଧି ପାଇ କୂଳକୁ ମାଡ଼ିଆସି ଦେବୀ ମୁହାଁଣଠାରୁ କେଳୁଣୀ ମୁହାଁଣ ପର୍ଯ୍ୟନ୍ତ ଥିବା ବାଲିବନ୍ତ କ୍ଷୟ କରିବା ସହିତ ଝାଉଁ ଜଙ୍ଗଲ ପ୍ରତି ବିପଦ ସୃଷ୍ଟି କରୁଛି। ଖାଲି ଏତିକି ନୁହେଁ, ଏହାର ପ୍ରଭାବରେ ମୁହାଁଣର ଗତିପଥରେ ତାଳମେଳ ରହୁ ନ ଥିବାରୁ ତା'ର ପ୍ରଭାବରେ ଲୁଣା ଜଙ୍ଗଲ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ବିଶେଷକରି ଜନବସତି ସହିତ ଅଞ୍ଚଳର ବହୁ ପୁରୁଣା ଶିବ ମନ୍ଦିର ବେଲେଶ୍ୱରଙ୍କ ମନ୍ଦିର ପ୍ରତି ବିପଦ ସୃଷ୍ଟି କରିଛି। ଯାହାକୁ ପ୍ରତିହତ କରି ମନ୍ଦିରକୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ବାସିନ୍ଦା ନିଜ ପ୍ରୟାସରେ ଲାଗିପଡ଼ିଛନ୍ତି। ଜୁଆର ସମୟରେ କୂଳକୁ ୩ରୁ ୪ ଫୁଟ୍‌ର ପାଣି ମାଡ଼ି ଆସୁଛି। ପୂର୍ଣ୍ଣିମା, ଅମାବାସ୍ୟା ଜୁଆରରେ ପୂର୍ବ ଅପେକ୍ଷା ଏବେ ଜଳପତନ ବୃଦ୍ଧି ପାଇଥିବା ପରିଲକ୍ଷିତ ହେଉଛି। ଜୁଆର, ଭଟ୍ଟା ସମୟରେ ପାଣିର ପ୍ରଖର ସ୍ରୋତରେ ବାଲିବନ୍ତ ଧ୍ୱସ୍ତବିଧ୍ୱସ୍ତ ହେଉଛି। ଜୁଆର ସମୟରେ ଜଳରାଶି କୂଳକୁ ଅତିକ୍ରମ କରିବା କାରଣରୁ ବାଲିବନ୍ତ ସବୁ ଧସି ସମୁଦ୍ର କୂଳକୁ କ୍ଷତି ପହଞ୍ଚାଉଛି।

୧୯୯୯ ମହାବାତ୍ୟା ପରେ ସାମୁଦ୍ରିକ ଝଡ଼ କିମ୍ବା ସମୁଦ୍ର ଅଶାନ୍ତ ସମୟରେ କେଉଟଜଙ୍ଗା, ଉଦୟକଣି, ଗଙ୍ଗାଦେବୀ ନିକଟରେ ସମୁଦ୍ର ବହୁବାର କୂଳ ଲଙ୍ଘିବାରୁ ସେଠାରେ ପୂର୍ବରୁ ଥିବା ଭିଟାମାଟି ସମୁଦ୍ରରେ ନିଶ୍ଚିହ୍ନ ହେବାରୁ ଅନେକ ସ୍ଥାନୀୟ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଠି ପ୍ରଶାସନର ସବୁ ପ୍ରୟାସ ପ୍ରକୃତି ଆଗରେ ହାର୍ ମାନିବାରେ ଲାଗିଛି। ଏହାର ସ୍ଥାୟୀ ସମାଧାନ ନ ହେଲେ ପ୍ରକୃତିର ଏହି ତାଣ୍ଡବ ଜନବସତି ପ୍ରତି କେଉଁ ମୁହୂର୍ତ୍ତରେ ବିପଦ ହୋଇ ଉଭା ହେବ ତାହା ଆକଳନ କରିବା ମୁସ୍କିଲ୍।

> ➤ ବିପଦରେ ଝାଉଁ ଜଙ୍ଗଲ, ବେଲେଶ୍ୱର ମନ୍ଦିର
> ➤ ଘାରିଚି ସୁରକ୍ଷା ଚିନ୍ତା; ଜଳବାୟୁ ପରିବର୍ତ୍ତନ ମୁଖ୍ୟ କାରଣ

## ବିଜେପି ପକ୍ଷରୁ ତିରଙ୍ଗା ଶୋଭାଯାତ୍ରା

ସାକ୍ଷୀଗୋପାଳ,୧୪।୮ (ସମିସ): ସତ୍ୟବାଦୀ ବ୍ଲକ୍‌ରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବନ ବିଦ୍ୟାଳୟ ବକୁଳବନଠାରୁ ଏହି ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଥିଲା। ପୁରୀ ସାଂସଦ ସମ୍ବିତ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତିସଭ୍ୟ ଦୀପକ ଶତପଥୀ, ତ୍ରିଲୋଚନ ରଥ, ହର ପ୍ରସାଦ ରଥ, ସତୀଶ ମିଶ୍ର, ସୁରେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ ଓ ପ୍ରଜ୍ଞାସ ପାତ୍ରଙ୍କ ସମେତ ଦଳୀୟ ନେତା ଓ ସମର୍ଥକମାନେ ଏକ ବାଇକ୍ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ବଜାର, ଜୟପୁର, ସାରଙ୍ଗଯୋଡ଼ି ବଜାର ପରିକ୍ରମା କରି ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋଠାରେ ପହଞ୍ଚିଥିଲା। ଜନ୍ମପୀଠରେ ମାଲ୍ୟାର୍ପଣ କରି ଉତ୍କଳମଣିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶୋଭାଯାତ୍ରା ଗବକୁଣ୍ଡ ବଜାର ପରିକ୍ରମା କରି ଗବକୁଣ୍ଡ ନୂଆ ନଈ କଟ୍ ନିକଟରେ ନିର୍ମିତ ନୂତନ ସେତୁ ନିକଟରେ ପହଞ୍ଚିଥିଲା।

## ଚାରିଛକ ବନ୍ଧୁମଣୀ ଟ୍ରେଡର୍ସ ପକ୍ଷରୁ ରାଜମିସ୍ତ୍ରି ସମ୍ମିଳନୀ

ଚାରିଛକ,୧୪।୮ (ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ସାଇକ୍ରିଷ୍ଣା କନ୍‌ଭେନ୍‌ସନ୍ ମଣ୍ଡପରେ ଚାରିଛକ ବନ୍ଧୁମଣୀ ଟ୍ରେଡର୍ସ ପକ୍ଷରୁ ରାଜମିସ୍ତ୍ରି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମଣୀ ଟ୍ରେଡର୍ସ ପ୍ରୋପାଇଟର ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ରାଜମିସ୍ତ୍ରି ସମ୍ମିଳନୀରେ ଚେଟିନାଡ୍ ସିମେଣ୍ଟ କମ୍ପାନୀର ଜେନେରାଲ ମ୍ୟାନେଜର ଅରବିନ୍ଦ ମହାନ୍ତି, ଟେକ୍‌ନିକାଲ ଅଫିସର ବିଜୟ କୁମାର ସାହୁ, ସହକାରୀ ମ୍ୟାନେଜର ପ୍ରତିଶ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଚେଟିନାଡ୍ ସିମେଣ୍ଟର ମାନ, ଗୁଣ, କାର୍ଯ୍ୟକାରିତା ଓ ମୂଲ୍ୟ ସମ୍ପର୍କରେ ରାଜମିସ୍ତ୍ରିମାନଙ୍କୁ ବୁଝାଇଥିଲେ। ଉକ୍ତ ସମ୍ମିଳନୀରେ ଚାରିଛକ, ତୁଳସୀପୁର, ବାହାରଣା, ଯୋଗେଶ୍ୱରପୁର, ନୟାହାଟ, କଳାପାଞ୍ଚଣ ଆଦି ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ରାଜମିସ୍ତ୍ରି ଯୋଗଦେଇଥିଲେ।

## ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ 'ହର୍ ଘର୍ ତିରଙ୍ଗା' ରାଲି

ବଳଙ୍ଗା,୧୪।୮ (ସମିସ): ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ନେତୃତ୍ୱରେ ତ୍ରିରଙ୍ଗା ରାଲିଆୟୋଜିତ ହୋଇଯାଇଛି। ଦେଶ ପ୍ରେମ ଭାବ ଉଦ୍ରେକ ସ୍ଲୋଗାନ, ତ୍ରିରଙ୍ଗା ପତାକା ଧରି ପଦଯାତ୍ରା ମହାବିଦ୍ୟାଳୟରୁ ବାହାରି ଖଣ୍ଡାୟତ ପାଟଣା, ମଉଗଜପୁର, ବଳଙ୍ଗା, ପୁରୁଣା ବଳଙ୍ଗା, ଶମ୍ଭୁଭାରତୀ ପାଟଣା, ଡାକ୍ତରଖାନା, ବଜାର, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଥାନା ପାଶ୍ୱର୍ ଦେଇ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଶେଷ ହୋଇଥିଲା। ବଜାରଘାଟ ଓ ପୂରପଲ୍ଲୀରେ ହର୍ ଘର୍ ତିରଙ୍ଗା ଦ୍ୱାରା ଜାତୀୟ ଏକତାର ବାର୍ତ୍ତା ଛାତ୍ରଛାତ୍ରୀମାନେ ବାଣ୍ଟିଥିଲେ। ରୋଗର ଶାଖା ପରିଚାଳକ ଅଧ୍ୟାପକ ବ୍ରଜବନ୍ଧୁ ପ୍ରଧାନ, ଜାତୀୟ ସେବା ଯୋଜନା ଶାଖା କାର୍ଯ୍ୟକ୍ରମ ଅଧିକାରୀ ମାନସ ରଞ୍ଜନ ମହାନ୍ତି, ୟୁଥ୍ ରେଡ୍‌କ୍ରସ କାଉନ୍‌ସିଲର ନୀଳକଣ୍ଠ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



## ଅବଶିଷ୍ଟାଂଶ

### ୬୫ ଲକ୍ଷ ଭୋଟରଙ୍କ...

ତାଲିକାରୁ ବାଦ୍ ପଡ଼ିଛି ସେମାନେ ଆଧାର କାର୍ଡ ସହିତ ନିର୍ବାଚନ ଅଫିସ ଯାଇ ନିଜର ନାମକୁ ସାମିଲ କରିପାରିବେ । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ପହିଲାରେ କମିସନ ପକ୍ଷରୁ ଯେଉଁ ଭୋଟର ଚିଠାତାଲିକା ପ୍ରକାଶ କରାଯାଇଛି ସେଥିରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏହି ଭୋଟରଙ୍କ ନାମ ପୁରୁଣା ତାଲିକାରେ ଥିଲା । କମିସନ କହିଥିଲେ ଯେ ଯେଉଁମାନଙ୍କ ନାମ କଟାଯାଇଛି ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୩୪ ହଜାର ଜୀବିତ ନୁହନ୍ତି, ୩୬ ଲକ୍ଷ ୨୮ ହଜାର ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିଛି । କମିସନ ଏହି ସଂଖ୍ୟା ଦେଇଥିଲେ ମଧ୍ୟ ଭୋଟରଙ୍କ ନାମ କିମ୍ବା ବାଦ୍ ପଡ଼ିବାର କାରଣ ଦର୍ଶାଇ ନଥିଲେ । ୨୦୦୩ରେ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜ ଦାଖଲ ପାଇଁ କୁହାଯାଇଥିଲା, ସେସଂପର୍କରେ ମଧ୍ୟ ରିପୋର୍ଟ ଦେବାଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି । ଆଜି ଶୁଣାଣି ବେଳେ କମିସନଙ୍କ ଓକିଲ କହିଥିଲେ ଯେ ୨୦୦୩ ଭୋଟର ତାଲିକାରେ ଯେଉଁ ଭୋଟର ବା ସେମାନଙ୍କ ପିତାମାତାଙ୍କର ନାମ ରହିଥିଲା, ସେମାନଙ୍କ ଠାରୁ କୌଣସି ଦସ୍ତାବଜିତ ମଗାଯାଇ ନାହିଁ । ସେ ଆହୁରି କହିଥିଲେ ଯେ ଇଭିଏମକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଚାଲିଥିବା ବିବାଦରେ କମିସନକୁ ଅନାବଶ୍ୟକ ଭାବେ ଟଣାଯାଉଛି ।

### ୪୬ ମୃତ...

ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ପାଇଁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଉଦ୍ଧାର ଅଭିଯାନରେ ସେନାକୁ ସାମିଲ କରାଯାଇଛି । ମାଟିତଳେ ୨୦୦ରୁ ୩୦୦ ଲୋକ ଫସିଥିବା ଆଶଙ୍କା କରାଯାଉଛି ବୋଲି ଡେପୁଟି କମିସନର ପଙ୍କଜ ଶର୍ମା କହିଛନ୍ତି । ଏନ୍‌ଡିଆରଏଫ୍‌ର ଦୁଇଟି ଦଳକୁ ଘଟଣା ସ୍ଥଳକୁ ପଠାଯାଇଛି । ସେ କହିଛନ୍ତି ଯେ ହଜାର ହଜାର ଶ୍ରଦ୍ଧାଳୁ ମଚୈଲ ଯାତ୍ରା ପାଇଁ ଚୋସିତି ଗାଁରେ ପହଞ୍ଚିଥିବା ବେଳେ ଏହି ଅଘଟଣ ଘଟିଥିଲା । ଯେଉଁ ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା ସେହିଠାରେ ହିଁ ପ୍ରବଳ ବର୍ଷା ହୋଇଥିଲା । ଏହି ସ୍ଥାନରେ ଶ୍ରଦ୍ଧାଳୁଙ୍କ ବସ, ଟେଣ୍ଟ, ଲଙ୍ଗର ଓ କେତୋଟି ଦୋକାନ ଥିଲା । ସବୁ ବନ୍ୟାରେ ଭାସି ଯାଇଛି । ମଚୈଲ ତୀର୍ଥ ଯାତ୍ରା ପ୍ରତିବର୍ଷ ଅଗଷ୍ଟ ମାସରେ ହୋଇଥାଏ । ଏହି ଯାତ୍ରାରେ ସାମିଲ ହେବାକୁ ହଜାର ହଜାର ଶ୍ରାଦ୍ଧାଳୁ ଦେଶର ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଯାତ୍ରା ଜୁଲାଇ ୨୫ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ ।

### ଜିଦ୍‌ରେ ଅଟଳ...

ବୋଲି ଚେତାବନୀ ଦେଇଛନ୍ତି । ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ୪ ଦିନ ହେବ କାମ ବନ୍ଦ କରିଛନ୍ତି । ଫଳରେ ସାଧାରଣ ଲୋକମାନେ ସରକାରୀ ସେବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ସରକାର ଲୋକଙ୍କର କୌଣସି ସମସ୍ୟାକୁ ବରଦାସ୍ତ କରାଯିବ ନାହିଁ ବୋଲି କହୁଥିଲେ ମଧ୍ୟ ସଂଘ ସହ ଆଲୋଚନା ନିମନ୍ତେ ଆଗ୍ରହ ପ୍ରକାଶ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୂହ ଛୁଟିରେ ଯିବା ନିଷ୍ପତ୍ତି ପୂର୍ବରୁ ନିଜର ଦାବି ପୂରଣ ନେଇ ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ । ସେହିପରି ସମୟରେ ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଆଲୋଚନା ପାଇଁ ଡାକରା ଆସିଥିଲା । ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପରି ନେବେ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନାହାନ୍ତି । ଯାହାକୁ ନେଇ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି ।

ଅନ୍ୟପକ୍ଷରେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେବା ସରକାରଙ୍କ ପାଇଁ ବୁମେରାଂ ହୋଇଛି । ମନ୍ତ୍ରୀଙ୍କ ଧମକ, ସଚିବଙ୍କ ଚେତାବନୀ ଅମଲା ସଂଘକୁ ଅଧିକ କ୍ରୋଧିତ କରିଛି । ଫଳରେ ସଂଘ ବିନା ଆଲୋଚନାରେ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ସଫା ମନା କରିଛି । ଯଦି ସରକାର ଲୋକଙ୍କ ସୁବିଧା ଚାହୁଁଛନ୍ତି, ତେବେ ଆଲୋଚନା କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି । ରାଜସ୍ୱ ଅମଲାମାନେ ଲୋକଙ୍କ ପାଇଁ କାମ କରୁଛନ୍ତି, ସରକାର ମଧ୍ୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରନ୍ତୁ ଓ ଚେତାବନୀ ନ ଦେଇ ଆମର ନ୍ୟାଯ୍ୟ ଦାବି ପୂରଣ କରନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସ୍ୱାଧୀନତା ଦିବସରେ ସଂଘର ସମସ୍ତ ସଦସ୍ୟ ଅର୍ଥାତ ରାଜସ୍ୱ ଅମଲାମାନେ ପତାକା ଉତ୍ତୋଳନ ସମ୍ପର୍କିତ ଜାତୀୟ ଉତ୍ସବରେ ଯୋଗ ଦେବେ; ମାତ୍ର ପୂର୍ବବତ୍ ସମୂହ ଛୁଟି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

### ଲାଗି ରହିବ...

ହୀରାକୁଦ ଓ ରାଉରକେଲା ଆଦିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ଅଧିକ ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ । ତେଣୁ ଅଗଷ୍ଟ ୧୫ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ନିବେଶ ଲାଗି ଉପଯୁକ୍ତ ସମୟ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଭୁଲ୍ କାମରୁ ଦୂରେଇ ରହିବେ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ । ଅତିଥି ସତ୍କାର କରିପାରନ୍ତି ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । କାମରୁ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଆୟ ଓ ବ୍ୟୟ ସମାନ ରହିବ ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ । କାମ କରିବାରେ ସକ୍ଷମ ହେବେ ନାହିଁ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ନକାରାତ୍ମକ ଚିନ୍ତାଧାର ଦୂର ହେବ । ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ ।

**ମକର:** ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ । ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ । ବିବାହ ବିଳମ୍ବ ହେବ ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

# ବାନ୍ଧବୀଙ୍କୁ ସଂଜ୍ଞାହୀନ କରି ଦୁଷ୍କର୍ମ



**ମେଡିକାଲରେ ଛାଡ଼ି ପଳାଇଲା**

ତେଲକୋଇ, ୧୪।୮ (ସମିସ): ବାନ୍ଧବୀଙ୍କୁ ମାଡ଼ ମାରି ସଂଜ୍ଞାହୀନ କରିବା ପରେ ଦୁଷ୍କର୍ମ ଏବଂ ପରେ ଯୁବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ପଳାଇଲା ପୁରୁଷ ବନ୍ଧୁ । କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରୁ ଏଭଳି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ହୃଦାନନ୍ଦ ପାତ୍ର (୨୨) ନାମକ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସଂପର୍କ ଥିଲା । ବୁଧବାର ସେ ନିଜର ସ୍ୱାସ୍ଥ୍ୟ ଖରାପ ଥିବା ବାହାନା କରି ତାଙ୍କୁ ଫୋନ୍ କରି ତେଲକୋଇକୁ ଡାକିଥିଲା । ପରେ ସେ ଯୁବତୀଙ୍କୁ ଏକ ଗାଡ଼ିରେ ଦେଉଳଡିହା ରାସ୍ତାର ହାତୀପୋଷ୍ଟର୍ ଆଡ଼କୁ ନେଇ ଯାଇଥିଲା । ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲା । କିନ୍ତୁ ଯୁବତୀଜଣଙ୍କ ବାରଣ କରିବାରୁ ଏକ ବାଡ଼ିରେ ପିଟି ତାଙ୍କୁ ଲହୁଲୁହାଣ କରିଥିଲା । ପରେ ଯୁବତୀଙ୍କ ପିନ୍ଧିଥିବା ଚୁନୁରିରେ ତାଙ୍କ ବେକକୁ ଜୋରରେ ଭିଡ଼ି ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲା । ଯୁବତୀଜଣଙ୍କ ଚିତ୍କାର କରିବାରୁ ତାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲା । ଯୁବତୀଜଣଙ୍କ ସଂଜ୍ଞାହୀନ ହୋଇପଡ଼ିବା ପରେ ହୃଦାନନ୍ଦ ତାଙ୍କୁ ଦୁଷ୍କର୍ମ କରିଥିଲା । କିଛି ସମୟ ପରେ ଯୁବତୀଙ୍କ ଚେତା ଫେରିବା ପରେ ସେ ପୁଣି ତାଙ୍କୁ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିଲା । ଭୟଭୀତ ହୋଇ ପୀଡ଼ିତା ପାଖରେ ଥିବା ଏକ ପୋଲ ତଳକୁ ଯାଇ ଲୁଚି ଯାଇଥିଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିବାରୁ ସେ ପୁଣିଥରେ ସଂଜ୍ଞାହୀନ ହୋଇପଡ଼ିଥିଲେ । ତେବେ ହୃଦାନନ୍ଦ ତାଙ୍କୁ ଖୋଜି ବାହାର କରିବା ପରେ ଏକ ସ୍କୁଟିରେ ନେଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ପରେ ସେଠାରୁ ପଳାଇଥିଲା । ଯୁବତୀଜଣଙ୍କ ସ୍କୁଟିରୁ ପଡ଼ି ଆହତ ହୋଇଛନ୍ତି ବୋଲି ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଥିଲା । ଗଲା ବେଳେ ସେ ଯୁବତୀଙ୍କ ପାଖରେ ଥିବା ୧୧ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲା ।

# ୧୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ, ୧୪।୮ (ସମିସ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ୧୩ଜଣ ଜିଲ୍ଲା ଜଜ୍ କ୍ୟାଡର୍‌ର ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି । ଏହି କ୍ରମରେ ସଞ୍ଜୀବ ଦୁବେଙ୍କୁ ସ୍ୱତନ୍ତ୍ର ବିଚାରପତି, ସିବିଆଇ ଅଦାଲତ ନମ୍ବର ୧, ଭୁବନେଶ୍ୱର, ସତ୍ୟପୀର ମିଶ୍ରଙ୍କୁ କଟକର ବିକ୍ରି କର ଟ୍ରିବ୍ୟୁନାଲର ପ୍ରଥମ ବିଚାର ବିଭାଗୀୟ ସଦସ୍ୟ, ଅନୁପ କୁମାର ଚନ୍ଦନ ବରଗଡ଼ ଜିଲ୍ଲା ଏବଂ ଦୌରାଜଜ୍, ଦୀପ୍ତିରଞ୍ଜନ କାନୁନଗୋଙ୍କୁ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ, ପ୍ରଣମ କୁମାର ରାଉତ ଖରିଆର ଏଡିଜେ, ସରୋଜିନୀ ପତିଙ୍କୁ ଏସ୍.ସି. ଏବଂ ଏସ୍.ଟି (ପିଓ) ଆଇନ ଅନୁଯାୟୀ ସ୍ୱତନ୍ତ୍ର ଅଦାଲତର ପ୍ରିଜାଇଡିଂ ଅଫିସର, ଅଖିଳ କୁମାର ପଶ୍ଚିମକବାଟଙ୍କୁ ବୌଦ୍ଧ ଏଡିଜେ, ସ୍ରୋତସ୍ୱିନୀ କରଙ୍କୁ ନୀଳଗିରି (ନୂତନ) ଏଡିଜେ, ପ୍ରିୟରଞ୍ଜନ ମିଶ୍ରଙ୍କୁ କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍, ଅଶୋକ କୁମାର ପହିଙ୍କୁ ବାଲେଶ୍ୱର ପରିବାର ଅଦାଲତ ବିଚାରପତି, ଅଞ୍ଜଳି କୁମାରୀ ପାଢ଼ୀଙ୍କୁ ବଲାଙ୍ଗିର ଦ୍ୱିତୀୟ ଅତିରିକ୍ତ ଜିଲ୍ଲାଜଜ୍, ରାଜକିଶୋର ଲେଙ୍କାଙ୍କୁ ଭୁବନେଶ୍ୱର ସିବିଆଇ. ଅଦାଲତ ନମ୍ବର-୨ ସ୍ୱତନ୍ତ୍ର ବିଚାରପତି ଓ ପ୍ରଭାକର ଗଛିଆଙ୍କୁ କୁଚିଣ୍ଡା ଏଡିଜେ ଭାବେ ଅବସ୍ଥାପିତ କରାଯାଇଛି । ଏ ସଂକ୍ରାନ୍ତରେ ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଅମୂଲ୍ୟ ପ୍ରଧାନ ବୋର୍ଡର ନୂତନ ଉପସଭାପତି

## ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କ ମଧ୍ୟ ବଦଳି

ଭୁବନେଶ୍ୱର, ୧୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ରେ ବଡ଼ଧରଣର ଅଦଳବଦଳ କରାଯାଇଛି । ପୂର୍ବରୁ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ନୀହାର ରଞ୍ଜନ ମହାନ୍ତିଙ୍କ ସ୍ଥାନରେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଥିବା ଅମୂଲ୍ୟ କୁମାର ପ୍ରଧାନଙ୍କୁ ବୋର୍ଡର ନୂତନ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି । ସେହିପରି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ମଧ୍ୟ ବଦଳି କରାଯାଇଛି । ତାଙ୍କୁ ଏସ୍‌ଆଇଏଲ୍‌ଟିଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ସ୍ଥାନରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ପରୀକ୍ଷା ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ପରୀକ୍ଷା ନିୟନ୍ତ୍ରକ ଭାବେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି । ଅନୁରୂପ ଭାବେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫେଜ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍‌ଆଇଏଲ୍‌ଟିଟିର ସହ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି । ବହୁ ବର୍ଷରୁ ବୋର୍ଡରେ ଆସ୍ଥାନ ଜମାଇଥିବା ଅଧିକାରୀଙ୍କ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତି ଅଭିଯୋଗ ହେଉଥିବା ବେଳେ ବିଭାଗ ପକ୍ଷରୁ ଏହି ବଡ଼ଧରଣର ବଦଳି କରାଯାଇଛି । ଆଗକୁ ବୋର୍ଡ ସଭାପତିଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

# ନୂଆଁଖାଇ ପର ଦିନ ହାଇକୋର୍ଟ ଛୁଟି

କଟକ, ୧୪।୮ (ସମିସ): ଅଗଷ୍ଟ ୨୯ ତାରିଖ ଶୁକ୍ରବାର ଦିନ ହାଇକୋର୍ଟ ଛୁଟି ରହିବ । ନୂଆଁଖାଇ ପର ଦିନ ଅଗଷ୍ଟ ୨୯ ତାରିଖକୁ ହାଇକୋର୍ଟ ପକ୍ଷରୁ ଛୁଟି ଭାବେ ଘୋଷଣା କରାଯାଇଛି । ଏହା ବଦଳରେ ସେପ୍ଟେମ୍ବର ୨୦ ତାରିଖ ଶନିବାରକୁ ହାଇକୋର୍ଟ ପାଇଁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି । ଏ ନେଇ ଆଜି ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗଣେଶ ପୂଜା ଓ ନୂଆଁଖାଇ ପାଇ ଅଗଷ୍ଟ ୨୭ ଓ ୨୮ ତାରିଖ ହାଇକୋର୍ଟ ଛୁଟି ଥିଲା ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୧୪।୮ (ସମିସ): ଜନୈକା ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ମାମଲାରେ ମାହାଙ୍ଗା ଥାନା ଅନ୍ତର୍ଗତ ଅଞ୍ଚଳର ରଞ୍ଜିତ ଜେନା ଓରଫ ବୁଟୁନା(୨୪)କୁ ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଛନ୍ତି କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ । ଅଦାଲତ ଆଇପିସିର ଦଫା ୩୬୩, ୩୭୬(୩) ଓ ପୋକସୋ ଆଇନର ଧାରା ୪ରେ ରଞ୍ଜିତକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି । ଏଥି ସହିତ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୨୩, ଡିସେମ୍ବର ୧୦ ତାରିଖ ଅପରାହ୍ନ ୪ଟାରେ ୧୩ ବର୍ଷିୟା ପୀଡ଼ିତା ଅନ୍ୟ ଜଣେ ସାଙ୍ଗ ସହିତ ଟିଉସନ ଯାଇ ଆଉ ଘରକୁ ନଫେରିବାରୁ ପରଦିନ ପୀଡ଼ିତାଙ୍କ ମା ସଦର ଥାନାରେ ଏ ନେଇ ଏତଲା ଦେଇଥିଲେ । ସଦର ଥାନା ପୁଲିସ ଏତଲା ପଞ୍ଜୀକରଣ କରିବା ପରେ ତଦନ୍ତ ସମୟରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କୁ ରଞ୍ଜିତ ଅପହରଣ କରିବା ପରେ ଏକ ସ୍ଥାନରେ ରଖି ଦୁଷ୍କର୍ମ କରିଥିବା ତଦନ୍ତ ବେଳେ ଜଣା ପଡ଼ିଥିଲା । ପୁଲିସ ରଞ୍ଜିତକୁ ଗିରଫ କରିଥିଲା ବେଳେ ଗତ ୨୦୨୪, ମାର୍ଚ୍ଚ ୧୪ରେ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା । ଏହି ମାମଲାରେ ମେ ୮ରେ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିଥିଲେ । ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା, ଏତଲାକାରୀଙ୍କ ସମେତ ୯ଜଣଙ୍କ ପ୍ରସିକ୍ୟୁସନ ତରଫରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହ ଗଣଶିକ୍ଷା ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୧୪।୮ (ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ଆଜି ଆଲୋଚନା କରିଛନ୍ତି । ଆଲୋଚନା ମଧ୍ୟରେ ୨୦୦୪ ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଭାବେ ଗଣନା କରି ୬ଟି ନେସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହାପରେ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯିବ ବୋଲି ସଚିବ କହିଛନ୍ତି । ସେହିପରି ୧୯୯୩ ମସିହା କ୍ୟାଡର୍ ଉଚ୍ଛେଦ କରିବା ପାଇଁ ଡ୍ରାଫ୍ଟ କାର୍ଯ୍ୟ ସରିଛି; ଖୁବ୍‌ଶୀଘ୍ର ସମସ୍ତ ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପାଇଁ ଏକାବେଳେ ଲାଗୁ କରାଯିବ । ବିଶେଷ କରି ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନେ ମଧ୍ୟ ପ୍ରଧାନ ଶିକ୍ଷକ ହୋଇପାରିବେ ବୋଲି ସଚିବ ସୂଚନା ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି । ଅନୁରୂପ ଭାବେ ପ୍ରୋମସନ୍ ପାଇଁ ଗ୍ରେଡେସନ୍ ଲିଷ୍ଟ ଦୁଇସପ୍ତାହ ମଧ୍ୟରେ ପ୍ରକାଶ ପାଇବ । ବଦଳି ସୁବିଧା ଯଥା ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଦମ୍ପତି ବଦଳି, ଏକାଧିକ ଥର ସହମତି ବଦଳିକୁ ଅଗ୍ରାଧିକାର ଦିଆଯିବ । ସ୍ୱାସ୍ଥ୍ୟ ବୀମା ପ୍ରଦାନ ସହ ୨୦୧୬ ବ୍ୟାଚ୍ ଶିକ୍ଷକଙ୍କ ବକେୟା ପାଉଣା, ଓଏସ୍‌ଏସ୍‌ଟିଇଟି ପାସ୍ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବା, ଟିଜି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୪୬୦୦ ଗ୍ରେଡ୍ ପେ, ବିଏ ବିପିଇଡି ଓ ସିପିଇଡି ଉତ୍ତୀର୍ଣ୍ଣଙ୍କୁ ୪୨୦୦ ଗ୍ରେଡ୍ ପେ ସହ ପୁରୁଣା ପେନସନ୍ ପରି ମୋଟ୍ ୧୩ଟି ଦାବି ଉପରେ ଆଲୋଚନା ହୋଇଥିବା ସଙ୍ଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଆଲୋଚନାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କେରକେରାଙ୍କ ସମେତ ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ ।


GOVT OF ODISHA O-564
OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH
At/Po- Nabaghanpur, Dist.- Nayagarh, ph-06753-252049, Email: nayagarhrw2006@yahoo.in
No. Tender Online Nayagarh Divn. 03/2025-26, Date 06.08.2025
e-Procurement Notice

1. Name of the work : Building works.
2. Total No. of Projects : 05(Five) Nos of projects
3. Class of contractor
a) Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.13.12 Lakhs to Rs.24.70 lakhs
5. Time for completion : 04(Four) & 03(Three) calendar month.
6. Other details

| Procurement Officer | Bid identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 03/2025-26 | 21.08.2025 at 10.00 A.M | 04.09.2025 upto 5.30 P.M. | 06.09.2025 at 11.00 A.M |

Further details can be seen from the website www.tendersorissa.gov.in
OIPR-25106/11/0031/2526
Executive Engineer
Rural Works Division, Nayagarh



**AFFIDAVIT**
By virtue of an affidavit sworn before Notary public Bhubaneswar on dated, 13.08.2025, I Lily Raj resident of Suliapada, Guhaldiha, Po- Baghra, Dist-Mayurbhanj, Odisha, PIN-757022, declare that I have changed my name from Lily Majhi to Lily Raj. Henceforth I shall be known as **LILY RAJ** for all purposes.

**AFFIDAVIT**
By virtue of an affidavit before Executive Magistrate, Cuttack, Odisha.I, Adaitya Kumar Sahoo, S/o- Late Krushna Chandra Sahoo, Plot No-307/487, Paradipgarh, Jagatsinghpur, stated that in the MBPY book my name wrongly mentioned as Adwaita Sahoo instead of Adaitya Kumar Sahoo. So I declared by this affidavit dated 11 Aug 2025, Adwaita Sahoo and Adaitya Kumar Sahoo is one and same person. I shall be known as Adaitya Kumar Sahoo for all further purposes.
Sd/-Adaitya Kumar Sahoo.

**AFFIDAVIT**
By virtue of an affidavit sworn before Executive Magistrate, Angul on dtd.02. 08.2025, I Shreekanta Tripathy, S/o- Sheshadev Tripathy, At/Po./Ps./Dist.- Balangir- 767001 state that, I have changed my name from **Shrikant Tripathy** to **Shreekanta Kumar Tripathy**. Hence I shall be known as **Shreekanta Kumar Tripathy** for all future purposes.

**Notice (for Minor)**
By virtue of an affidavit sworn before Executive Magistrate, Begunia, dated 31.07.2025 I, Balaji Sahoo, Address At-Bagalpur,Po-Chakapada,Ps-Begunia,Dist-Khurda,Pin-752062 declare that I have changed the name of my son from Abhikit Sahoo to Abhijit Sahoo. Henceforth, he shall be known as Abhijit Sahoo for all purposes.
Balaji Sahoo

**AFFIDAVIT**
I, Shek Azad, S/o- Sk Akbar, resident of At-Kanheipur, Po-Bhagatpur, Kotasahi, Dist- Cuttack, PIN-754022, Odisha declared by this affidavit No. 649, dtd-12/08/2025 that now onwards I shall be known as **SK AZAD** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, PURI, dated 11/08/2025. I P.SONY RAO, Address JARAKATA SAHI,PURI declare that I have changed the name of my daughter from P.AISHWARAYA RAO to P NIHARIKA Henceforth,she shall be known as **P NIHARIKA** for all purposes.
P NIHARIKA

**AFFIDAVIT**
By virtue of an affidavit sworn before Executive Magistrate Bhubaneswar, Affidavit No-103, on dated 11.08.2025, I Rama Krushna Padhy resident of S-3/563, Niladri Vihar, Near Pump House, Chandrasekharpur, Bhubaneswar, Dist- Khurdha, Odisha, PIN-751021, declare that I have changed the name of my Son from Ayusman Padhy to Ayushman Padhy . Henceforth, he shall be known as **AYUSHMAN PADHY** for all future purposes.

**AFFIDAVIT**
I, Shek Akbar, S/o- Sk Abdul Jabar, resident of Haladidiha, Bhadrak, Dist- Bhadrak, PIN-756100, Odisha declared by this affidavit No. 653, dtd-13/08/2025 that now onwards I shall be known as **SK AKBAR** for all future purposes.

**AFFIDAVIT**
By virtue of an affidavit Sl No. 466, dtd- 5/8/2025 before the Executive Magistrate, Bisoi, Mayurbhanj. I, Saibu Soren, S/o Prasad Soren, resident of Vill- Jodia, Po- Sunajodia Ps- Bisoi, Dist- Mayurbhanj declare that in my Aadhar Card No. 7549 9427 5848 my name has been wrongly mentioned as Sana Saibu Soren instead of Saibu Soren. Now I want to change my name in the said Aadhaar Card. Henceforth, I am known as **Saibu Soren** in all purposes.

**AFFIDAVIT**
I, Kalandi Charan Sahoo, S/o- Pahali Sahoo, resident of Alana, Alanahat, Naugaon, Dist- Jagatainghpur, PIN-754107, Odisha declared by this affidavit No. 650, dtd- 12/08/2025 that now onwards I shall be known as **KALANDI SAHOO** for all future purposes.

**AFFIDAVIT**
I, Pritishree Chuadhary, D/o- Ramesh Chandra Panda, resident of H.N-81, Ramahari Nagar 2nd lane, Near Jenana Hospital, Brahmapur Sadar, Po- Berhampur, Dist- Ganjam, PIN- 760001, Odisha declared by this affidavit No. 654, dtd- 13/08/2025 that now onwards I shall be known as **PRITISHREE PANDA** for all future purposes.

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 13.08.2025, I Anu Nayak resident of Harijana Basti, Near Durga Mandap, Unit-6, Bhubaneswar, Dist- Khorda, Odisha, PIN-751001, declare that I have changed my name from Anu Dei to Anu Nayak. Henceforth I shall be known as **ANU NAYAK** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Umerkote, Nabarangpur, I Chinmayi Bachhar, W/o- Sekhar Bachhar resident of Vill.- Anchala, Po.- Ekamba, Ps.- Umerkote, Dist.- Nabarangpur, Odisha state that, I have changed my name from **CHINMAYEE BAIDYA** to **CHINMAYI BACHHAR**. Hence I shall be known as **Chinmayi Bachhar** for all future purposes.

**AFFIDAVIT**
By virtue of an affidavit before The Notary Public, Titilagarh, on dated-10/08/2025. I, **Laxmipriya Sahoo** (new name) formerly called as **Rajani Sahu** (old name), W/o Bijaya Sahoo, Permanent resident of At- Habaleswar, P.O. Dimiria, P.S. Nandipada, Dist- Keonjhar (Odisha), PIN- 756121 now residing at the same place affirm that I have changed my name from **Rajani Sahu** (old name) to **Laxmipriya Sahoo** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Laxmipriya Sahoo** (new name).
Laxmipriya Sahoo

**AFFIDAVIT**
I, Kala Das Mohapatra, W/o – Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar-751001 declare by this affidavit No 21 dated 6.8.2025 that now onwards I shall be known as Kala Pattnaik for all future purposes.

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-487, ତା.07.08.2025ରିଖ
କାର୍ଯ୍ୟର ନାମ : 36 ମାସ ନିମନ୍ତେ SIEMENS ଦ୍ୱାରା ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସିଲ କାଉଣ୍ଟର ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
ଟେଣ୍ଡରର ମୂଲ୍ୟ (₹) : 70,51,290.12, EMD (₹): 1,41,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹) : 5,900.00 ।
ବିଡ଼ ଆରମ୍ଭ ହେବା ତାରିଖ : ତା.15.08.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2025 ରିଖ 1100 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-468/Q/25-26

**AFFIDAVIT**
By virtue of an affidavit before The Notary Public, Titilagarh, on dated-04/08/2025. I, **Jhara Rana** (new name) formerly called as **Tilattama Rana** (old name), W/o Tulasiram Rana, Permanent resident of At- Patharla, P.O. Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Tilattama Rana** (old name) to **Jhara Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jhara Rana** (new name).
Jhara Rana

**AFFIDAVIT**
I, Sanatana Sethi, age about 49 years, S/o- Nirakar Sethi, resident of Plot No. 173, Nuasahi, Siripur, Near City Womens College, Bhubaneswar, Dist- Khordha, PIN- 751003, Odisha declared by this affidavit No. 1633, dated- 13.08.2025 that now onwards I shall be known as **SANATAN SETHI** for all future purposes.

# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।
-ଶ୍ରୀଅରବିନ୍ଦ

ସକାଳ
THE SAKALA

## ସ୍ୱାବଲମ୍ବନର ଜୟଗାନ

ଆମେ ଆଜି ଏଭଳି ଏକ ସମୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛୁ, ଯେତେବେଳେ ଦେଶର ସାର୍ବଭୌମତ୍ୱ ଓ ସ୍ୱାଭିମାନ ପ୍ରତି ପୁଣି ଏକ ବିଶାଳ ଆହ୍ୱାନ ସୃଷ୍ଟି ହୋଇଛି। ପ୍ରାୟ ତିନିମାସ ତଳେ ଆମେ ପାରମ୍ପରିକ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହିତ ଅଘୋଷିତ ଯୁଦ୍ଧର ସମ୍ମୁଖୀନ ହୋଇଛୁ, ଅଥଚ ସୀମାରେ ତିନିରାଷ୍ଟ୍ର ଚୀନ୍-ପାକିସ୍ତାନ-ତୁର୍କୀ ସାମରିକ ଶକ୍ତିର ମୁକାବିଲା କରିଛୁ। ଅସ୍ତ୍ରବିରତିର ଶ୍ରେୟ ଦାବି କରୁଥିବା ଆମେରିକାର ଅହଂକୁ ସ୍ୱୀକୃତି ନ ଦେବାର ପରିଣାମ ସ୍ୱରୂପ ଆମେ ସେହି ହିତଶତ୍ରୁ ରାଷ୍ଟ୍ରର ବାଣିଜ୍ୟ ଶୁଳ୍କ ଆକ୍ରମଣର ସମ୍ମୁଖୀନ ହୋଇଛୁ। ହୁଏତ ଏହାର ସୁଦୂରପ୍ରସାରୀ ଓ ବହୁମୁଖୀ ପ୍ରଭାବକୁ ପ୍ରତିହତ କରିବା ଲାଗି ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ତଥାପି ଆମେ ପ୍ରସ୍ତୁତ ଅଛୁ। ସ୍ୱାଧୀନତାର ଅମୃତକାଳ ଯାତ୍ରାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ ଆହ୍ୱାନକୁ ପ୍ରତିହତ କରିବାର ଦର୍ପ ଓ ଦମ୍ଭ ସହ ଆମେ ଆଜି ଆମ ସ୍ୱାଧୀନ-ସାର୍ବଭୌମ, ବୀରତ୍ୱ-ବଳିଦାନ, ପ୍ରଗତି-ପ୍ରେରଣାର ପ୍ରତୀକ ତ୍ରିରଙ୍ଗା ତଳେ ସଗର୍ବେ ଏକାଠି ହୋଇ ସ୍ୱାଧୀନତା-ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ କରୁଛୁ।

ଆଜି ଆମେ ତ୍ରିରଙ୍ଗା ତଳୁ ବିଦେଶୀ ଅହଂକାରୀ ଶକ୍ତିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁ ଯେ ଭାରତ ଆଉ ଏବେ ୧୯୫୦-୬୦ କାଳଖଣ୍ଡରେ ସୀମାବଦ୍ଧ ନାହିଁ। ଅସହାୟତା ଓ ବାଧ୍ୟବାଧକତାର ଶିକୁଳି ଛିଣ୍ଡାଇ ଭାରତ ଏବେ ମହାଶକ୍ତିର ମୁକ୍ତବିହଙ୍ଗ ରୂପେ ବିଶ୍ୱଅତିକ୍ରମଣ କରିବାର କ୍ଷମତା ରଖିଛି। ଯେଉଁ ଆମେରିକା ଦିନେ ଭାରତକୁ ମାଗଣା ଦାନା ଦେଉଥିବାର ଗର୍ବ କରୁଥିଲା ଆଜି ସେହି ରାଷ୍ଟ୍ର ଭାରତର କୃଷି ଓ କୃଷକଙ୍କ ଉତ୍କର୍ଷରେ ଈର୍ଷାନ୍ୱିତ ଓ ଭୟଭୀତ ଏବଂ ଭାରତୀୟ କୃଷି ବଜାରରେ ପ୍ରବେଶ କରିବାକୁ ବ୍ୟାକୁଳ। ଭାରତର ଶ୍ରୀଅନ୍ନ ବା ମିଲେଟ୍ ଆଜି ଜାତିସଂଘରେ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନର ଅଧିକାରୀ ଏବଂ କ୍ଷୁଧାମୁକ୍ତ ବିଶ୍ୱ ଗଠନରେ ପ୍ରମୁଖ ଭାଗିଦାରୀ। ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ଅଭାବରୁ ୧୯୬୨ରେ ଚୀନ୍ ଆଗରେ ଏକପ୍ରକାର ଆତ୍ମସମର୍ପଣ କରିଦେଇଥିବା ଭାରତ ଏବେ ବିକଶିତ ରାଷ୍ଟ୍ରଙ୍କୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରିପାରୁଛି। ନେଭିଗେସନ୍ ଓ ଜିପିଏସ୍ ସୂଚନା ସହାୟତା କ୍ଷେତ୍ରରେ ଆମେରିକାର ଅସହଯୋଗରୁ କାରଗିଲ୍ ଯୁଦ୍ଧରେ ପ୍ରଭୂତ କ୍ଷତି ସହିଥିବା ଭାରତ ଏବେ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି; ଉପଗ୍ରହ ପ୍ରେରଣରେ ବିଶ୍ୱ କୀର୍ତ୍ତିମାନ ସ୍ଥାପନା କରିଛି; ସୂର୍ଯ୍ୟଙ୍କୁ ନିକଟକୁ ଯିବାର ଦୁର୍ବାର ସାହସ କରିଛି ଏବଂ ଗଗନଯାନ ପାଇଁ ନିଜକୁ ପ୍ରସ୍ତୁତ କରୁଛି।

୧୯୫୦ ଦଶକରେ ଗୋଷ୍ଠୀ ନିରପେକ୍ଷ ଭୂମିକା ତୁଲାଇଥିବା ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଉଛି; ଜି-୨୦ର ଅଧ୍ୟକ୍ଷତା କରିଛି ଏବଂ ଆଗାମୀ ଦିନରେ ଅଲିମ୍ପିକ୍ ଓ ଜଳବାୟୁ ଶିଖର ସମ୍ମିଳନୀ ଆୟୋଜନ ଲାଗି ରୂପରେଖ ପ୍ରସ୍ତୁତ କରୁଛି। ସ୍ୱାଧୀନ-ସ୍ୱୟଂକ୍ରିୟ-ନୀତି ନିର୍ଦ୍ଧାରକ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ। ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ଭୂରାଜନୈତିକ ସମୀକରଣରେ ଭାରତର ଅଭ୍ୟୁଦୟ ଅନ୍ୟମାନଙ୍କ ପାଇଁ ଈର୍ଷଣୀୟ ହୋଇଛି; ଅଥଚ ଭାରତର ସାର୍ବଭୌମତା, ଅଖଣ୍ଡତା ଓ ଏକତା ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ଯାହାର ସିଂହଭାଗ ଯୁବଶକ୍ତି। ଏହି ଜନସାଂଖ୍ୟିକ ବିସ୍ଫୋରଣ ବିଶ୍ୱ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆମେରିକାର ବୃହତ୍ ଆଇଟି ହବ୍ ସିଲିକନ୍ ଭ୍ୟାଲି ଭାରତୀୟ ମେଧା ଭରସାରେ ଚାଲିଛି। ମାଇକ୍ରୋସଫ୍ଟ, ଗୁଗୁଲ୍, ଆଡୋବ୍‌ର ମୁଖ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୦୦ କୋଟି ଓ ୯୦ କୋଟି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅନ୍‌ଲାଇନ୍ ଆର୍ଥିକ ଦେଣନେଣ ମାଧ୍ୟମ 'ୟୁପିଆଇ' ଆମେରିକାର ଭିଜା ଓ ମାଷ୍ଟରକାର୍ଡକୁ ଟକ୍କର ଦେଉଛି। ଏହି ସଫଳତା ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘକାଳୀନ ନିରନ୍ତର ଯୋଜନାବଦ୍ଧ ପ୍ରୟାସର ପ୍ରତିଫଳନ। ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱରେ ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି। 'ମେକ୍ ଇନ୍ ଇଣ୍ଡିଆ' କେବଳ ଏକ ସ୍ଲୋଗାନ୍ ହୋଇ ରହିନାହିଁ, ଗୁଗୁଲ୍, ଆପଲ୍, ଟେସ୍‌ଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି। ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନ୍‌ର ବିକଳ୍ପ ଭାବେ ଉଭା ହୋଇଛି। ଏହା ନିଶ୍ଚିତ ଭାବେ ତ୍ରିରଙ୍ଗା ତଳେ ସ୍ୱାବଲମ୍ବନ ଓ ସ୍ୱାଭିମାନର ଜୟଗାନ କରିବାର ମହାର୍ଘ ମୁହୂର୍ତ୍ତ।

ସବୁଠାରୁ ବଡ଼ କଥା ହେଉଛି ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣରେ ଉତ୍ତର-ଦକ୍ଷିଣ ବିଶ୍ୱ ଖେଳରେ ଭାରତ ଆଉ ଏକ ମୋହରା ହୋଇନାହିଁ କି କାହାର ଧମକ କିମ୍ବା ଚାପରେ ନିଷ୍ପତ୍ତି ନେଉନାହିଁ। ଭାରତ ବଶମ୍ବଦ ହେବା ପରିବର୍ତ୍ତେ ପ୍ରତିସ୍ପର୍ଦ୍ଧାର ଆସ୍ପର୍ଦ୍ଧା ରଖୁଛି ଏବଂ ନିଜକୁ ବିଶ୍ୱର ମହାଶକ୍ତି ରୂପେ ଉପସ୍ଥାପିତ କରିପାରିଛି। ଭାରତର ବିଶାଳ ଉପଭୋକ୍ତା ବଜାର ଏହାର ଶକ୍ତି, ଯାହା ଆମେରିକୀୟ ଶିଳ୍ପପତି ଏପରିକି ରାଷ୍ଟ୍ରପତିଙ୍କୁ ମଧ୍ୟ ଟାଣି ଆଣିପାରୁଛି। ଭାରତୀୟ ମୁଦ୍ରା 'ଟଙ୍କା'ର ବିଶ୍ୱାୟନ ଆରମ୍ଭ ହୋଇସାରିଛି, ଯାହା ଡଲାର ଆଧିପତ୍ୟକୁ ସଂକୁଚିତ କରିବାର ଅପାର ସମ୍ଭାବନା ସୃଷ୍ଟି ହୋଇ ଆମେରିକାକୁ ଭୟଭୀତ କରିଛି।

ବହୁମତ, ବହୁ ପନ୍ଥ, ବହୁ ବାଦ ଓ ବିବିଧ ସଂସ୍କୃତି ଭିତରେ ଭାରତର ସାର୍ବଭୌମତ୍ୱର ଶକ୍ତି ହେଉଛି ଏହାର ଏକତା, ଯାହାକୁ ନେଇ ପ୍ରତିଟି ଭାରତୀୟ ଗର୍ବିତ ଓ ଗୌରବାନ୍ୱିତ। ଶାନ୍ତି, ସଂଯମ, ଭ୍ରାତୃତ୍ୱ ଆଦି ଅତିମାନବୀୟ ଗୁଣ ଭାରତର ଜନ୍ମଗତ। ଅହିଂସାର ଜନ୍ମଦାତା ଭାରତ 'ବସୁଧୈବ କୁଟୁମ୍ବକମ୍'ର ଉଦ୍‌ଘୋଷକ। ତେଣୁ ଭାରତର ସାର୍ବଭୌମ ଓ ଅଭ୍ୟୁଦୟ ଅନ୍ୟ ପାଇଁ ଆତଙ୍କ ଓ ବିପଦର ସଂକେତ ନୁହେଁ, ବରଂ ସ୍ୱାବଲମ୍ବନର ସନ୍ଦେଶ। ଯୁଦ୍ଧଖୋର ବିଶ୍ୱରେ ଭାରତ ଭ୍ରାତୃତ୍ୱର ବାର୍ତ୍ତାବହ। ଅତିମାନବିକତାର ଏହି ବିଶାଳ ଭିତ୍ତି ଉପରେ ପ୍ରଗତିର ପ୍ରତୀକ ତ୍ରିରଙ୍ଗା ତଳେ ଏକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ଭାରତୀୟତାର ଜୟଗାନ କରିବା ଲାଗି ଏହା ହିଁ ଶ୍ରେଷ୍ଠ ଅବକାଶ।

## ସମ୍ମାନ ଓ ପ୍ରେରଣାର ତ୍ରିରଙ୍ଗା

ପ୍ରହଲାଦ କୁମାର ସିଂହ

ସାହସ, ତ୍ୟାଗ, ସତ୍ୟ, ଶାନ୍ତି, ବିଶ୍ୱାସ, ବୀରତ୍ୱ, ପ୍ରଗତି ଓ ପ୍ରେରଣାର ଅଫୁରନ୍ତ ଉତ୍ସ ଆମ ତ୍ରିରଙ୍ଗା। ସ୍ୱାଧୀନତା, ସ୍ୱଦେଶୀ, ସ୍ୱାଭିମାନ, ସମ୍ମାନ, ସ୍ୱାବଲମ୍ବନ, ସାର୍ବଭୌମତ୍ୱର ଅମୃତ ସନ୍ଦେଶ ଦେଇ ଆସୁଥିବା ଆମ ଜାତୀୟ ପତାକା ତ୍ରିରଙ୍ଗା ପଛରେ ରହିଛି ହଜାର ହଜାର ସହିଦଙ୍କ ବଳିଦାନ ଏବଂ ଲକ୍ଷଲକ୍ଷ ସଂଗ୍ରାମୀଙ୍କ କାରା ଓ ନିର୍ଯାତନା ବରଣର ଇତିହାସ।

ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭଗିନୀ ନିବେଦିତା ୧୯୦୫ ମସିହାରେ ଭାରତ ପାଇଁ ଏକ ବର୍ଗାକୃତିର ନାଲି ପତାକା ତିଆରି କରିଥିଲେ। ଏହି ପତାକାର ଚାରିପଟର ଥିବା ଧଡ଼ିରେ ରହିଥିଲା ୧୦୮ଟି ପ୍ରଜ୍ୱଳିତ ଜ୍ୟୋତି ଓ ମଧ୍ୟଭାଗରେ ଶୋଭା ପାଉଥିଲା ଦେବରାଜ ଇନ୍ଦ୍ରଙ୍କ ବଜ୍ର। ବଜ୍ରର ଦୁଇପାର୍ଶ୍ୱରେ ବଙ୍ଗଳା ଭାଷାରେ ଲେଖାଥିଲା 'ବନ୍ଦେ ମାତରମ୍'। 'ବଙ୍ଗ ଭଙ୍ଗ ଆନ୍ଦୋଳନ' ସମୟରେ ବିପ୍ଳବୀମାନେ ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କଲିକତାର ଏକ ପାର୍କରେ ତିନି ରଙ୍ଗ ଥିବା ଏକ ପତାକା ଉଡ଼ାଇଥିଲେ। ଏହି ପତାକାର ଉପର ଅଂଶଟି ନୀଳ, ମଧ୍ୟଭାଗ ହଳଦିଆ ଓ ତଳପଟଟି ଲାଲ ବର୍ଣ୍ଣର ଥିଲା। ନୀଳ ଅଂଶରେ ୮ଟି ପଦ୍ମଫୁଲ, ଲାଲ ଅଂଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଛବି ଏବଂ ମଝିରେ ଥିବା ହଳଦିଆ ଅଂଶରେ ଲେଖାଯାଇଥିଲା 'ବନ୍ଦେ ମାତରମ୍'। ବିପ୍ଳବୀ ସତ୍ୟେନ୍ଦ୍ର ନାଥ ବୋଷ ଏହି ପତାକାର ସ୍ରଷ୍ଟା ବୋଲି କୁହାଯାଏ।

୧୯୦୭ ଅଗଷ୍ଟ ୨୨ ଆମ ପତାକାର ଇତିହାସରେ ଏକ ଅବିସ୍ମରଣୀୟ ଦିବସ। ଜର୍ମାନୀର ଷ୍ଟଟ୍‌ଗାର୍ଟ ସହରରେ ଅନୁଷ୍ଠିତ 'ଆନ୍ତର୍ଜାତିକ ସମାଜବାଦୀ କଂଗ୍ରେସ' ଅବସରରେ କାଥିଆବାଡ଼ର ଜଣେ ବିପ୍ଳବିନୀ ପାର୍ସି ମହିଳା ମାଡାମ୍ ଭିକାଜୀ ରୁସ୍ତମ କାମା ଜର୍ମାନୀ ମାଟିରେ ଇଂରେଜମାନଙ୍କ ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ତାଙ୍କ ପ୍ରସ୍ତୁତ ଭାରତର ଜାତୀୟ ପତାକା ଉତ୍ତୋଳନ କରି ଅଗ୍ନିବର୍ଷୀ ଭାଷଣ ଦେଇ ଭାରତର ସ୍ୱାଧୀନତା ଓ ତା' ମାଧ୍ୟମରେ ବିଶ୍ୱର ଅନ୍ୟରାଷ୍ଟ୍ରର ମୁକ୍ତି ପାଇଁ ବିଶ୍ୱବାସୀଙ୍କ ସହଯୋଗ ଲୋଡ଼ିବା ସହ ପତାକାକୁ ସମସ୍ତେ ସମ୍ମାନ ଓ ସମର୍ଥନ ପ୍ରଦର୍ଶନ କରିବାକୁ ନିବେଦନ ରଖିଥିଲେ। ମାଡାମ୍ କାମାଙ୍କ ପତାକା ବି ଥିଲା ତ୍ରିରଙ୍ଗା। ଏହାର ଉପର ଅଂଶଟି ସବୁଜ, ମଧ୍ୟଭାଗ ହଳଦିଆ ଓ ନିମ୍ନ ଅଂଶ ଲାଲ ଥିଲା। ସବୁଜ ରଙ୍ଗର ପଟି ଉପରେ ୮ଟି ପଦ୍ମଫୁଲ, ଲାଲ ରଙ୍ଗ ଉପରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଙ୍କ ଛବି ଏବଂ ହଳଦିଆ ରଙ୍ଗ ଉପରେ ଲେଖାଥିଲା 'ବନ୍ଦେ ମାତରମ୍'। ୧୯୧୬ ମସିହାରେ ଗଠିତ 'ଇଣ୍ଡିଆନ ଲିଗ୍' ପକ୍ଷରୁ ମଧ୍ୟ ଏକ ପତାକା ଉତ୍ତୋଳନ କରାଯାଇଥିଲା। ୧୯୧୭ରେ ଆନିବେଶାନ୍ତ ଆଉ ଏକ ପତାକା ସୃଷ୍ଟି କଲେ। ଏଥିରେ ୫ଟି ଲାଲ ଓ ୪ଟି ସବୁଜ ପଟି ରହିଥିବା ବେଳେ ସପ୍ତର୍ଷି ମଣ୍ଡଳ ସହିତ ଚନ୍ଦ୍ର ଓ ତାରାଙ୍କ ଛବି ଥିଲା। ଆନିବେଶାନ୍ତଙ୍କ ପତାକାର ବାମ କୋଣରେ ଇଂରେଜମାନଙ୍କ ଜାତୀୟ ପତାକା 'ୟୁନିଅନ ଜ୍ୟାକ୍'ର ପ୍ରତିଛବି ଥିବାରୁ ତାହା କ୍ରାନ୍ତିକାମୀ ଭାରତୀୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥିଲା।

ଦେଶପ୍ରେମୀ ପୋଙ୍ଗାଲି ଭେଙ୍କିଆ ୧୯୨୧ରେ ବେଜୱାଡାଠାରେ ମହାତ୍ମା ଗାନ୍ଧୀଙ୍କୁ ଭେଟି ଗୁଡ଼ିଏ ପତାକାର ନକ୍ସା ଦେଖାଇଥିଲେ। ଏଥିରୁ ଗୋଟିଏ ପତାକାରେ ଲାଲ ଓ ସବୁଜ ରଙ୍ଗର ପଟି ଉପରେ ବଡ଼ ଚରଖାର ଚିହ୍ନ ଥିଲା। ହିନ୍ଦୁ-ମୁସଲମାନ ଏକତା ପାଇଁ ଏହା ସହାୟକ ହେବ ବୋଲି ଭେଙ୍କିଆ ମତ ରଖିଥିଲେ। ତେବେ ଅନ୍ୟ ସଂପ୍ରଦାୟଙ୍କ ଲାଗି ଏଥିରେ ଧଳା ଚିହ୍ନର ପଟିଟି ଯୋଡ଼ିବା ପାଇଁ ଗାନ୍ଧୀ ଆଗ୍ରହ ପ୍ରକାଶ କରିଥିଲେ। ଅସହଯୋଗ ଆନ୍ଦୋଳନ କାଳରେ ଏହି ପତାକା ବ୍ୟବହୃତ ହେଉଥିଲା। ୧୯୨୯-୩୦ର ଲାହୋର କଂଗ୍ରେସ ଅଧିବେଶନରେ ଜାନୁଆରୀ ୨୬କୁ 'ପୂର୍ଣ୍ଣସ୍ୱରାଜ ଦିବସ' ଭାବେ ପାଳନ କରିବା ସହ ଦେଶବାସୀଙ୍କୁ ଏହି ପତାକା ତଳେ ସ୍ୱାଧୀନତାର ସଂକଳ୍ପ ନେବା ଲାଗି ଆହ୍ୱାନ ଦିଆଯାଇଥିଲା। ୧୯୩୦ର 'ଲବଣ ସତ୍ୟାଗ୍ରହ' ବେଳେ ପତାକାର ବ୍ୟବହାର ବ୍ୟାପକ ହୋଇଥିଲା।

୧୯୩୧ରେ ଅନୁଷ୍ଠିତ 'କରାଚୀ କଂଗ୍ରେସ ଅଧିବେଶନ'ରେ ଏକ କମିଟି ଗଢ଼ାଯାଇ ପତାକା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କମିଟି କରିଥିବା ସୁପାରିସ ମୁତାବକ କଂଗ୍ରେସ ପତାକାରେ କେଶରୀ, ଧଳା ଓ ସବୁଜ ରଙ୍ଗର ତିନୋଟି ପଟି ସହିତ ଧଳା ପଟି ଉପରେ ଚରଖା ସ୍ଥାନିତ ହେଲା। ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ଥିଲା ଜୀବନଠାରୁ ବଳି ଅଧିକ ମୂଲ୍ୟବାନ। ୧୯୪୬ରେ ସ୍ୱିଜରଲାଣ୍ଡର ରାଜଧାନୀ ଜୁରିକ୍‌ରେ ଅନୁଷ୍ଠିତ ବିଶ୍ୱ ଅଲମ୍ପିକ୍‌ରେ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା କ୍ରୀଡ଼ାବିତ୍ ଜାନକୀ ଦାସ ମହାତ୍ମା ଗାନ୍ଧୀଙ୍କ ଦସ୍ତଖତ ଥିବା ଏହି ତ୍ରିରଙ୍ଗା ଝଣ୍ଡା ଉଡ଼ାଇ ଇତିହାସ ରଚିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ 'ଆଜାଦ ହିନ୍ଦ୍ ଫୌଜ'ର ଯେଉଁ ଝଣ୍ଡା ବର୍ଲିନରେ ଉତ୍ତୋଳନ କରିଥିଲେ ତାହା ବି ଥିଲା ତ୍ରିରଙ୍ଗା। ଏହାର ମଧ୍ୟ ଭାଗରେ ଧଳାପଟି ଉପରେ ଚରଖା ପରିବର୍ତ୍ତେ ଶୋଭା ପାଉଥିଲା ଲମ୍ଫ ପ୍ରଦାନକାରୀ ସିଂହର ଛବି।

ସ୍ୱାଧୀନତା ପୂର୍ବରୁ ଭାରତ ଶାସନ ବିଧେୟକ ସଭାରେ ୧୯୪୭ ଜୁନ୍ ମାସରେ ଏକ ସମିତି ଗଢ଼ାଯାଇ ଜାତୀୟ ପତାକା ସଂପର୍କରେ ଆଲୋଚନା କରାଯାଇଥିଲା। ୧୯୪୭ ଜୁଲାଇ ୨୨ ତାରିଖରେ ଭାରତ ଶାସନ ବିଧେୟକ ସଭା ତ୍ରିରଙ୍ଗା ଝଣ୍ଡାକୁ ଜାତୀୟ ପତାକାର ମାନ୍ୟତା ଦେଲେ, କିନ୍ତୁ ଏହାର ମଧ୍ୟଭାଗରେ ଚରଖାର ସ୍ଥାନ ନେଲା ସାରନାଥର ୨୪ଟି ଅର ଥିବା ଅଶୋକଚକ୍ର, ଯାହାକୁ 'ଧର୍ମଚକ୍ର' ଓ 'ସମୟଚକ୍ର' ବୋଲି କୁହାଯାଏ। ଆମ ପତାକାର ଶୀର୍ଷଅଂଶରେ ଥିବା ନାରଙ୍ଗୀ ରଙ୍ଗ ସାହସ ଓ ତ୍ୟାଗର ପ୍ରତୀକ ହୋଇଥିବା ବେଳେ ଧଳା ରଙ୍ଗକୁ ସତ୍ୟ ଓ ଶାନ୍ତି ଏବଂ ସବୁଜ ରଙ୍ଗଟି ବିଶ୍ୱାସ, ବୀରତ୍ୱ ଓ ପ୍ରଗତିକୁ ସୂଚାଇଥାଏ। ଅଶୋକଙ୍କ ସାରନାଥର ଧର୍ମଚକ୍ର ଆମକୁ ସମୟ ସହ ସଚେତନ ରହିବା ସଙ୍ଗେ ସଙ୍ଗେ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଉଥିବାରୁ ଏହି ଚକ୍ରକୁ ଆମ ଜାତୀୟ ପତାକାରେ ସ୍ଥାନିତ କରାଯାଇଛି। ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା କଂଗ୍ରେସର ପତାକା ହୋଇଥିବାରୁ ଜାତୀୟ ପତାକାକୁ ରାଜନୈତିକ ଦଳର ଗଣ୍ଡି ମଧ୍ୟରେ ସୀମିତ ନ ରଖିବା ପାଇଁ ସେତେବେଳର ଅଗ୍ରଣୀ କଂଗ୍ରେସ ନେତାମାନେ ନୂଆ ପତାକାର ପରିକଳ୍ପନା କରିଥିଲେ। ଶେଷରେ ଜାତିର ଜନକ ତଥା ସ୍ୱାଧୀନତା ସଂଗ୍ରାମର ସେନାପତି ମହାମାନବ ମହାତ୍ମା ଗାନ୍ଧୀ ଅଶୋକଚକ୍ର ଥିବା ଏହି ତ୍ରିରଙ୍ଗା ଝଣ୍ଡାକୁ ସ୍ୱୀକାର କରିଥିଲେ।

ଭାରତଛାଡ଼ ଆନ୍ଦୋଳନ କାଳରେ ତ୍ରିରଙ୍ଗା ଝଣ୍ଡାର ଟେକ ରଖିବା ଲାଗି ଓଡ଼ିଶାର ମାଥିଲି, ନିମାପଡ଼ା, ପାପଡ଼ାହାଣ୍ଡି, ଲୁଣିଆ, ଇରମ, ତୁଡ଼ିଗଡ଼ିଆ-ଖଇରାଡିହି, କାଇପଡ଼ା-କଳାମାଟିଆ ଆଦି ସ୍ଥାନରେ ବହିଥିଲା ରକ୍ତର ନଦୀ। ଏଥିପାଇଁ ଲକ୍ଷ୍ମଣ ନାୟକଙ୍କୁ ବି ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଲା। ଓଡ଼ିଶାରେ ଶତାଧିକ ସଂଗ୍ରାମୀ ସହିଦ ହୋଇଥିଲେ। ଏ ମାଟି ବଳିଦାନର ବୋଲି ସେମାନେ ପୁନର୍ବାର ପ୍ରମାଣିତ କରିଗଲେ।

ଇତିହାସ କୁହେ, ଆସାମର ଗୋପୁର୍ ଥାନା ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଯାଉଥିବା ବେଳେ ୧୪ବର୍ଷର ଝିଅ କନକଲତା ବଡୁଆ ଓ ଅନ୍ୟଜଣେ ଛାତ୍ର ମୁକୁନ୍ଦ ସହିଦ ହୋଇଥିଲେ। ପଶ୍ଚିମବଙ୍ଗର ମେଦିନପୁର ଅନ୍ତର୍ଗତ ତମଲୁପ ଥାନା ନିକଟରେ ତ୍ରିରଙ୍ଗାର ଟେକ ରଖିବା ଲାଗି ୧୩ବର୍ଷର ବାଳକ ଲକ୍ଷ୍ମୀନାରାୟଣ ଓ ୭୩ ବର୍ଷିୟା ବୃଦ୍ଧା ମାତଙ୍ଗିନୀ ହାଜରାଙ୍କ ସମେତ ଅନେକ ବଳିଦାନ ଦେଇଥିଲେ। 'କର ବା ମର' ଆନ୍ଦୋଳନ ସମୟରେ ପାଟନା ସଚିବାଳୟ ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଉଦ୍ୟମକରି ୭ଜଣ ଛାତ୍ର ସହିଦ ହୋଇଥିଲେ। ଜବାହରଲାଲ ନେହେରୁଙ୍କ ଆକଳନ ଅନୁଯାୟୀ ଏହି ଆନ୍ଦୋଳନରେ ଅନ୍ୟୂନ ୧୦ ହଜାର ଭାରତୀୟ ଜୀବନଦାନ ଦେଇଥିଲେ। ଆହ୍ଲାବାଦର କ୍ଲକ୍ ଟାୱାରକୁ ଘେରି ରହିଥିବା ସେନାବାହିନୀର ବ୍ୟୂହ ଭେଦକରି ଲାଲବାହାଦୁର ଶାସ୍ତ୍ରୀ ବୁର୍ଖା ପରିହିତା ମହିଳା ବେଶରେ ଉପରକୁ ଚଢ଼ି ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିଲେ। ବାସ୍ୟମ୍ ନାମକ ଅନ୍ୟଜଣେ ଯୁବ ସତ୍ୟାଗ୍ରହୀ ମାଡ୍ରାସରେ ସେନାବାହିନୀ ମୁଖ୍ୟ ଶିବିର ଭିତରେ ପଶି ୧୬୦ ଫୁଟ ଉଚ୍ଚ ବେତାର ଟାୱାର ଉପରେ ଏକ ସୁଦୀର୍ଘ ପତାକା ଉଡ଼ାଇବାର ସାହସ କରିଥିଲେ। ଭଦ୍ରକ କଚେରି ଉପରେ ସୁଧାକର ମିଶ୍ର ଓ ୱାରିସ୍ ମିଆଁ ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିବା ବେଳେ ରେଭେନ୍ସା କଲେଜର କ୍ରାନ୍ତିକାରୀ ଛାତ୍ରଛାତ୍ରୀମାନେ କଲେଜ ଉପରୁ ୟୁନିୟନ ଜ୍ୟାକ୍ ହଟାଇ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବାର ସଫଳ ପ୍ରଚେଷ୍ଟା କରିଥିଲେ। ଏମିତି ଉଦାହରଣ ଅସରନ୍ତି।

୧୯୪୭ ଅଗଷ୍ଟ ୧୫ଠାରୁ ଆମେ ସମ୍ମାନର ସହ ତ୍ରିରଙ୍ଗା ଉଡ଼ାଇ ଆସୁଛୁ ଏବଂ ଏହାର ଟେକ ରଖିବା ପ୍ରତି ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ସମ୍ବିଧାନ ଚେତାଇ ଦେଉଥିବା ବେଳେ ଆମ ଜାତୀୟ ପତାକାର ସଦ୍ ବ୍ୟବହାର ପାଇଁ ୨୦୦୨ ଜାନୁଆରୀ ୨୬ରୁ ଲାଗୁ ହୋଇଥିବା 'ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ'କୁ ଆମେ ଗ୍ରହଣ କରିନେଇଛୁ। ପ୍ରତ୍ୟେକ ଭାରତୀୟ ନାଗରିକ ସେମାନଙ୍କ ଘର ଓ ଅନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇ ପାରିବେ ବୋଲି ଆମ ସୁପ୍ରିମକୋର୍ଟ ମଧ୍ୟ ରାୟ ଦେଇଛନ୍ତି।

ସ୍ୱାଧୀନତା ପ୍ରାପ୍ତିର ୭୯ବର୍ଷରେ କୃତଜ୍ଞତାର ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସତ୍ୟାଗ୍ରହୀ, କ୍ରାନ୍ତିକାରୀ ଓ ସୈନିକ ଏବଂ ଦେଶର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମାଜସେବୀ, କୃଷକ, ଶ୍ରମିକ, ବୈଜ୍ଞାନିକ, ଶିକ୍ଷକ, ବୈଷୟିକ ବିଶେଷଜ୍ଞ ଓ ଅନ୍ୟ ଚିନ୍ତାନାୟକ ତଥା ସଂସ୍କାରକମାନଙ୍କୁ ସ୍ମରଣ କରୁଛୁ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଆର୍ଥିକ ସ୍ୱାଧୀନତା

ଅନନ୍ତ ଚରଣ ସ୍ୱାଇଁ

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଆମ ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଆଦି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟିଛି। ସେଥିପାଇଁ ପ୍ରତ୍ୟେକ ନାଗରିକ ଗର୍ବିତ। କେତେକ ସ୍ଥଳରେ ସ୍ୱାଧୀନତାର ଅପବ୍ୟବହାର, ସାଧାରଣ ବ୍ୟକ୍ତିଙ୍କୁ ବ୍ୟଥିତ କରେ। ବାକ୍ ସ୍ୱାଧୀନତା ନାଁରେ ଅସାମ୍ବିଧାନିକ ମତାମତ, ବିଶୃଙ୍ଖଳା ସୃଷ୍ଟିକାରୀ ବକ୍ତବ୍ୟ, ହିଂସା ପ୍ରଣୋଦିତ, ପୋଷାକ ପତ୍ରର ସ୍ୱାଧୀନତା ଦର୍ଶାଇ ଅଶାଳୀନ ପରିଧାନ ବ୍ୟବହାର କରିବା ମଧ୍ୟ ନିନ୍ଦନୀୟ। ଅନେକ ସ୍ଥଳରେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ କଦର୍ଥର ରୂପ ଦିଆଯାଉଛି।

ଆମେ ସମସ୍ତେ ସ୍ୱାଧୀନ ହେବାକୁ ଚାହୁଁଛୁ। ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ କିମ୍ବା ସାମାଜିକ ସ୍ୱାଧୀନତା ନୁହେଁ। ଆର୍ଥିକ ସ୍ୱାଧୀନତା ସେଥିମଧ୍ୟରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ସ୍ୱାଧୀନତା ହେଉଛି ଏକ ଅବସ୍ଥା, ଯେଉଁଠାରେ ଜୀବନ ଜିଇଁବା ପାଇଁ କାହାରି ଆର୍ଥିକ ସହାୟତା ଉପରେ ନିର୍ଭର କରିବାକୁ ପଡ଼େ ନାହିଁ କିମ୍ବା ବାଧ୍ୟତାମୂଳକ କାମ କରି ରୋଜଗାର କରିବାର ପ୍ରୟୋଜନ ମଧ୍ୟ ନଥାଏ। ଆୟ ଉତ୍ସ ସ୍ୱୟଂପ୍ରେରିତ ଭାବେ ବା ନିଷ୍କ୍ରିୟ ଆୟ ରୂପେ ସମସ୍ତ ଖର୍ଚ୍ଚର ଭରଣା କରିଥାଏ। ଅନ୍ତତଃ ଅର୍ଥ ପାଇଁ କାହାରି ଉପରେ ଭରସା ନରଖି ଆତ୍ମନିର୍ଭର ହେବା, ବଞ୍ଚିଥିବା ଯାଏଁ ସ୍ଥିର ଆୟ, ବ୍ୟୟ ନିୟନ୍ତ୍ରଣ, ଦୀର୍ଘକାଳୀନ ଆର୍ଥିକ ଯୋଜନା ପ୍ରସ୍ତୁତ କରି ସେହି ଅନୁଯାୟୀ ପରିଚାଳିତ ହେବା ହେଉଛି ଆର୍ଥିକ ସ୍ୱାଧୀନତା।

ଆର୍ଥିକ ସ୍ୱାଧୀନତା ପାଇଁ ଆୟ ବୃଦ୍ଧି, ଦକ୍ଷତାରେ ଉନ୍ନତି, ପାର୍ଶ୍ୱ ବ୍ୟବସାୟ, ବଜେଟିଂ, ଅର୍ଥ ବିନିଯୋଗ ଓ ନିଷ୍କ୍ରିୟ ଆୟ ଉପରେ ନିର୍ଭରଶୀଳ ହେବାକୁ ପଡ଼େ। ଚାକିରିରେ ଅନିଶ୍ଚିୟତା, ମୁଦ୍ରାସ୍ଫୀତି, ଶିକ୍ଷା, ସାମାଜିକ ଉତ୍ସବ ଅନୁଷ୍ଠାନ, ଚିକିତ୍ସା ପରି ପାରିବାରିକ ଦାୟିତ୍ୱ ଏବଂ ବୃଦ୍ଧାବସ୍ଥାରେ ସୁରକ୍ଷା ପାଇଁ ଦରକାର ହେଉଥିବା ଅର୍ଥ ନିମନ୍ତେ କାହାରି ଉପରେ ନିର୍ଭର ନହେବାକୁ ଆର୍ଥିକ ସ୍ୱାଧୀନତା ଅତ୍ୟନ୍ତ ଜରୁରୀ। ଆର୍ଥିକ ସାକ୍ଷରତାର ଅଭାବ, ତତ୍କାଳୀନ ସୁଖର ଆକର୍ଷଣ, ଋଣ ଯନ୍ତା, ଦରଦାମ ବୃଦ୍ଧି, କ୍ରେଡିଟ କାର୍ଡ ଉପରେ ଅଧିକ ନିର୍ଭରଶୀଳତା ଆଦି ଆର୍ଥିକ ସ୍ୱାଧୀନତା ଆଣିବାରେ ପ୍ରତିବନ୍ଧକ।

ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ପିଲାଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଜଡ଼ିତ। ଏହି ସଂଗ୍ରାମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଧାରିତ। ଯୁବ ପିଢ଼ିଙ୍କ ପାଇଁ ବର୍ତ୍ତମାନ ହେଉଛି ବହୁ ମୂଲ୍ୟବାନ। ବିଳମ୍ବ ନକରି ଆୟର କିଛିଅଂଶ ଭବିଷ୍ୟତ ପାଇଁ ସଞ୍ଚୟ ଓ ନିବେଶ କଲେ ବୃଦ୍ଧାବସ୍ଥା ବେଳକୁ ଏହା ବୃଦ୍ଧି ପାଇ ଏକ ବୃହତ ରାଶିରେ ପରିଣତ ହେବ ଏବଂ ଆର୍ଥିକ ସ୍ୱଚ୍ଛଳତା ବା ଆର୍ଥିକ ସ୍ୱାଧୀନତା ମିଳିବ। ଶିଶୁ ଓ



କିଶୋରମାନେ ମଧ୍ୟ ଏହି ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ପାରିବେ। ସେମାନଙ୍କୁ ମିଳୁଥିବା ପକେଟ ଖର୍ଚ୍ଚରୁ ବଞ୍ଚାଇ ସଞ୍ଚୟ କରିବା, ଜନ୍ମ ଦିନ, ବ୍ରତଘର ପରି ଉତ୍ସବଗୁଡ଼ିକରେ ଅତ୍ୟଧିକ ବ୍ୟୟ ନକରି ଖର୍ଚ୍ଚ କାଟି ତାହା ସଞ୍ଚୟ ଏବଂ ଠିକ ଭାବେ ବିନିଯୋଗ କଲେ ଭବିଷ୍ୟତରେ ଚକ୍ରବୃଦ୍ଧି ହାରରେ ଏହା ଆଶାତୀତ ବୃଦ୍ଧି ପାଇଥାଏ।

ବରିଷ୍ଠ ନାଗରିକ, ଶିଶୁ, କିଶୋର ଓ ଯୁବକମାନଙ୍କ ଆର୍ଥିକ ଜ୍ଞାନ, ଆର୍ଥିକ ସ୍ୱାଧୀନତା, ଆର୍ଥିକ ପରାଧୀନତାର କାରଣ ଓ ନିରାକରଣ, ସେମାନେ କରିଥିବା ଭୁଲର ପୁନରାବୃତ୍ତି ନକରିବା ଏବଂ ସେମାନଙ୍କର ଆର୍ଥିକ ସଫଳତାର କାରଣ ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ଫଳପ୍ରଦ ହୋଇଥାଏ। ସ୍ୱାଧୀନ ଦେଶରେ ଆର୍ଥିକ ପରାଧୀନ ହେଉଛି ଏକ ଅଭିଶାପ। ଆର୍ଥିକ ସ୍ୱାଧୀନତା ପାଇଁ ସଚେତନତା ସହ ଉପଯୁକ୍ତ ସଂଗ୍ରାମ ଦରକାର। ଠିକ ସମୟରେ ଠିକ ନିଷ୍ପତ୍ତି ଆର୍ଥିକ ସ୍ୱାଧୀନତା ଆଣିବାରେ ସକ୍ଷମ। ଏହାକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ସବୁ ନାଗରିକଙ୍କର। ଆର୍ଥିକ ସ୍ୱାଧୀନତା ଏକ ଜୀବନ ଦର୍ଶନ। ଏହାଦ୍ୱାରା ଶରୀର, ଧନ ଓ ମନର ସଠିକ ସମନ୍ୱୟ ଘଟି ଜୀବନରେ ସୁଖ ଶାନ୍ତି ଆସିଥାଏ।

ଆର୍ଥିକ ସ୍ୱାଧୀନତା ଆମର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଆର୍ଥିକ ସ୍ୱାଧୀନତା ନଥିଲେ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଉପଲବ୍ଧି କରିହେବ ନାହିଁ। ଆସନ୍ତୁ ସମସ୍ତେ ଶପଥ ନେବା - ନିଜର ଆର୍ଥିକ ସ୍ୱାଧୀନତା ଆଣିବା ସହ ଅନ୍ୟମାନଙ୍କ, ବିଶେଷକରି ଗରିବ ଲୋକଙ୍କ ଆର୍ଥିକ ସ୍ୱାଧୀନତା ଆଣିବାରେ ସହାୟକ ହେବା।

ପଲେଇ(କେନ୍ଦ୍ରାପଡ଼ା)ମୋ: ୭୩୮୧୦୪୬୪୭୭୦

## ଖମ୍ବ ସ୍ୱରୂପରେ ପୂଜା ପାଆନ୍ତି ମେଘନାଦ

ଓଜସ୍ୱିନୀ

ଲଙ୍କାପତି ରାବଣ ଓ ମନ୍ଦୋଦରୀଙ୍କ ଜ୍ୟେଷ୍ଠପୁତ୍ର ମେଘନାଦ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରି ସ୍ୱର୍ଗ ଅଧିକାର କରିଥିଲେ। ତେଣୁ ତାଙ୍କର ଅନ୍ୟ ଏକ ନାମ ଇନ୍ଦ୍ରଜିତ। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କୃପାରୁ ସେ ହୋଇପାରିଥିଲେ ବ୍ରହ୍ମାସ୍ତ୍ର, ନାରାୟଣାସ୍ତ୍ର ଓ ପଶୁପାତାସ୍ତ୍ରର ଅଧିକାରୀ। ଅନେକ ଚମତ୍କାରୀ ଦିବ୍ୟାସ୍ତ୍ର, ତନ୍ତ୍ର ବିଦ୍ୟା ଓ ସିଦ୍ଧି ହାସଲ କରିଥିବା ମେଘନାଦଙ୍କ ପିତୃଭକ୍ତି ରାମତୁଲ୍ୟ ବୋଲି ବର୍ଣ୍ଣିତ। ମେଘନାଦ ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଭାରତର କେତେକ ଜନଜାତିଙ୍କ ପାଇଁ ପୂଜନୀୟ। ସେମାନେ ମେଘନାଦଙ୍କୁ କୁଳଦେବତା ଭାବେ ପୂଜା କରୁଛନ୍ତି। ଏଥିସହିତ ପ୍ରକୃତିର ରକ୍ଷାକର୍ତ୍ତା ଭାବେ ମେଘନାଦଙ୍କ ପୂଜାର୍ଚ୍ଚନା ଓ ଆଶିଷ ଲାଭ ପାଇଁ ପ୍ରତିବର୍ଷ ଆୟୋଜନ କରନ୍ତି ମେଘନାଦ ମେଳା।

ମଧ୍ୟପ୍ରଦେଶର ସୀମାନ୍ତ ଅଞ୍ଚଳ ଛିନ୍ଦୱାଡ଼ା ଜିଲ୍ଲାର ଉମରେଠ, ବେତୁଲ, ସାରନା, ସତପୁଡ଼ା ଓ ଚୋରଇ ଆଦି କେତେକ ଅଞ୍ଚଳରେ ବସବାସ କରୁଥିବା କୋରାକୁ ଓ ଭାରିଆ ଜନଜାତି ସମ୍ପ୍ରଦାୟଙ୍କ ନିଜକୁ ରାବଣଙ୍କ ବଂଶଜ ବୋଲି ମାନୁଥିବାରୁ ମେଘନାଦଙ୍କୁ କୁଳଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ମୁଖ୍ୟତଃ ଭଲ ବର୍ଷା ଓ ଉତ୍ତମ ଫସଲ, ମନୋବାଞ୍ଛା ପୂରଣ, ସନ୍ତାନର ମଙ୍ଗଳକାମନା, ସମସ୍ୟାର ସମାଧାନ ଏବଂ ଉତ୍ତମ ପାରିବାରିକ ଜୀବନ ପାଇଁ ମେଘନାଦଙ୍କୁ ପୂଜା କରାଯିବାର ପରମ୍ପରା ସେଠାରେ ପ୍ରଚଳିତ। ହୋଲି ପରଦିନଠାରୁ ପାଞ୍ଚଦିନ (ସ୍ଥାନୀୟଭାଷାରେ ରଙ୍ଗପଞ୍ଚମୀ) ପର୍ଯ୍ୟନ୍ତ ସେହି ଅଞ୍ଚଳରେ ମେଘନାଦ ମେଳାର ଆୟୋଜନ ହୋଇଥାଏ। ଏଥିରେ କୃଷକ ଓ ଯୁବବର୍ଗଙ୍କ ଅଧିକ ସମାଗମ ହୁଏ। ଗୋଟିଏ ଉଚ୍ଚ ସିଧା ଗଛର ଗଣ୍ଡିକୁ କାଟି ଗାଁର ମଧ୍ୟଭାଗରେ କିମ୍ବା ମନ୍ଦିର ପାଖରେ ପୋତା ଯାଇଥାଏ। ଏହି ଗଣ୍ଡି ବା ଖମ୍ବର ଉଚ୍ଚତା ୨୫ରୁ ୪୦ ଫୁଟ ହୋଇଥାଏ। ମେଘନାଦଙ୍କ ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଉଥିବା ଏହି ଖମ୍ବକୁ 'ଖଣ୍ଡେରା ଦେବ', 'ଖଣ୍ଡେରା ବାବା' ବା 'ମେଘନାଦ ଖମ୍ବ' ବୋଲି କୁହାଯାଏ। ଖମ୍ବକୁ ଗେରୁଆ ରଙ୍ଗରେ ସଜାଇବା ପରେ ଶୀର୍ଷ ଭାଗରେ ଅନ୍ୟ ଗୋଟିଏ କାଠକୁ ସମାନ୍ତରାଳ ଭାବେ ରଖାଯାଏ। ଏହି କାଠରେ ନିଜକୁ ବାନ୍ଧି ଭକ୍ତମାନେ ଘୂରି ଘୂରି ମନସ୍କାମନା ପୂରଣ ପାଇଁ ମେଘନାଦଙ୍କୁ ଆଶିଷ ଭିକ୍ଷା କରିଥା'ନ୍ତି। ମନସ୍କାମନା ପୂରଣ ହେବା ପରେ ମେଘନାଦଙ୍କୁ ଧନ୍ୟବାଦ ଦେବା ପାଇଁ ଖମ୍ବରେ ଚଢ଼ି ଘୂରିବାର ମଧ୍ୟ ପ୍ରଥା ରହିଛି। ମେଘନାଦଙ୍କ କୁଳଦେବୀ ନିକୁମ୍ଭିଲାଙ୍କ ବିଶେଷ ପୂଜାର୍ଚ୍ଚନା ପରେ ପୂଜାରୀ ଗୋଟିଏ ନଡ଼ିଆକୁ ବହୁ ଉଚ୍ଚକୁ ଫୋପାଡ଼ି ଦେଇଥା'ନ୍ତି। କିଛି ସମୟ ପରେ ଉକ୍ତ ନଡ଼ିଆକୁ ଭାଙ୍ଗିଦିଆଯାଏ। ଯଦି ନଡ଼ିଆରୁ ପାଣି କମ୍ ବାହାରେ, ତା'ହେଲେ କମ୍ ବର୍ଷା ହେବ ଏବଂ ଅଧିକ ପାଣି ବାହାରିଲେ ଭଲ ବର୍ଷା ହେବାର ଆଗୁଆ ସୂଚନା ମିଳିଥାଏ। ପ୍ରାୟ ୩୦୦ ବର୍ଷ ଧରି ମେଘନାଦ ମେଳାକୁ ନେଇ ଏହଭଳି ବିଶ୍ୱାସ ରହିଆସିଛି।

### ବିଚିତ୍ର ବିଶ୍ୱାସ

ଛିନ୍ଦୱାଡ଼ା ଜିଲ୍ଲାସ୍ଥିତ ଏକାଧିକ ଗାଁର ନାମ ମଧ୍ୟ ମେଘନାଦ ଓ ଅସୁରରାଜ ରାବଣଙ୍କ ନାମାନୁସାରେ ରଖାଯାଇଛି। ସ୍ଥାନୀୟ ଲୋକକଥା ଅନୁସାରେ ଛିନ୍ଦୱାଡ଼ା ଜିଲ୍ଲାର ତାମିଆ ନାମକ ସ୍ଥାନ ନିକଟବର୍ତ୍ତୀ ପାତାଳକୋଟକୁ ଅହିରାବଣଙ୍କ ପାତାଳଲୋକ ବୋଲି କୁହାଯାଉଛି। ଅହିରାବଣ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଅପହରଣ କରି ଏହି ପାତାଳକୋଟରେ ହିଁ ରଖିଥିଲେ। ସ୍ଥାନୀୟ ଲୋକଗୀତରେ ମଧ୍ୟ ରାବଣ ଓ ମେଘନାଦଙ୍କ ଅନେକ କାହାଣୀ ଶୁଣିବାକୁ ମିଳିଥାଏ। ଏହା ବ୍ୟତୀତ ମଧ୍ୟପ୍ରଦେଶର ମଣ୍ଡି ବାମୋରା ଅନ୍ତର୍ଗତ ପଲିତା ନାମକ ଗାଁରେ ମେଘନାଦଙ୍କ ଏକ ମନ୍ଦିର ରହିଛି। ଗାଁର ପରମ୍ପରା ଅନୁଯାୟୀ ଅନୁଯାୟୀ ଦଶହରାରେ ରାବଣଙ୍କ କୁଶ ପୁତ୍ତଳିକା ଦହନ ପରିବର୍ତ୍ତେ ମେଘନାଦଙ୍କ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ଏଠାରେ ଲୋକମାନେ ମେଘନାଦଙ୍କୁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସମତୁଲ୍ୟର ମାନ୍ୟତା ଦେଇଛନ୍ତି। ତେଣୁ ପ୍ରଥମେ ମେଘନାଦଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା କରାଯାଏ। କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମେଘନାଦଙ୍କୁ ଶ୍ରୀଫଳ ସମର୍ପଣ ହୁଏ। ଏହି ଅଞ୍ଚଳରେ କାନ୍ୟକୁବ୍‌ଜ ବ୍ରାହ୍ମଣମାନେ ରହନ୍ତି, ଯେଉଁମାନେ ନିଜକୁ ରାବଣଙ୍କ ବଂଶଜ ବୋଲି କହନ୍ତି। ତେଣୁ ରାବଣଙ୍କ ପୁତ୍ର ମେଘନାଦଙ୍କ ପୂଜାର୍ଚ୍ଚନା ବିଧିବିଧାନର ସହିତ କରାଯାଏ। ଏହି ଗ୍ରାମରେ ମେଘନାଦ ଅଖଣ୍ଡ ତପସ୍ୟା କରିଥିଲେ ବୋଲି ଲୋକୋକ୍ତି ଅଛି। ତେଣୁ ତପସ୍ୟା କରିଥିବା ସ୍ଥାନରେ ଆଜି ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଶୁଦ୍ଧ ଘିଅ ଦୀପ ପ୍ରଜ୍ୱଳନ କରି ମେଘନାଦଙ୍କ ଆଶିଷ ଭିକ୍ଷା କରୁଛନ୍ତି। କାହିଁ କେଉଁ କାଳରୁ ଚାଲି ଆସିଥିବା ଆସ୍ଥା ଓ ବିଶ୍ୱାସର ଏହି ଧାରାରେ ଅସୁରମାନେ ମଧ୍ୟ ଦେବତା ପାଲଟି ଯାଇଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

● ଅବ୍ୟବହୃତ ଅବସ୍ଥାରେ ବିତିଲାଣି ଅନେକ ବର୍ଷ

## ଡାହୁକା ଡାକବଙ୍ଗଳା; କୋଠରି ଅଛି ଖଟ ନାହିଁ


ନୟାଗଡ଼,୧୪।୮ (ସମିସ): ନୟାଗଡ଼ ଜିଲ୍ଲା ଡାହୁକା ଜଳସେଚନ ପ୍ରକଳ୍ପ ଜଳସେଚନ ବିଭାଗ ପାଇଁ ଲେଉଟିଆ କିଆରୀ। ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଡାହୁକା ପ୍ରକଳ୍ପ ନାଁରେ ବିଲ୍ କରି ଅଧିକାରୀ ଓ କର୍ମଚାରୀ ଚକ୍ରୁ କରୁଥିବାବେଳେ ବାସ୍ତବତା କିନ୍ତୁ ଭିନ୍ନ ବୋଲି ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ତଳୁ ନିର୍ମାଣ ହୋଇଥିବା ଏହି ଜଳସେଚନ ପ୍ରକଳ୍ପ କେନାଲକୁ ସଠିକ୍ ଭାବେ ମରାମତି କରାଯାଉ ନ ଥିବାବେଳେ ଚାଷଜମିରେ ପାଣି ମାଡ଼ିବା ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ। ଡାହୁକା ଜଳସେଚନ ପ୍ରକଳ୍ପ ନିକଟରେ ଦୀର୍ଘବର୍ଷ ତଳେ ଡାକବଙ୍ଗଳା ଏବଂ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। ଏହି ଡାକବଙ୍ଗଳା ଗୃହ ନିର୍ମାଣ ହେବା ପରଠାରୁ ଆଜିପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ବଙ୍ଗଳା ଗୃହ ନିର୍ମାଣ ହୋଇଥିବାବେଳେ ଖଟ, ସୋଫା ଓ ଅନ୍ୟାନ୍ୟ ଆସବାବପତ୍ର ବ୍ୟବସ୍ଥା କରା ନ ଯିବା କାରଣରୁ ଏହା ଅବ୍ୟବହୃତ ଅବସ୍ଥାରେ ରହିଛି। ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି ଜଳସେଚନ ବିଭାଗକୁ ବହୁଥର ଅବଗତ କରିବା ପରେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉନଥିବା ଦେଖାଯାଇଛି। ଉକ୍ତ ଡାକବଙ୍ଗଳା ନିକଟରେ ପର୍ଯ୍ୟଟନ ସମୟରେ ଭିଡ଼ ପରିଲକ୍ଷିତ ହେଉଥିବାବେଳେ ଜଳସେଚନ ବିଭାଗ ସୁବିଧାସୁଯୋଗ ପ୍ରଦାନରେ ଅବହେଳା କରୁଛି।



# ସ୍ୱାଧୀନତା ଦିବସରେ ଗାନ୍ଧୀ ଖୋଜୁଛନ୍ତି ନିଜ ପରିଚୟ

ଖଣ୍ଡପଡ଼ା,୧୪।୮ (ସମିସ)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ଗ୍ରାମ ବଡ଼ସାହି ଗାନ୍ଧୀ ଛକର ଗାନ୍ଧୀ ମୂର୍ତ୍ତି ଏବେ ତାଙ୍କର ପରିଚୟ ଖୋଜିବା ସହ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଜାତିର ପିତା ମହାତ୍ମା ଗାନ୍ଧୀ ଯିଏ ଦିନେ ଅହିଂସା ବଳରେ ଦେଶକୁ ସ୍ୱାଧୀନତା ଆଣିଥିଲେ ସେ ନିଜେ ଆଜି ପରାଧୀନ। ପ୍ରତିଟି ଭାରତୀୟଙ୍କ ହୃଦୟରେ ଗାନ୍ଧିଜୀ ବସା ବାନ୍ଧି ରହିଛନ୍ତି। କିନ୍ତୁ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଅବହେଳିତ, ଅସୁରକ୍ଷିତ ଅବସ୍ଥାରେ ପଡ଼ି ରହିଛି। କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନରେ ପ୍ରଶାସନିକ ଅଧିକାରୀମାନେ ପ୍ରତିମୂର୍ତ୍ତିରେ ଫୁଲମାଳ ଗଳାଇ ଫଟୋ ଉଠେଇ ବାହାବା ନେବା ପରେ ବର୍ଷ ସାରା ଭୁଲି ଯାଉଛନ୍ତି ଏହି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ କେହି ଏହି ଗାନ୍ଧୀ ମଣ୍ଡପର ଉନ୍ନତି ପାଇଁ ଚେଷ୍ଟା କରୁ ନ ଥିବା ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି।







ଗୁରୁବାର ଏହି ପୁରାତନ ଗାନ୍ଧୀ ମଣ୍ଡପ ସତେ ଯେମିତି ଅଲୋଡ଼ା ହୋଇପଡ଼ିଛି। ଏପରିକି ମଣ୍ଡପର ଚାରିପାଖରେ ଅନାମନା ଘାସରେ ପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିବା ସହିତ ଗାଈଗୋରୁ, ବିଲେଇ, କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଦେଖିବାକୁ ମିଳିଛି। ସେହିପରି ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ କ୍ରୀଡ଼ାଙ୍ଗନ ଓ କଣ୍ଢିଲୋ ଗାନ୍ଧୀ ପାର୍କରେ ଥିବା ଗାନ୍ଧୀ ମୂର୍ତ୍ତି ଭଗ୍ନ ଓ ଅବହେଳିତ ଅବସ୍ଥାରେ ଥିବାବେଳେ ଏଥିପ୍ରତି କାହାର ନିଘା ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏସବୁ ପ୍ରତି ସ୍ଥାନୀୟ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟାଳୟରେ ପରିମଳ ଯୋଜନା ଦିଗହରା

ଗଣିଆ,୧୪।୮ (ସମିସ): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସୁସ୍ଥ ଭାରତ ନିର୍ମାଣ ପାଇଁ ପରିମଳ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ସରକାର ସର୍ବଶିକ୍ଷା ଯୋଜନାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଜରିଆରେ ସମସ୍ତ ବିଦ୍ୟାଳୟରେ ପରିଶ୍ରାଗାର ଓ ଶୌଚାଳୟ ନିର୍ମାଣ କରୁଛନ୍ତି କିନ୍ତୁ ପ୍ରକୃତରେ ଏହି ଯୋଜନା କେତେ କାର୍ଯ୍ୟକାରୀ ହେଉଛି ତାହା ତଦନ୍ତସାପେକ୍ଷ। ଗଣିଆ ବ୍ଲକର ବିଭିନ୍ନ ବିଦ୍ୟାଳୟର ଲାଗିରହିଥିବା ସମସ୍ୟା ଦେଖିଲେ ଯୋଜନା କିପରି ଚାଲିଛି ତାହା ସହଜରେ ଅନୁମାନ କରିହେଉଛି। କେତେକ ବିଦ୍ୟାଳୟରେ ତିଆରି କରାଯାଇଥିବା ପାଇଖାନା ଓ ଶୌଚାଳୟ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ତାହା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ଅନ୍ୟପକ୍ଷେ ଜଳଯୋଗାଣ ବ୍ୟବସ୍ଥା ହୋଇନଥିବାରୁ ସେଗୁଡ଼ିକ କାମରେ ଲାଗୁନଥିବା ଶିକ୍ଷକଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଏପରିକି ଅନେକ ବିଦ୍ୟାଳୟରେ ହାତଧୁଆ ସାବୁନ, ଫିନାଇଲ, ବ୍ଲିଚିଂ ପାଉଡର ପକାଯାଉନଥିବାରୁ ପାଇଖାନାଗୁଡ଼ିକ ବ୍ୟବହାର ନ ହୋଇ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ପାଇଖାନା ନ ଥିବା ଦେଖିବାକୁ ମିଳିଛି। ଗଣିଆ ବ୍ଲକର ପାଖାପାଖି ୭୦ ଭାଗ ବିଦ୍ୟାଳୟର ଏପରି ଅବସ୍ଥା। ଅଭିଭାବକଙ୍କ ମତରେ ଏହି ଯୋଜନାର ସଫଳ ରୂପାୟଣ ପାଇଁ ଜଳ ଓ ପରିମଳ ବିଭାଗ ଏବଂ ଶିକ୍ଷା ବିଭାଗ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ଫଳରେ ସରକାରଙ୍କର ଏହି ଯୋଜନା ଯୋଜନାରେ ସୀମିତ ରହୁଛି। ରାଜ୍ୟ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ମତପ୍ରକାଶ ପାଇଛି।



## ସ୍ୱାଧୀନତା ଦିବସ ଉପଲକ୍ଷେ ବାଇକ୍ ରାଲି

ନୟାଗଡ଼,୧୪।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଗୁରୁବାର ସକାଳ ୮ଟାରେ ଜିଲ୍ଲା ପ୍ରଶାସନ ନୟାଗଡ଼ ତରଫରୁ ଏକ ବିଶାଳ ବାଇକ୍ ରାଲି ଯୋଗେ ସହର ପରିକ୍ରମା କରାଯାଇଛି। ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ମିନି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଏବଂ ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ସାମିଲ ହୋଇଥିଲେ।

## ଓଡ଼ଗାଁ କଲେଜରେ ବିଶ୍ୱ ସଂସ୍କୃତ ଦିବସ

ଓଡ଼ଗାଁ,୧୪।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ବିଭାଗୀୟ ମୁଖ୍ୟ ମୋହନ ଚନ୍ଦ୍ର ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜ କିଶୋର ସାହୁ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ପ୍ରାଧ୍ୟାପକ ବିପିନ ମହାପାତ୍ର ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରି ସଂସ୍କୃତ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ବୁଝାଇବା ସହିତ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀମାନେ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଅଭିଭାଷଣ ରଖିଥିବାବେଳେ ସମସ୍ତଙ୍କ ସହଯୋଗରେ ସଂସ୍କୃତ ଦିବସ ସାଫଲ୍ୟ ମଣ୍ଡିତ ହୋଇଥିଲା।

## ଶରଣକୁଳରେ ହର୍ ଘର୍ ତିରଙ୍ଗା

ଶରଣକୁଳ,୧୪।୮ (ସମିସ): ଶରଣକୁଳ ବିଜେପି ମଣ୍ଡଳ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଶରଣକୁଳ ଗ୍ରାମ ପଞ୍ଚାୟତ କଟରାଝରୀଠାରୁ ଏକ ପଦଯାତ୍ରାରେ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଶୁକ୍ରବାର ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ଜାତୀୟ ପତାକା ପ୍ରଦାନ କରିଥିଲେ। ଏହି ଅବସରରେ ଶରଣକୁଳ ବଜାର ଉପରେ ଏକ ପଥପ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କ ସହିତ ଶରଣକୁଳ ଗ୍ରାମ ପଞ୍ଚାୟତ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପାତ୍ର, ମନୋଜ ସାହୁ, କୁଳମଣି ମାଝୀ, ଜ୍ୟୋତିର୍ମୟ ମହାନ୍ତି, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ରଘୁନାଥଙ୍କ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

## ତିନି ଠାକୁରଙ୍କର ହେଲା ମହାସ୍ନାନ

ଓଡ଼ଗାଁ,୧୪।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ପ୍ରମାଣ ହେବା ପରେ ଗୁରୁବାର ଅପରାହ୍ଣରେ ମନ୍ଦିରର ସମସ୍ତ ନୀତି ବନ୍ଦ ରହିବା ସହିତ ଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମନ୍ଦିର ଭିତର ବେଢ଼ା, ବାହାର ବେଢ଼ା, ରୋଷଘର ସହିତ ସମସ୍ତ ସ୍ଥାନକୁ ସୁଧ ପାଣିରେ ଧୂଆଯାଇ ଗୋବର ପାଣି ସିଞ୍ଚନ ଓ ଚୂନ ପକାଯାଇ ଶୋଧନ ହୋଇଥିଲା। ଦର୍ଶନ ତଥା ଭୋଗ ମଣ୍ଡପରେ ମନ୍ଦିର ପୁରୋହିତ ଶେଷଦେବ ଷଡ଼ଙ୍ଗୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାବିଧି ଓ ସଂସ୍କାର ହୋମ ସମ୍ପନ୍ନ ହୋଇଥିଲା। ଏଥିସହିତ ତିନି ଠାକୁରଙ୍କ ମହାସ୍ନାନ ସହିତ ପାଶ୍ୱର୍ ଦେବଦେବୀଙ୍କ ସ୍ନାନ କାର୍ଯ୍ୟ କରାଯାଇଥିଲା। ସମସ୍ତ ଶୋଧନ ନୀତି ସରିବା ପରେ ପାଳିଆ ପଣ୍ଡା ଶ୍ରୀଧର ଦାଶଙ୍କ ସହ ଅନ୍ୟ ପାଳିଆ ସେବକମାନଙ୍କ ସହଯୋଗରେ ଅଧଘଣ୍ଟା ବିଳମ୍ବରେ ସନ୍ଧ୍ୟା ନୀତି ଆରମ୍ଭ ହୋଇଥିଲା।



ସୂଚନା ଥାଉକି, ବିଜେପି କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟା ତଥା ନୟାଗଡ଼ ଜିଲ୍ଲା ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବୁଧବାର ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମରେ ଓଡ଼ଗାଁ ଆସିଥିବାବେଳେ ସାରଦା ପ୍ରସାଦ ଶତପଥୀ ଓ ଅନ୍ୟ ସମର୍ଥକମାନଙ୍କ ସହିତ ରଘୁନାଥଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯାଇଥିଲେ। ଏନେଇ ଓଡ଼ିଶା ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ବିଶୋଇ ଅଣହିନ୍ଦୁ ପ୍ରବେଶକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଘଟଣାର ନିନ୍ଦା କରିଛନ୍ତି। ଏହା ହିନ୍ଦୁମାନଙ୍କ ଭାବାବେଗକୁ କୁଠାରାଘାତ ବୋଲି କହିବା ସହିତ ଘଟଣାର ଅନୁସନ୍ଧାନ ପାଇଁ ଦାବି ଜଣାଇଛନ୍ତି। ସୋସିଆଲ ମିଡିଆରେ ମନ୍ଦିର ମଧ୍ୟର ଏହି ଫଟୋ ଭାଇରାଲ ହେବା ପରେ ପ୍ରତ୍ୟୁଷାଙ୍କ ସହିତ ଜଣେ ଅଣହିନ୍ଦୁ ମନ୍ଦିରରେ ପ୍ରବେଶ କରିଥିବା ଜଣାପଡ଼ିଥିଲା। ମନ୍ଦିର ପ୍ରଶାସନ ଏନେଇ ପ୍ରାମାଣିକ ସୂଚନା ପାଇବା ପରେ ଗୁରୁବାର ଅପରାହ୍ଣରେ ମନ୍ଦିର ଶୋଧନ ନୀତି ଅନୁଷ୍ଠିତ ହୋଇଥିଲା।

## ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଶାକର୍ମୀଙ୍କ ଧାରଣା

ଶରଣକୁଳ,୧୪।୮ (ସମିସ): ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଓଡ଼ିଶା ଆଶାକର୍ମୀ ୟୁନିୟନ, ଓଡ଼ଗାଁ ବ୍ଲକ୍ ତରଫରୁ ଦୁଇଦିନ ଧରି ସମସ୍ତ ଆଶାକର୍ମୀ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିଜର ପାରିଶ୍ରମିକ ଠିକ୍ ସମୟରେ ପାଇବା ନିମନ୍ତେ ଧାରଣାରେ ବସିଥିଲେ। ବାରମ୍ବାର ଲିଖିତ ଓ ମୌଖିକ ଅଭିଯୋଗ କରିବା ପରେ ୧୧ ତାରିଖ ଦିନ ୩୫୦୦ ଲେଖାଏଁ ଦୁଇ ମାସର ୭୦୦୦ ଟଙ୍କା କାର୍ଯ୍ୟାଳୟ ତରଫରୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ଆଶାକର୍ମୀଙ୍କର ଦାବି ସମ୍ପର୍କରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଯେ ସେମାନଙ୍କ ପ୍ରାପ୍ୟ ଆଲଟ୍‌ମେଣ୍ଟ ଅନୁଯାୟୀ କାର୍ଯ୍ୟାଳୟ ତରଫରୁ ବିଲ୍ କରାଯାଇ ଟ୍ରେଜେରୀକୁ ପଠାଇ ଦିଆଯାଇଛି। ଅବଶିଷ୍ଟ ଯାହା ଥିବ ଆଲଟ୍‌ମେଣ୍ଟ ଆସିଲା ପରେ ବିଲ୍ କରି ଦେବୁ। ଟୋକନ୍ ନଂ ୬୭୭୭/୧୧.୮.୨୫ ରିଖ ଦିନ ୩୫ ଲକ୍ଷ ୭୮ ହଜାର ୪୯୦ ଟଙ୍କାର ବିଲ୍ ଟ୍ରେଜେରୀକୁ ପଠାଯାଇଛି। ଏହା ସବୁ ଶୁଣିବା ପରେ ଆଶାକର୍ମୀମାନେ ଧାରଣାକୁ ସ୍ଥଗିତ ରଖିଥିବା ଘୋଷଣା କରିଥିଲେ।




## ନିଶାମୁକ୍ତ ଭାରତ ଅଭିଯାନ ଶପଥପାଠ

ନୟାଗଡ଼,୧୪।୮ (ସମିସ): ବୁଧବାର ନୟାଗଡ଼ ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନର ୫ମ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାବ୍ୟାପୀ ସମୂହ ଶପଥପାଠ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହରେ ଦିନ ୧୧ଟାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ନିଶା ସେବନର କୁପରିଣାମ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଅବକାରୀ ଅଧୀକ୍ଷକ ଜ୍ଞାନରଞ୍ଜନ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହିତ ବ୍ରହ୍ମାକୁମାରୀ ଗୀତା, ଆଇଆର୍‌ସିଏର ସମସ୍ତ କର୍ମକର୍ତ୍ତା ଯୋଗଦାନପୂର୍ବକ ନିଶା ବିରୋଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଦିବସ ପାଳନ ଅବସରରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ କଲେଜରେ ବିଭିନ୍ନ ରଙ୍ଗୋଲି, ଶପଥପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ନିଶାରୁ ମୁକ୍ତି ପାଇଥିବା ୩ ଜଣ ବ୍ୟକ୍ତିଙ୍କୁ ଏ ସମ୍ବନ୍ଧୀୟ ପ୍ରଚାରପ୍ରସାରରେ ସହଯୋଗ ପାଇଁ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ପରିଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ସମସ୍ତ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଏ ସଂକ୍ରାନ୍ତରେ ପ୍ରଚାରପ୍ରସାର କରିବା ପ୍ରଚେଷ୍ଟାକୁ ଧନ୍ୟବାଦ ଦେଇଥିଲେ।




## ହର୍ ଘର୍ ତିରଙ୍ଗା, ହର୍ ଘର୍ ସ୍ୱଚ୍ଛତା ଅଭିଯାନ

ନୟାଗଡ଼,୧୪।୮ (ସମିସ): ନୟାଗଡ଼ ପୌର ପରିଷଦ ତରଫରୁ ବୁଧବାର ହର୍ ଘର୍ ତିରଙ୍ଗା, ହର୍ ଘର୍ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାଉନ୍‌ସିଲର, କାର୍ଯ୍ୟାଳୟ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମାର୍କେଟ୍ ଓ ସ୍ୱଚ୍ଛତା ସଂଗଠନର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଅଭିଯାନରେ ସାମିଲ୍ ହୋଇ ପ୍ରତି ଘରେ, ପ୍ରତି ଦୋକାନୀଙ୍କୁ ପତାକା ବଣ୍ଟନ କରିବା ସହିତ ସଚେତନତା ବାର୍ତ୍ତା ଓ ସ୍ଲୋଗାନ ଦେଇଥିଲେ। ପ୍ରତି ସରକାରୀ-ବେସରକାରୀ କାର୍ଯ୍ୟାଳୟ ଓ ଦୋକାନଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖିବାକୁ ପରାମର୍ଶ ଦିଆଯାଇଥିଲା। ସକାଳ ୮ଟାରେ ଏହି ସଚେତନତା ରାଲି ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରୁ ବାହାରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ଓ ସେଠାରୁ ମାର୍କେଟ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏ ସବୁ ରାସ୍ତାର ଉଭୟ ପାଶ୍ୱର୍ ସ୍ଥାନଗୁଡ଼ିକ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ କରାଯାଇଥିଲା। ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନ୍‌ସିଲର ଜାନକୀ ବଲ୍ଲଭ ଜେନା, ଦୀନବନ୍ଧୁ ଗୁରୁ, ସ୍ୱୟଂପ୍ରଭା ମିଶ୍ର, ମଞ୍ଜୁ ଗୁମାନ୍ ସିଂ, ଲକ୍ଷ୍ମୀଧର ମହାପାତ୍ର, ସମାଜସେବୀ ରୁଦ୍ର ପ୍ରସନ୍ନ ରଥ, ଗଦାଧର ଜେନା, ଅଖିଳ କୁମାର ସ୍ୱାଇଁ ପ୍ରମୁଖ ସାମିଲ୍ ହୋଇଥିଲେ। ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କନିଷ୍ଠ ପରିମଳ ବିଶେଷଜ୍ଞ ଦୀପକ କୁମାର ଜେନା ଓ ତାଙ୍କ ଟିମ୍ ପୂର୍ଣ୍ଣ ସହଯୋଗ କରିଥିଲେ।

## ଧରିତ୍ରୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ କର୍ମଶାଳା



ନୟାଗଡ଼,୧୪।୮ (ସମିସ): ନୟାଗଡ଼ ଜିଲ୍ଲାସ୍ତରୀୟ ଧରିତ୍ରୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଗ୍ରାମର ଗୋଷ୍ଠୀ ସମ୍ବଳର ସୁପରିଚାଳନା, ବିକାଶ ଓ ସୁବିନିଯୋଗର ଏକ ପ୍ରଶିକ୍ଷଣ ତଥା କର୍ମଶାଳା ନୟାଗଡ଼ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର, ସହକାରୀ ବନ ସଂରକ୍ଷକ, ବନାଞ୍ଚଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଦର, ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ପ୍ରଶିକ୍ଷକ, ବସୁନ୍ଧରା ପ୍ରଶିକ୍ଷକ, ୧୭ଟି ଗ୍ରାମର ଗ୍ରାମ୍ୟ ଅଧିକାର କମିଟିର ସଭାପତି ଓ ସମ୍ପାଦକ ଏବଂ ସମସ୍ତ ତହସିଲ୍‌ର ଏଫ୍‌ଆର୍ ସେଲ ସଂଯୋଜକ ସହ ଏହି ଯୋଜନା ସହ ଯୋଡ଼ି ହୋଇଥିବା ଜିଲ୍ଲାର ସଂଯୁକ୍ତ ଅଧିକାରୀମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା ପରିଚାଳନା କରିଥିଲେ।

## ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ

ଗଣିଆ,୧୪।୮ (ସମିସ): କୁନି କୁନି ଛାତ୍ରଛାତ୍ରୀ ବାଣ୍ଟିଲେ ସଚେତନତାର ବାର୍ତ୍ତା। ହାତରେ ଖଣ୍ଡିଏ ଖଣ୍ଡିଏ ଜାତୀୟ ପତାକା ଧରି ଶୋଭାଯାତ୍ରା କରିବା ସହିତ ଦେଶମାତୃକା ପାଇଁ ସ୍ଲୋଗାନ ଦେଇଥିଲେ। ଗଣିଆରେ ଥିବା ବେସରକାରୀ ଇଂରାଜୀ ବିଦ୍ୟାଳୟ ମହାନଦୀ ପବ୍ଲିକ ସ୍କୁଲର ୬/୭ ବର୍ଷର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଗଣିଆର ବିଭିନ୍ନ ସାହି, ବଜାର ପରିକ୍ରମା କରିବା ପରେ ବଜାରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜୀବନକୁ ଠିକ୍ ଭାବେ ବୁଝିନଥିବା ଏହି କୁନି କୁନି ଛାତ୍ରଛାତ୍ରୀଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅୟନ ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ତଥା ବିଦ୍ୟାଳୟର ସମ୍ପାଦକ ପଙ୍କଜ କୁମାର ସାହୁ, ଭାରପ୍ରାପ୍ତ ଅଧ୍ୟକ୍ଷ ରଶ୍ମିରଞ୍ଜନ ଦାଶ, ମ୍ୟାନେଜର ଅଶୋକ କୁମାରଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ଉପସ୍ଥିତ ଥିଲେ।



ଦିନ ପରେ ଦିନ ଗଡୁଛି

# ଛେନାପୋଡ଼କୁ ମିଳିଲାନି ଜିଆଇ ମାନ୍ୟତା

ନୟାଗଡ଼,୧୪।୮ (ସମିସ)

ଛେନାପୋଡ଼ କଥା ଉଠିଲେ ଆପେ ଆପେ ମନକୁ ଚାଲିଆସେ ନୟାଗଡ଼ କଥା। ନୟାଗଡ଼ର ପ୍ରସିଦ୍ଧ ମିଠା ଛେନାପୋଡ଼କୁ ନେଇ ସବୁଠି ଚର୍ଚ୍ଚା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନାପୋଡ଼ ପଛରେ ନୟାଗଡ଼ର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ ସୁଦର୍ଶନ ସାହୁ ପ୍ରଥମେ ଛେନାପୋଡ଼ ପ୍ରସ୍ତୁତି କରିଥିଲେ। ଏପ୍ରିଲ ୧୧ ତାରିଖ ସୁଦର୍ଶନଙ୍କ ଜୟନ୍ତୀକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ୨୦୨୩ ଏପ୍ରିଲ ୧୧ ତାରିଖ ଛେନାପୋଡ଼ ଦିବସ ପାଳନ ଅବସରରେ ଓର୍‌ମାସ ଅଧିକାରୀ ପ୍ରବୀଣ କୁମାର ଝା ସମସ୍ତ କାଗଜପତ୍ର ସହ ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଆବେଦନ କରିଥିବା ନେଇ ସୂଚନା ଦେଇଥିଲେ। ଏହା ମଧ୍ୟରେ ଦେଢ଼ ବର୍ଷ ଅତିକ୍ରାନ୍ତ କରିସାରିଥିଲେ ସୁଦ୍ଧା ଛେନାପୋଡ଼କୁ ଜିଆଇ ମାନ୍ୟତା ମିଳିପାରି ନ ଥିବା ନୟାଗଡ଼ବାସୀଙ୍କୁ ବେଶ୍ ଦୁଃଖ ଦେଇଛି।



ନୟାଗଡ଼ ଛେନାପୋଡ଼ର ଆରମ୍ଭ ବେଶ୍ ଆଲୋଚ୍ୟ ବିଷୟ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ଏପ୍ରିଲ ୧୧ରେ ଜନ୍ମଗ୍ରହଣ କରିଥିବା ସୁଦର୍ଶନ ନୟାଗଡ଼ କଚେରୀ ବଜାରରେ ଏକ ଜଳଖିଆ ଦୋକାନ କରିଥିଲେ। ଥରେ ବଳକା ଛେନାକୁ କ'ଣ କରିବେ ଭାବି ଏକ ନିଆରା ମିଠା ପ୍ରସ୍ତୁତ କରିବାକୁ ବସି ପଡ଼ିଥିଲେ। ଉକ୍ତ ନିଆରା ମିଠା ଆଜି ଛେନାପୋଡ଼ ଭାବେ ପରିଚୟଲାଭ କରିଛି। ଓର୍‌ମାସ୍ ପକ୍ଷରୁ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ନେଇ ଆବେଦନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଥିପ୍ରତି ଆନ୍ତରିକତାର ସହିତ ଉଦ୍ୟମ ହୋଇନଥିବା ଜଣାଯାଇଛି। ନୟାଗଡ଼ ଛେନାପୋଡ଼ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିବା ବେଳେ ଏହା ଏକ କୁଟୀରଶିଳ୍ପରେ ପରିଣତ ହୋଇସାରିଛି। ଛେନାପୋଡ଼ କେଜି ୧୦୦ରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନୟାଗଡ଼ ମୁଖ୍ୟ ଟ୍ରାଫିକ୍ ଛକରେ ପ୍ରତ୍ୟେକ ଦିନ ଶହ ଶହ କ୍ୱିଣ୍ଟାଲ ଛେନାପୋଡ଼ ବିକ୍ରି ହେଉଥିବାବେଳେ ଭାପୁର ବ୍ଲକ୍ ଫତେଗଡ଼ଠାରେ ପ୍ରତ୍ୟେକ ଦିନ ଏକ ଟନ୍‌ରୁ ଊର୍ଦ୍ଧ୍ୱ ଛେନାପୋଡ଼ ବିକ୍ରି ହେଉଛି। ନୟାଗଡ଼ ଏବଂ ଏହାର ଆଖପାଖ ଗ୍ରାମ ତଥା ମାଛିପଡ଼ା, ସୋଲପଟା, ଇଟାମାଟି, ଖଣ୍ଡପଡ଼ା, ଭାପୁର ଆଦି ଅଞ୍ଚଳରେ ଛେନାପୋଡ଼ ପ୍ରସ୍ତୁତ କରାଯାଇ ଛୋଟ ଛୋଟ ଚଟକା ଡେକ୍‌ଚି ଏବଂ ପାତ୍ରରେ ପ୍ୟାକ୍ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଏବଂ ରାଜ୍ୟ ବାହାରକୁ ପଠାଯାଉଛି।




Lunching of Zoom 125, Courtesy Soumik Hero, Jajpur Road

# ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନକଲେ ଧର୍ମେନ୍ଦ୍ର



ପୁରୀ, ୧୪।୮ (ସମିସ): ଗୁରୁବାର ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ରାଜ୍ୟ, ଦେଶ ଓ ମାନବଜାତିକୁ ମହାପ୍ରଭୁ ଆଶୀର୍ବାଦ କରନ୍ତୁ ବୋଲି ସେ କାମନା କରିଥିଲେ। ଜାତୀୟ ଶିକ୍ଷାନୀତି ଉପରେ ଜଣେ ଗୁରୁଜନଙ୍କ ପରାମର୍ଶ ନେଇଛନ୍ତି ଧର୍ମେନ୍ଦ୍ର। ଓଡ଼ିଶାର ସମସ୍ତ ପ୍ରାଥମିକ ସ୍କୁଲରେ ଓଡ଼ିଆ ଭାଷାରେ ପାଠପଢ଼ା ହେଉ ବୋଲି ସମ୍ପୃକ୍ତ ବ୍ୟକ୍ତିଜଣଙ୍କ କହିଥିଲେ। ଇଂରାଜୀ ସ୍କୁଲରେ ମଧ୍ୟ ଓଡ଼ିଆରେ ପାଠପଢ଼ା ହେଉ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ମାତୃଭାଷା ଓଡ଼ିଆରେ ପାଠପଢ଼ା ହେବା ଦରକାର ବୋଲି ସେହି ବ୍ୟକ୍ତି ଜଣକ କେନ୍ଦ୍ରମନ୍ତ୍ରୀଙ୍କୁ କହିଥିଲେ। ଶ୍ରୀମନ୍ଦିର ଭିତରେ ଥିବା ସ୍କୁଲର ପୁନରୁଦ୍ଧାର ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଏନେଇ ସେ ଜିଲ୍ଲାପାଳ ଏବଂ ଶିକ୍ଷା ବିଭାଗ ସହ ଆଲୋଚନା କରିବେ। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଏବେ ଯେଉଁଭଳି ଘଟଣା ଘଟୁଛି, ସେନେଇ ସ୍ଥାନୀୟ ପ୍ରଶାସନ ସଜାଗ ଥିବା କହିଥିଲେ ଧର୍ମେନ୍ଦ୍ର।

**ଶ୍ରୀମନ୍ଦିରରେ ଅଘଟଣ**

## ଗରମ ଡାଲି ପଡ଼ି ବୋଝିଆ ଆହତ

ପୁରୀ,୧୪।୮ (ସମିସ): ଶ୍ରୀମନ୍ଦିରରେ ଘଟିଛି ଅଘଟଣ। ଗରମ ଡାଲି ପଡ଼ି ଜଣେ ବୋଝିଆ ଆହତ ହୋଇଛନ୍ତି। ସେ ହେଲେ, ଖଡ଼ିପଦାର ପ୍ରଶାନ୍ତ ଜେନା। ସୂଚନା ଅନୁଯାୟୀ, ପ୍ରଶାନ୍ତ ବେତାରେ ଡାଲି, ଅନ୍ନ ରଖି ଆନନ୍ଦ ବଜାରକୁ ଆଣିଥିଲେ। ଆନନ୍ଦ ବଜାରରେ ବେତା ଓହ୍ଲାଉଥିବା ବେଳେ ଗରମ ଡାଲି କୁଡୁଆ ତାଙ୍କ ଉପରେ ପଡ଼ିଯାଇଥିଲା। ସେ ମଧ୍ୟ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରୁ ଅଣ୍ଟା ପର୍ଯ୍ୟନ୍ତ ଗରମ ଡାଲି ବୋହି ଆସିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପୁରୀର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇ ତାଙ୍କର ଚିକିତ୍ସା ଚାଲିଛି।


# ମହାପ୍ରଭୁଙ୍କୁ ଦର୍ଶନ କଲେ ମୋହନ ଭାଗବତ



ପୁରୀ,୧୪।୮ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଆଜି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ପୁରୀରେ ପହଞ୍ଚିଥିଲେ। ପ୍ରଥମେ ସେ ଗୋବର୍ଦ୍ଧନ ମଠାରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିବା ସହ ଆଶୀର୍ବାଦ ନେଇଥିଲେ। ଏଥିସହ ଗୁରୁଜୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋନା କରିଥିଲେ। ପରେ ଆରଏସ୍‌ଏସ୍ ମୁଖ୍ୟ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ସେବାୟତମାନେ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟାଏରୁ ଅଧିକ ସମୟ ଶ୍ରୀମନ୍ଦିରରେ ବିତାଇଥିଲେ ଶ୍ରୀ ଭାଗବତ।

## ସାପକାମୁଡ଼ାରେ ମାଆ-ପୁଅ ମୃତ

ଆନନ୍ଦପୁର,୧୪।୮ (ସମିସ): ସାପ କାମୁଡ଼ାରେ ଚାଲିଗଲା ମାଆ-ପୁଅଙ୍କ ଜୀବନ। ଘସିପୁରା ଥାନା ରାଧିକାଦେଇପୁର ଗାଁରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗାଁର ସୁନୀଲ ମୁଣ୍ଡାଙ୍କ ପତ୍ନୀ ଜେମାମଣୀ ଓ ତାଙ୍କ ପୁଅ ଗଣେଶ (୧୦)। ଉଭୟ ମାଆ-ପୁଅ ବୁଧବାର ରାତିରେ ଖାଇପିଇ ସାରି ଘରେ ଚଟାଣରେ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ ହଠାତ୍ ଦୁହିଁଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ସୁନୀଲ ସେମାନଙ୍କୁ ଏକ ବାଇକ୍‌ରେ ନିକଟସ୍ଥ କେଶଦୁରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ନ ମିଳିବାରୁ ଘରୋଇ ଗାଡ଼ିରେ ଦୁହିଁଙ୍କୁ ମେଡିକାଲ ନେବାରେ ବିଳମ୍ବ ହୋଇଥିଲା। ଫଳରେ ବାଟରେ ଗଣେଶ ଓ ଚିକିତ୍ସାଧୀନ ଅବସ୍ଥାରେ ଜେମାମଣୀଙ୍କ ମୃତ୍ୟୁ ଘଟିଥିଲା।



**କେନ୍ଦ୍ର ଓବିସି ତାଲିକାରେ ସାମିଲ ପ୍ରସଙ୍ଗ**

## ଆସନ୍ତା ୨୦ରେ ଜନଶୁଣାଣି କରିବେ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ

ଭୁବନେଶ୍ୱର,୧୪।୮ (ସମିସ): କେନ୍ଦ୍ର ଓବିସି ତାଲିକାରେ ଓଡ଼ିଶାର ବିଭିନ୍ନ ଜାତିକୁ ଯୋଡ଼ିବା ପାଇଁ ଜନଶୁଣାଣି ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ (ଏନସିବିସି) ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ସାର୍ବଜନୀନ ଶୁଣାଣି ହେବ। ଏନେଇ ଏନସିବିସିଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ଓବିସି ତାଲିକାରେ ରାଜ୍ୟର ବିଭିନ୍ନ ଜାତି, ସମ୍ପ୍ରଦାୟଙ୍କୁ ଯୋଡ଼ିବା ପାଇଁ ଏନସିବିସିକୁ ରାଜ୍ୟ ଏସସି, ଏସଟି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିବିଶେଷ, ସଂଗଠନ ମଧ୍ୟ ତାଲିକାରେ ସାମିଲ ଓ ବାଦ୍ ଦେବା ନେଇ ଆୟୋଗଙ୍କ ନିକଟରେ ଦାବି ରଖିଥିଲେ। ଏହାକୁ

### ତାଲିକାରେ ଯୋଡ଼ିହେବାକୁ ଅପେକ୍ଷାରେ ଏକାଧିକ ଜାତି

ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖରେ ଆୟୋଗ ଭୁବନେଶ୍ୱରରେ ଜନଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ବିଭିନ୍ନ ଜାତି, ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ରହି ନିଜର ଦାବି ରଖିପାରିବେ। ଶୁଣାଣିରେ ଓଡ଼ିଶା ସରକାରଙ୍କ ରିପୋର୍ଟ ସହ ଅନ୍ୟାନ୍ୟ ବ୍ୟକ୍ତିଗତ ଆବେଦନଗୁଡ଼ିକୁ ବିଚାର କରାଯିବ। ଶୁଣାଣି ସମୟରେ ମୁଖ୍ୟ ଶାସନ ସଚିବ ସମସ୍ତ ପୂର୍ଣ୍ଣାଙ୍ଗ ତଥ୍ୟ ସହ ଆବଶ୍ୟକୀୟ କାଗଜପତ୍ର ସାଙ୍ଗରେ ଆଣି ଆସିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୨୧୧ ପ୍ରକାରର ଜାତି ପଛୁଆ ବର୍ଗର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ମାତ୍ର କେନ୍ଦ୍ର ସ୍ତରରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ସୁବିଧା ପାଇପାରୁ ନାହାନ୍ତି। ବର୍ଷ ବର୍ଷ ଧରି ସେମାନେ ଓବିସି ତାଲିକାରୁ ବଞ୍ଚିତ ହୋଇ ଆସୁଥିବା ବେଳେ କେନ୍ଦ୍ରୀୟ ତାଲିକାରେ ସାମିଲ ହେବାକୁ ବିଭିନ୍ନ ସମୟରେ ଦାବି କରି ଆସୁଛନ୍ତି।

**ନିଜକୁ ବାଇକ୍‌ରେ ବାନ୍ଧି କେନାଲକୁ ପଶିଗଲେ**

## ଯୁବକ ମୃତ

ସାରସକଣା,୧୪।୮ (ସମିସ): ସାରସକଣା ବ୍ଲକ ଝାରପୋଖରିଆ ଥାନା ଅନ୍ତର୍ଗତ ଶୀର୍ଷା ପଞ୍ଚାୟତର ଚାଉଳଘେରି ଗ୍ରାମ ନିକଟ ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲ ଭିତରୁ ଆଜି ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକଜଣଙ୍କ ହେଲେ, ଶାଳବଣି ଗ୍ରାମର ବିଜୟ ମହାନ୍ତଙ୍କ ପୁଅ ରତିକାନ୍ତ ମହାନ୍ତ। ଆଜି ଦିନ ବେଳେ ସେ ନିଜକୁ ଦଉଡ଼ିରେ ବାଇକ ସହ ବାନ୍ଧି କେନାଲକୁ ପଶି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତେବେ କେଉଁ କାରଣରୁ ସେ ଏପରି ଚରମ ପଦକ୍ଷେପ ନେଇଛନ୍ତି, ତାହା ଜଣାପଡ଼ିନାହିଁ।

## ତାଳବଣିଆ-ଭୂଦାନ ଛକ ରାସ୍ତା ସମ୍ପ୍ରସାରଣ ପାଇଁ ଗଛକଟାକୁ ବିରୋଧ: ହାଇକୋର୍ଟରେ ମାମଲା

କଟକ, ୧୪।୮ (ସମିସ): ପୁରୀ ତାଳବଣିଆ- ଭୂଦାନ ଛକ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପ୍ରସାରଣ କରିବା ପାଇଁ ବହୁ ବର୍ଷର ପୁରୁଣା ଗଛଗୁଡ଼ିକ କଟାଯିବା ପାଇଁ ରହିଥିବା ପ୍ରସ୍ତାବକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। କଟକ ଚାନ୍ଦିନୀଚୌକ ଅଞ୍ଚଳର ସ୍ୱେଚ୍ଛାସେବୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି। ଏଥିପାଇଁ ଏହି ଅଞ୍ଚଳରେ ଥିବା ପ୍ରାୟ ୭୨ଟି ପୁରୁଣା ଗଛ ଏଥିପାଇଁ ବଳି ପଡ଼ିବାକୁ ଯାଉଛି। ଏହାଦ୍ୱାରା ପୁରୀର ପରିବେଶ ଅସନ୍ତୁଳିତ ହେବା ସହ ତାପମାତ୍ରା ବୃଦ୍ଧି ସହ ପ୍ରଦୂଷଣ ସୃଷ୍ଟି ହେବ। ଏଥିପାଇଁ ଏହି ବେଆଇନ ଗଛକଟାକୁ ବନ୍ଦ କରିବା ସହ ପ୍ରତିପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।


ସୁପ୍ରିମକୋର୍ଟଙ୍କ ଧାର୍ଯ୍ୟ ଗାଇଡଲାଇନ ଅନୁପାଳନ ତଥା ବିଶେଷଜ୍ଞ କମିଟି ଦ୍ୱାରା ଯାଞ୍ଚ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ରାଜ୍ୟ ସରକାର ଏହି ମୂଲ୍ୟବାନ ଗଛଗୁଡ଼ିକୁ ଅନ୍ୟତ୍ର ପୁନଃସ୍ଥାପନ କରି ଏହାକୁ ଜୀବିତ ରଖିବା ପାଇଁ ପ୍ରୟାସ କରନ୍ତୁ କିମ୍ବା ଗଛଗୁଡ଼ିକର ଅପରପାର୍ଶ୍ୱର ଖାଲି ଜାଗାକୁ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟବହାର କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

ପୂର୍ବରୁ ମଧ୍ୟ, ଭୁବନେଶ୍ୱର ୟୁନିଟ୍-୪ରେ ବିଧାୟକମାନଙ୍କ ପାଇଁ ବହୁତଳ ବିଶିଷ୍ଟ କ୍ୱାର୍ଟର୍ସ ନିର୍ମାଣ ପାଇଁ ଗଛକଟାକୁ ବିରୋଧ କରି ଏକ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସରକାର ଏଭଳି ପଦକ୍ଷେପ ନେଇଥିଲେ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ପରିଚାଳନା ପାଇଁ ବରିଷ୍ଠ ଆଇନଜୀବୀ ବିଜୟ କୁମାର ରଗଡ଼ଙ୍କୁ ନିଯୁକ୍ତ କରାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟଶାସନ ସଚିବ, ଜଙ୍ଗଲ ଓ ପରିବେଶ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ, ଜିଏ ବିଭାଗ ସଚିବ, ନଗର ଉନ୍ନୟନ ବିଭାଗ ସଚିବ ,ପିକେଡିଏ ଅଧ୍ୟକ୍ଷ , ଓଡ଼ିଶା ବନ ଉନ୍ନୟନ ନିଗମ ଅଧ୍ୟକ୍ଷ ଓ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଛି।












# ଏକାଧିକ ସଂଗ୍ରାମୀଙ୍କ ଗାଁ ଚମ୍ପାଇଲୋ ଅବହେଳିତ

ଖୋର୍ଦ୍ଧା, ୧୪।୮ (ସମିସ)





ଶୁକ୍ରବାର ଦେଶ ପାଳନ କରୁଛି ସ୍ୱାଧୀନତାର ୭୯ ବର୍ଷ ପୂର୍ତ୍ତି। ଏହି ଅବସରରେ ପ୍ରତି କୋଣ ଅନୁକୋଣରେ ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ କରାଯାଉଛି। ସ୍ୱାଧୀନତା ଲାଗି ଯେଉଁମାନଙ୍କ ତ୍ୟାଗ ନିଷ୍ଠା ଓ ବଳିଦାନର ସ୍ୱରୂପ ଭାରତ ବର୍ଷ ସ୍ୱାଧୀନଲାଭ କଲା, ସେହିମାନଙ୍କ ଗ୍ରାମ, ଉତ୍ତରଦାୟଦ ଆଜି ବି ଅବହେଳିତ ଅବସ୍ଥାରେ ରହିଛନ୍ତି। ବଳିଦାନ ଦେଇଥିବା ସହିଦମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉ ନ ଥିବାବେଳେ ସେମାନଙ୍କ ପରିବାର ପ୍ରତି ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଦେଶମାତୃକା ଲାଗି ବଳିଦାନ ଦେଇଥିବା ସହିଦଙ୍କ ପରିବାର ଏବେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ଏମାନଙ୍କ ପ୍ରତି ସରକାର ନିଜର ଉତ୍ତରଦାୟିତ୍ୱ ଭୁଲି ଯାଇଥିବାବେଳେ ଏହାକୁ ନେଇ ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ଏକ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ହେଉଛି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକର ଚମ୍ପାଇଲୋ ଗାଁ।

- ଆଜାଦ୍ ହିନ୍ଦ ଫୌଜ୍‌ରେ ସାମିଲ ହୋଇଥିଲେ ଗାଁର ୨୯ ସଂଗ୍ରାମୀ
- ଗାଁ ଦାଣ୍ଡରେ ରହିଛି ସ୍ୱାଧୀନତାର ଛିଟା
- ସହିଦଙ୍କ ପରିବାରକୁ ମିଳୁନି ସହାୟତା
- ପୂର୍ବଜଙ୍କୁ ଝୁରୁଛି ସଂଗ୍ରାମୀ ମାଟି
- ଚମ୍ପାଇଲୋକୁ ଐତିହ୍ୟ ଗ୍ରାମ୍ୟ ଦାବି

ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ପିତୁକୁଳିଠାରୁ ମାତ୍ର ଦେଢ଼ କି.ମି. ଦୂରରେ ରହିଛି ଚମ୍ପାଇଲେ ଗାଁ। ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ଭାବେ ପରିଚିତ ଏହି ଗ୍ରାମ ଏବେ ଅବହେଳିତ ଅବସ୍ଥାରେ ରହିଛି। ଏଠିକାର ଲୋକେ କାମ ସନ୍ଧାନରେ ସୁଦୂର ବର୍ମା ଯାଇ ଉକ୍ତ ସମୟରେ କାମ କରୁଥିଲେ। ନେତାଜୀ ସୁଭାଷ ବୋଷ୍‌ଙ୍କ ଡକରାରେ ଚମ୍ପାଇଲୋ ଗ୍ରାମର ୨୯ରୁ ଉର୍ଦ୍ଧ୍ୱ ସଂଗ୍ରାମୀ ଆଜାଦ୍ ହିନ୍ଦ୍ ଫୌଜ୍‌ରେ ସାମିଲ୍ ହୋଇ ବ୍ରିଟିଶ୍ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଦେଶ ସ୍ୱାଧୀନ ହେଲା, ଆଉ ଏବେ ସ୍ୱାଧୀନ ଭାରତର ସ୍ୱର୍ଣ୍ଣିମ ଅଧ୍ୟାୟରୁ ଏହି ଗ୍ରାମ ସତେ ଯେପରି ଲିଭିଯାଉଛି। ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ଦିନେ ବଳିଦାନ ଦେଇଥିଲେ ଆଜି ତାଙ୍କ ଗାଁ ମାଟି ଓ ଉତ୍ତରଦାୟାଦ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି। ଇତିହାସରେ ଏହି ଗ୍ରାମକୁ ଯଥୋଚିତ ସମ୍ମାନ ପ୍ରଦାନ କରାଯାଇ ନାହିଁ ବୋଲି ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସଂଗ୍ରାମ ମାଟିର ବ୍ରହ୍ମଚାରି ଉତ୍ତରାୟ, ଅପର୍ତ୍ତି ମାର୍ଥ, ଶଙ୍କର ସାମନ୍ତରାୟ, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଗୋକୁଳ ଦାସ, ଲୋକନାଥ ରଣସିଂ, ଅର୍ଜୁନ ଶ୍ରୀଚନ୍ଦନଙ୍କ ଭଳି ଅନେକ ସେନାନୀ ଆଜାଦ୍ ହିନ୍ଦ୍‌ରେ ଯୋଗଦେଇ କେତେକ କାରାବରଣ କରିଥିଲେ। ପୁଣି ଅନେକ ସହିଦ ହୋଇଥିଲେ। ଅନ୍ୟପଟରେ ସେମାନଙ୍କ ଗାଁର ଜମିବାଡ଼ି ବି ଇଂରେଜମାନେ ଛଡ଼ାଇ ନେଇଯାଇଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତ ମଧ୍ୟ ଏହି ମାଟିରେ ଜନ୍ମ ହୋଇଥିଲେ। ଗାନ୍ଧିଜୀଙ୍କ ଡକରାରେ ଲବଣ ସତ୍ୟାଗ୍ରହରେ ସାମିଲ୍ ହୋଇଥିଲେ। ପିତୁକୁଳି ବଙ୍ଗଳାଠାରେ ପ୍ରଥମେ ତ୍ରିରଙ୍ଗା ଉଡ଼େଇ କାରାବରଣ କରିଥିଲେ। ବ୍ରିଟିଶ୍ ବିରୋଧରେ ଲଢ଼େଇର ପଦଚିହ୍ନ ସ୍ୱରୂପ ସରକାର ସ୍ୱାଧୀନତାର ସ୍ୱାକ୍ଷରତା ଭାବେ ମାନପତ୍ର ପ୍ରଦାନ କରିଛନ୍ତି। ମାତ୍ର ତାଙ୍କ ସ୍ମୃତିରକ୍ଷା କୌଣସି ସହଯୋଗ ପ୍ରଦାନ କରିନାହାନ୍ତି ବୋଲି ତାଙ୍କ ଦାୟାଦ କହିଛନ୍ତି। ସେମାନେ କୁହନ୍ତି, ବିଶ୍ୱନାଥ ସେହି ସମୟରେ ଖୋର୍ଦ୍ଧା ସବ୍‌ଡିଭିଜନ୍‌ରେ ପ୍ରଥମ ରାଜବନ୍ଦୀର ମାନ୍ୟତା ପାଇଥିଲେ। ସ୍ୱାଧୀନ ଭାରତରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇ ନାହିଁ ବୋଲି ସେମାନେ ଅତି କ୍ଷୋଭର ସହ କହିଛନ୍ତି।

ବିଶ୍ୱନାଥଙ୍କ ଦ୍ୱାରା ନିର୍ମିତ ହୋଇଥିବା ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାଶ୍ରମରେ ସେତେବେଳେ ଗାନ୍ଧିଜୀଙ୍କ ଡକରାରେ କୁଟି ଖାଅ କାଟି ପିନ୍ଧ ଆହ୍ୱାନରେ ସୂତା କଟାଯାଉଥିଲା। ଏହି କେନ୍ଦ୍ରକୁ ଗାନ୍ଧିଜୀ ୩ ଦିନିଆ ବୋଲଗଡ଼ ଗସ୍ତ ସମୟରେ ଆସିଥିଲେ। ଏପରିକି ବିନୋବା ଭାବେ, କୁନ୍ତଳା କୁମାରୀ ସାବତ, ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ହୋତା ଭଳି ମହାନ ସଂଗ୍ରାମୀ ଆସି ରହିଥିଲେ। ତେବେ ସ୍ୱାଧୀନତା ଦିବସ ଆସିଲେ, ସାରା ଭାରତରେ ଉତ୍ସାହର ମାହୋଲ ଦେଖିବାକୁ ମିଳେ। ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇ ଆମେ ନିଜକୁ ଗୌରବାନ୍ୱିତ ମନେ କରୁଥିବାବେଳେ ଚମ୍ପାଇଲୋ ଗ୍ରାମ ସତେ ଯେପରି ସମାଜର ଆଢୁଆଳରେ ରହିଯାଇଛି। ସ୍ୱାଧୀନତା ସଂଗ୍ରାମୀଙ୍କ ଏହି ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି। ସଂଗ୍ରାମୀଙ୍କ ସ୍ମୃତିଚିହ୍ନ ସ୍ୱରୂପ ଏଠାରେ ପ୍ରତିମୂର୍ତ୍ତିଟିଏ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ମୁକ୍ତ ସଂଗ୍ରାମରେ ବଳିଷ୍ଠ ନେତୃତ୍ୱ ଦେଇଥିବା ଏହି ଗ୍ରାମ ଲୋକଙ୍କ ମନରୁ ଲିଭିବାକୁ ବସିଲାଣି। ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇଥିବା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣୀୟ ଉଦ୍ଦେଶ୍ୟରେ ରାଜ୍ୟ ସରକାର ସେମାନଙ୍କ ପରିବାରକୁ ତାମ୍ର ଫଳକଟିଏ ଧରାଇଦେଇ ଅନ୍ୟ କୌଣସି ବ୍ୟବସ୍ଥା କରିନାହାନ୍ତି। ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନାର୍ଥେ ସେମାନଙ୍କ ପ୍ରତିମୂର୍ତ୍ତି ଏବଂ ଚମ୍ପାଇଲୋ ଗ୍ରାମକୁ ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ଲାଗି ଗ୍ରାମବାସୀମାନେ ଦାବି କରିଛନ୍ତି।

## ୨୨୭ ଲିଟର ଦେଶୀ ମଦ ଜବତ; ୩ ଗିରଫ

ବାଲୁଗାଁ, ୧୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ବାଣପୁର ଓ ନାଚୁଣୀ ଥାନା ଅଞ୍ଚଳରେ ଚଢ଼ଉ କରି ୨୨୭ ଲିଟର ଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ଟାଙ୍ଗୀ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ସଦଳବଳେ ପୃଥକ୍ ଭାବେ ବାଣପୁର ଥାନା ଅନ୍ତର୍ଗତ ହରିପୁର ଛକ ବ୍ରିଜ୍ ନିକଟସ୍ଥ ମା' ତାରିଣୀଙ୍କ ମନ୍ଦିର ଓ ଦଣ୍ଡିଗାଡ଼ିଆ ଛକସ୍ଥିତ ଚଣ୍ଡୀମନ୍ଦିର ନିକଟରେ ଚଢ଼ଉ କରାଯାଇଥିଲା। ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖଜୁରିସାହି ଗ୍ରାମର ବିଶ୍ୱନାଥ ଶବରଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୦୩ ଲିଟର ଚୋରା ଦେଶୀ ମଦ ଜବତ କରିଥିବାବେଳେ ଅଭି ଶବରଠାରୁ ୧୦୪ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ନାଚୁଣୀ ଥାନା ସଲପଡ଼ିହ ଅଞ୍ଚଳରେ ଚଢ଼ଉ କରି ବାସୁଦେବ ଭୋଲଙ୍କୁ ଗିରଫ କରି ତାଙ୍କ ନିକଟରୁ ୨୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ବାଲୁଗାଁ ଅବକାରୀ ବିଭାଗରେ ପୃଥକ୍ ୩ଟି ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଏସ୍‌ଆଇ ମୀନକେତନ ମହାଲିକ, ରଞ୍ଜିତ ପଟେଲ, ସୁନିତା ମହାରଣା ଓ କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ସୋରଣ ପୂର୍ବତନ ସରପଞ୍ଚଙ୍କ ପରଲୋକ

ଟାଙ୍ଗୀ, ୧୪।୮ (ସମିସ): ବୁଧବାର ରାତି ପ୍ରାୟ ୧୧ଟା ସମୟରେ ଟାଙ୍ଗୀ ଥାନା ଚିଲିକା ବ୍ଲକ ଅଧୀନସ୍ଥ ସୋରଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ସମାଜସେବୀ ଦିଲ୍ଲୀପ ମହାନ୍ତି(୭୧)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ଜଣାଶୁଣା, ସରଳ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ନାଥ ମାନସିଂହ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ବେହେରା, ସୋରଣ ସରପଞ୍ଚ ଭାବ ବେହେରା, ପୂର୍ବତନ ସୋରଣ ସରପଞ୍ଚ ରତିକାନ୍ତ ବୈରୀଗଞ୍ଜନ, ବସନ୍ତ ଜେନା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କର ଶେଷ ଦର୍ଶନ କରିଛନ୍ତି। ତାଙ୍କର ଶେଷକୃତ୍ୟ ନିଜ ଜନ୍ମଭୂମି ସୋରଣଠାରେ କରାଯାଇଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ 'ହର୍ ଘର୍ ତିରଙ୍ଗା'

ନିରାକାରପୁର, ୧୪।୮ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ମହାବିଦ୍ୟାଳୟ ଶ୍ରେଣୀଗୃହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ନିଜ ଅଞ୍ଚଳରେ ସଚେତନ ସୃଷ୍ଟି କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଏହାପରେ ମହାବିଦ୍ୟାଳୟର ୧୦୦୦ ଛାତ୍ରଛାତ୍ରୀଙ୍କ ସମେତ +୨ ଓ +୩ର ଜାତୀୟ ସେବା ଯୋଜନାରେ ସମସ୍ତ ସ୍ୱେଚ୍ଛାସେବୀ, ୟୁଥ୍ ରେଡ୍‌କ୍ରସ ଓ ଭାରତ ସ୍କାଉଟ୍ସ ଗାଇଡ୍ସର ସ୍ୱେଚ୍ଛାସେବୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନଙ୍କୁ ନେଇ ନିକଟସ୍ଥ ଗ୍ରାମରେ ୫୦୦ ମିଟର ଲମ୍ବର ଏକ ତ୍ରିରଙ୍ଗା ଧରି ସ୍ୱାଧୀନତାର ନାରା ଦେଇ ପରିକ୍ରମା କରାଯାଇଥିଲା। ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ, ଅଧ୍ୟାପିକା ସଚଳା ସାମନ୍ତରାୟ, ସୁଜ୍ଞାନୀ ଭଞ୍ଜସାମନ୍ତ, ଅନୁପମା ଚମ୍ପତିରାୟ, ଡ. ସଂଯୁକ୍ତା ପଟ୍ଟନାୟକ, ଅନୀତା ଦାଶ, ସ୍ୱୟଂପ୍ରଜ୍ଞା ମାନ୍ଧାତା, ସବିତା ବେହେରା, ଯଶସ୍ୱିନୀ ସାହୁ, ଅଞ୍ଜଳି ସାହୁ, ଅଧ୍ୟାପକ ଡ. ଜନ୍ମେଜୟ ଚୌଧୁରୀ, ଭୁବନେଶ୍ୱର ନାୟକ, ମାନସ ଜୟସିଂହ, ବଳରାମ ପଶାୟତ, ମନ ସତ୍‌ନାମୀ, ଡେମୋନ୍‌ଷ୍ଟ୍ରେଟର ସତ୍ୟ ସୁନ୍ଦର ମହାପାତ୍ର, ଗ୍ରନ୍ଥାଗାରିକ ପ୍ରଦେଶ କୁମାର ମହାରଥୀ ଓ କିରାଣି ଦେବାଶିଷ ପଟ୍ଟନାୟକ ପ୍ରଭୃତି ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ନିରାକାରପୁର ମଣ୍ଡଳ ତରଫରୁ ମଣ୍ଡଳ ସଭାପତି ଅଜୟ ପାଇକରାୟଙ୍କ ନେତୃତ୍ୱରେ ହର୍ ଘର୍ ତିରଙ୍ଗା ଶୋଭାଯାତ୍ରା ହୋଇଯାଇଛି। ଏଥିରେ ବିଜେପି କୃଷକ ନେତା କେଲୁଚରଣ ଜଗଦ୍ଦେବ, ବିଜେପି ନେତା ପ୍ରଫୁଲ୍ଲ କୁମାର ଜେନା, ସନାତନ ବାରିକ, ମନ୍ମଥ ବେହେରା, ଚିତ୍ତରଞ୍ଜନ ତ୍ରିପାଠୀ, ପ୍ରଦୋଷ ହରିଚନ୍ଦନ, ପୁଷ୍ପଲତା ବେହେରା ଓ ନୂଆଗଡ଼ ସରପଞ୍ଚ ରଘୁନାଥ ମାଝୀଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କ ୧୫୦୦ ଫୁଟ୍‌ର ତ୍ରିରଙ୍ଗା ଶୋଭାଯାତ୍ରା

ନିରାକାରପୁର, ୧୪।୮ (ସମିସ): ଦେଶର ୭୯ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ଦିବସରେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ନଗର ପରିକ୍ରମା କରିଥିବାବେଳେ ନଗରବାସୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ୧ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହିତ ଶତାଧିକ କର୍ମଚାରୀ କଲେଜ ପରିସରରୁ ବାହାରି କଲେଜ ଛକ, ସୃଜନ ବିହାର, ପଦ୍ମପୁର, ଆର୍ଯ୍ୟ ବିହାର, ନିରାକାରପୁର ଥାନା ଦେଇ ଗେଟ୍ ବଜାର ପରିକ୍ରମା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ୧୫୦୦ ଫୁଟ୍‌ର ତ୍ରିରଙ୍ଗା ଧରି ଶୋଭାଯାତ୍ରାଟି ଯାଉଥିବାବେଳେ ବ୍ୟବସାୟୀ ଓ ସାଧାରଣ ଲୋକମାନେ ସ୍ୱାଗତ ଜଣାଇବା ସହିତ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଜାତୀୟ ପତାକା ଗ୍ରହଣ କରିଥିଲେ। ଦେଶ ପ୍ରେମର ନାରା ଆଜି ଜନଜୀବନ ଉପରେ ବେଶ୍ ପ୍ରଭାବ ରଖିଛି ବୋଲି ଅଧ୍ୟକ୍ଷା ବ୍ରତତୀ ମିଶ୍ର କହିଥିବାବେଳେ ନିରାକାରପୁର ଆଇଆଇସି ବିଶ୍ୱଜିତ ରାଉତରାୟ ଓ ସବ୍ ଇନ୍ସପେକ୍ଟର ଦିପାଲିଶା ନାୟକ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ ନିର୍ବାହ କରିଥିଲେ। ପରେ କଲେଜ ପରିସରରେ ହର୍ ଘର୍ ତିରଙ୍ଗା ଅଭିଯାନ ପାଇଁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କୃତ ବିତରଣ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷା ବ୍ରତତୀ ମିଶ୍ରଙ୍କ ସମେତ ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, ଡ. କୈବଲ୍ୟ ପତି, ଗିରିଜା ଶଙ୍କର ମହାପାତ୍ର, ସୌରଭ ମହାପାତ୍ର, ଅଭିଷେକ ପଣ୍ଡା, ଅମୂଲ୍ୟ ପାତ୍ର, ସନ୍ଦୀପ ମହାପାତ୍ର, ପୁଣ୍ୟ ଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ସ୍କୁଲ ଛାତ୍ରଛାତ୍ରୀଙ୍କ ତ୍ରିରଙ୍ଗା ଶୋଭାଯାତ୍ରା

ଖୋର୍ଦ୍ଧା, ୧୪।୮ (ସମିସ): ସାରା ଭାରତ ବର୍ଷରେ ପାଳିତ ହେବାକୁ ଯାଉଛି ସ୍ୱାଧୀନତାର ୭୯ବର୍ଷ ପୂର୍ତ୍ତି। ଏ ସମ୍ପର୍କରେ ଦେଶବାସୀଙ୍କୁ ସଚେତନ ଏବଂ ଦେଶପ୍ରେମରେ ଅଂଶଗ୍ରହଣ କରିବାକୁ ଆରମ୍ଭ ହେଉଛି ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ। ଏହି ଅବସରରେ ସ୍ଥାନୀୟ ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିଲା ତ୍ରିରଙ୍ଗା ଶୋଭାଯାତ୍ରା। ଛାତ୍ରଛାତ୍ରୀମାନେ ହାତରେ ଜାତୀୟ ପତାକା ଧରି ବନ୍ଦେ ମାତରଂ, ଭାରତ ମାତା କି ଜୟ ସହିତ ଅନ୍ୟ ଦେଶାତ୍ମବୋଧ ସ୍ଲୋଗାନ ଦେଇ ବିଭିନ୍ନ କଲୋନୀ, ସାହି ପରିକ୍ରମା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ଦିଗ୍‌ଦର୍ଶନରେ ଆୟୋଜିତ ଏହି ହର୍ ଘର୍ ତିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ, ଶିକ୍ଷକ ତୁଷାର ରଞ୍ଜନ ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ସୁମିତ୍ରା ତ୍ରିପାଠୀ, କରିଶ୍ମା ସାହୁ ଏବଂ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ପରିକ୍ରମା କରିବା ସମୟରେ ଜନସାଧାରଣ ସାମିଲ୍ ହୋଇ ସ୍ଲୋଗାନ ଦେଇଥିଲେ।

## ବାଣପୁର ଏନ୍‌ଏସିର 'ହର୍ ଘର୍ ତିରଙ୍ଗା'

ବାଣପୁର, ୧୪।୮ (ସମିସ): ଭାରତ ର ପ୍ରତ୍ୟେକ ନାଗରିକ ନିଜର ଦେଶ ଭକ୍ତି ଓ ଦେଶର ଜାତୀୟ ପତାକାକୁ ସମ୍ମାନ ଜଣେଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୨ ମସିହାରେ ସାରା ଦେଶରେ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ଅଧ୍ୟକ୍ଷଙ୍କ ସହ ଏନ୍‌ଏସି ଉପାଧ୍ୟକ୍ଷା, ସମସ୍ତ କାଉନ୍‌ସିଲର ଓ କର୍ମଚାରୀଙ୍କ ସମେତ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସମସ୍ତ ଛାତ୍ରୀ ଏବଂ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୧ ଓ ୨ର ଶିକ୍ଷକଶିକ୍ଷୟିତ୍ରୀ, ସମସ୍ତ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ବହୁ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଦେଶମାତୃକାକୁ ସମ୍ମାନ ଜଣାଇ ହାତରେ ଜାତୀୟ ପତାକା ଧରି ମା' ଭଗବତୀଙ୍କ ମନ୍ଦିର ନିକଟରୁ ବାହାରି ବାଣପୁର ସହର ପରିକ୍ରମା କରି ହର୍ ଘର୍ ତିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ମନ୍ତ୍ରୀଙ୍କ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

ବାଲୁଗାଁ, ୧୪।୮ (ସମିସ): ସାରା ଦେଶ ତଥା ରାଜ୍ୟରେ ବର୍ତ୍ତମାନ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଚାଲିଥିବାବେଳେ ଗୁରୁବାର ଚିଲିକା ବିଜେପି ପକ୍ଷରୁ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ, ସ୍ଥାନୀୟ ଲୋକ ପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତା ଓ ବହୁ ସ୍ଥାନୀୟ ଜନସାଧାରଣ ସାମିଲ୍ ହୋଇ ହାତରେ ଜାତୀୟ ପତାକା ଧରି ବାଲୁଗାଁସ୍ଥିତ ମା' ଉତ୍ତରାୟଣୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବାଲୁଗାଁ ସହର ପରିକ୍ରମା କରିବା ପରେ ବାଣପୁର ସହର ପରିକ୍ରମା କରି ଐତିହାସିକ ପଲଟଣ ପଡ଼ିଆରେ ପହଞ୍ଚିଥିଲେ।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ 'ବିଭାଜନ ଭୟଙ୍କର' ସ୍ମୃତି ଦିବସ

ଜଟଣୀ, ୧୪।୮ (ସମିସ): ୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ଅଗଣିତ ଜୀବନ ହରାଇଥିବା ଏବଂ ସହ୍ୟ କରିଥିବା ଅପାର ଯନ୍ତ୍ରଣାକୁ ମନେ ପକାଇବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁବାର ବିଭାଜନ ଭୟଙ୍କର ସ୍ମୃତି ଦିବସ ପାଳନ କରିଛି। ବିଭାଜନର ଭୟଙ୍କରତା ସହିଥିବା ଲୋକଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ଏକ ସାମୂହିକ ପ୍ରୟାସରେ ଭାରତୀୟ ରେଳବାଇ, ଭାରତ ସରକାରଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଏକ ସ୍ମାରକୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରମୁଖ ଷ୍ଟେସନଗୁଡ଼ିକ ଯଥା- ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ପଲାସା ଓ ପୁରୀ ଷ୍ଟେସନରେ ପ୍ରବାସ ସମୟରେ ଯାତ୍ରା ଏବଂ ସଂଘର୍ଷକୁ ଚିତ୍ରଣ କରୁଥିବା 'ବିଭାଜନରେ ରେଳବାଇର ଭୂମିକା' ଉପରେ ଆୟୋଜିତ ପ୍ରଦର୍ଶନୀକୁ ପ୍ରଦର୍ଶିତ କରାଯାଇଥିଲା। ବିଭାଜନର ଭାବପ୍ରବଣ ଏବଂ ଶାରୀରିକ ପ୍ରଭାବକୁ ଉଜାଗର କରି ଷ୍ଟେସନ୍ ଟିଭି ସ୍କ୍ରିନ୍‌ରେ ଐତିହାସିକ ଫୁଟେଜ୍ ଏବଂ ସୂଚନାପ୍ରଦ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି ପାଳନ କେବଳ ବିଭାଜନର ପୀଡ଼ିତ ଏବଂ ବଞ୍ଚିଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଭାବରେ ନୁହେଁ ବରଂ ଆଧୁନିକ ଭାରତକୁ ଗଠନ କରିଥିବା ସ୍ଥିରତା ଏବଂ ଏକତାର ସ୍ମରଣକାରୀ ଭାବରେ ମଧ୍ୟ ପ୍ରତିଫଳିତ କରିଥିଲା ବୋଲି କୁହାଯାଇଛି।

## ସମବାୟ ବ୍ୟାଙ୍କର ପୂର୍ବତନ ସଭାପତିଙ୍କ ପରଲୋକ

ବାଲୁଗାଁ, ୧୪।୮ (ସମିସ): ଖୋର୍ଦ୍ଧା ସମବାୟ ବ୍ୟାଙ୍କ ବାଲୁଗାଁ ଶାଖାର ସଭାପତି ତଥା ଚିଲିକା ବ୍ଲକ ସୋରଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲ୍ଲୀପ ମହାନ୍ତି ଓରଫ ଜାବୁଲାଙ୍କ ୭୧ବର୍ଷ ବୟସରେ ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଯାଇଛି। ୧୯୯୦ରେ ସେ ସୋରଣ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସହିତ ୧୯୯୬ରେ ବାଲୁଗାଁ, ବାଣପୁର, ଖୋର୍ଦ୍ଧା ସମବାୟ ବ୍ୟାଙ୍କରେ ଦୀର୍ଘ ୧୦ ବର୍ଷ ଧରି ନିର୍ଦ୍ଦେଶକ ରହିଥିଲେ। ସମବାୟ ବ୍ୟାଙ୍କ ବାଲୁଗାଁ ଶାଖାର ସଭାପତି ସହ ଭୁବନେଶ୍ୱର ଶାଖା ମାର୍କଫେଡ୍‌ର ମଧ୍ୟ ନିର୍ଦ୍ଦେଶକ ଥିଲେ। ସେ କଂଗ୍ରେସ ଦଳର ଚିଲିକା ନିର୍ବାଚନମଣ୍ଡଳୀରେ ଜଣେ ଟାଣୁଆ ନେତା ଭାବେ ବେଶ୍ ଜଣାଶୁଣା ଥିଲେ। ଗୁରୁବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲାବେଳେ ତାଙ୍କ ଧର୍ମପତ୍ନୀ, ଦୁଇ ପୁଅ, ବୋହୂ, ନାତି, ନାତୁଣୀ, ମାଆ ଓ ବନ୍ଧୁ ପରିବାର ବର୍ଗଙ୍କ ସମେତ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପ୍ରକାଶ ବିଜୁଳିଙ୍କୁ ଆକ୍ରମଣ ଘଟଣା; ୭ ଦିନ ହେଲା ଟେର୍ ପାଉନି ପୁଲିସ

# ଶୋଭାଯାତ୍ରାରେ ନେତାଙ୍କ ସହ ବୁଲୁଛନ୍ତି ଅଭିଯୁକ୍ତ

ଖୋର୍ଦ୍ଧା, ୧୪।୮ (ସମିସ):



ଗତ ୭ ତାରିଖ ଅପରାହ୍ନରେ ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଖୋର୍ଦ୍ଧା ବିଧାୟକଙ୍କ ଏକାନ୍ତ ଅନୁଗତମାନେ ଖୋର୍ଦ୍ଧାରେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେବା ଘଟଣା ଇତିମଧ୍ୟରେ ୭ଦିନ ବିତିଲାଣି। ପୁଲିସ କେବଳ ଶ୍ରୀ ବିଜୁଳିଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ବିଜୁଳିଙ୍କୁ ବୁଝାଇଦେଇ ଅଭିଯୁକ୍ତଙ୍କୁ ଖୋଲାରେ ବୁଲିବାକୁ ଛାଡ଼ିଦେଇଛି। ଅଭିଯୁକ୍ତମାନେ ଫେରାର୍ ଥିବାରୁ ଧରିହେଉ ନ ଥିବା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ କହୁଥିବାବେଳେ ବାସ୍ତବରେ କିନ୍ତୁ ଅଭିଯୁକ୍ତମାନେ ସ୍ଥାନୀୟ ବିଧାୟକଙ୍କ ସହ ଶୋଭାଯାତ୍ରା, ସଭାସମିତିରେ ବୁଲୁଥିବା ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେଉଛି। ପୁଲିସ କ'ଣ ନେତାଙ୍କ ଚାପରେ ପଡ଼ି ଅଭିଯୁକ୍ତମାନଙ୍କୁ ଧରିବାରେ ଟାଳଟୁଳ ନୀତି ଆପଣାଉଛି ନା ଅଭିଯୁକ୍ତଙ୍କଠାରୁ କିଛି ମୁନାଫା କମାଇବା ଲକ୍ଷ୍ୟରେ ଜାମିନ ପାଇଁ ସମୟ ଦେଇ ଚାଲିଛି ତାକୁ ନେଇ ଉଠିଲାଣି ପ୍ରଶ୍ନ।

ସୂଚନାଯୋଗ୍ୟ, ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ୧୬ନଂ ଜାତୀୟ ରାଜପଥ ଉପରେ ଫୁଟ୍ ଓଭରବ୍ରିଜ୍ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକଙ୍କ ସହ ଅଭିଯୁକ୍ତମାନେ ଫଟୋରେ ରହିଥିବା ଦେଖାଯାଇଛି। ସେହିପରି ବେଗୁନିଆଠାରେ ତ୍ରିରଙ୍ଗା ଶୋଭାଯାତ୍ରାରେ ମଧ୍ୟ ସେହି ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟମାନେ ଖୁଲମ୍‌ଖୁଲାଭାବେ ବୁଲୁଥିବା ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେଉଛି। ମାତ୍ର ଆଦର୍ଶ ଥାନା ପୁଲିସକୁ ଏ ଘଟଣା ଦେଖାନଯିବା ସମସ୍ତଙ୍କୁ ଚକିତ କରୁଛି। ବିଗତ ଦିନରେ ବିଏମ୍‌ସିରେ ଜଣେ ଓଏଏସ୍ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଭୁବନେଶ୍ୱର ସାଂସଦ ହଠାତ୍ ମୁହଁ ଖୋଲି ବିଧାୟକ ପ୍ରାର୍ଥୀଙ୍କ ଗିରଫ ଦାବି କରିଥିବାବେଳେ ବିଜୁଳିଙ୍କୁ ଆକ୍ରମଣ ଭଳି ଏକ ସମ୍ବେଦନଶୀଳ ଘଟଣାରେ ସାଂସଦଙ୍କ ନୀରବତା ଭିନ୍ନମୋଡ଼ ନେଉଛି। ଏ ନେଇ ପ୍ରକାଶ ବିଜୁଳିଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୁକ୍ତମାନଙ୍କୁ କାହା ନିର୍ଦ୍ଦେଶରେ ଥାନା ଅଧିକାରୀ ଗିରଫ କରୁନାହାନ୍ତି ଜଣାପଡୁନି। ଜଣେ ବିଧାୟକ ପ୍ରାର୍ଥୀଙ୍କୁ ପୁଲିସ ସୁରକ୍ଷା ଦେଇପାରୁ ନ ଥିବାବେଳେ ଲୋକଙ୍କୁ କିପରି ସୁରକ୍ଷା ଦେଉଥିବ ତାହା ଏଥିରୁ ସ୍ପଷ୍ଟ ଜାଣି ହେଉଛି। ଏସ୍‌ପି ଓ ଆଦର୍ଶ ଥାନା ଅଧିକାରୀ କାହା ନିର୍ଦ୍ଦେଶରେ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ତାହାକୁ ନେଇ ପ୍ରଶ୍ନ ସେ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଏହି ଥାନା ଅଧିକାରୀଙ୍କ ସମୟରେ ଖୋର୍ଦ୍ଧାରେ ଅଧିକ ବ୍ରାଉନ୍‌ସୁଗର ବେପାର ବଢ଼ିଛି। ଥାନା ଅଧିକାରୀ ସେମାନଙ୍କ ସହ ଡିଲ୍ କରି ଚଳୁଥିବା ଜଣାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବ୍ରାଉନ୍‌ସୁଗର ବେପାରୀ ରହିଛନ୍ତି। ତାଙ୍କଠାରୁ ମୋଟା ଅଙ୍କର ମାଲ୍ ନେଇ ଥାନା ଅଧିକାରୀ ସେମାନଙ୍କୁ ଖସାଇବାକୁ ମସୁଧା ଚଳାଇଛନ୍ତି। ଅଭିଯୋଗ ପତ୍ରରେ ମୁଁ ୫ ଜଣଙ୍କ ନାଁରେ ଲିଖିତଭାବେ ଜଣାଇଲି, ମାତ୍ର ୩ ଜଣଙ୍କ ନାଁରେ ପୁଲିସ ମାମଲା ରୁଜୁ କରିଛି। ମୋର ଏତଲାରେ ୩୯ ଗ୍ରାମ୍ ଓଜନର ସୁନାଚେନ୍ ନେଇଯାଇଥିବା ଲେଖିଥିଲେ ହେଁ ଥାନା ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ଏହାର ମୂଲ୍ୟ ୭୦ ହଜାର ଦର୍ଶାଇଛନ୍ତି। ଯାହାର କି ମୂଲ୍ୟ ପ୍ରାୟ ସାଢ଼େ ୩ ଲକ୍ଷ ହେବ। ଯାହା ପୁଲିସର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେବେ ଘଟଣା ସମ୍ପର୍କରେ ଏ ନେଇ ମୁଁ 'ଏକ୍ସ' ଯୋଗେ ମୁଖ୍ୟମନ୍ତ୍ରୀଙ୍କ ସମେତ ପୁଲିସର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି।

- ଆଦର୍ଶ ଥାନା ପୁଲିସ କାର୍ଯ୍ୟ ପ୍ରତି ପ୍ରଶ୍ନ ଉଠାଇଲେ ବିଜୁଳି
- ବ୍ରାଉନ୍‌ସୁଗର ବେପାରୀଙ୍କ ସହ ଥାନା ଅଧିକାରୀଙ୍କ ମଧୁର ସମ୍ପର୍କ ଅଭିଯୋଗ ଆଣିଲେ ବିଜୁଳି

# ସ୍ମରଣୀୟ ହୋଇରହିବ ଅପରେସନ ସିନ୍ଦୂର: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୪।୮: ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ଲାଗି ଭାରତର 'ଅପରେସନ ସିନ୍ଦୂର' ଥିଲା ଆତଙ୍କବାଦ ବିରୋଧରେ ମାନବିକତାର ଲଢ଼େଇ। ଆତଙ୍କବାଦୀଙ୍କ ପହଲଗାମ ଆକ୍ରମଣ ଥିଲା କାପୁରୁଷପଣିଆ ଏବଂ ଅମାନବିକତାର ପରିଚୟ। ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଜରିଆରେ ଆମର ସେନା ଜଣାଇ ଦେଇଛନ୍ତି ଯେ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଆମର ଯବାନ ସର୍ବଦା ପ୍ରସ୍ତୁତ ରହିଛନ୍ତି।

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭାରତୀୟ ସେନାର ପ୍ରଶଂସା କରି ସେ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୂର ଥିଲା ମାନବିକତାର ଲଢେଇ ଏବଂ ଇତିହାସରେ ଏହା ଲିପିବଦ୍ଧ ହୋଇରହିବ। ଯେଉଁମାନେ ଆମକୁ ଭାଗ ଭାଗ କରିବାକୁ ଚାହିଁଥିଲେ ସେମାନଙ୍କୁ ଭାରତବାସୀ ଏକ ହୋଇ ଠିକଣା ଜବାବ ଦେଇଛନ୍ତି। ଭାରତ କାହା ଉପରେ ଆକ୍ରମଣ କରିବ ନାହିଁ। କିନ୍ତୁ ଆକ୍ରମଣର ଶିକାର ହେଲେ ଭାରତ କିପରି ଉଚିତ ଜବାବ ଦେଇପାରୁଛି, ଭାରତର ସେହି ଶକ୍ତିକୁ ସାରା ବିଶ୍ୱ ଦେଖିଲା।

ଏହି ଅବସରରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ଉଦବୋଧନରେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଶଂସା କରିବା ସହିତ ଭାରତର ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଛନ୍ତି। ଜିଡିପିରେ ୬.୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ସଫଳ ହେଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସଂକଳ୍ପ ନେବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

# ପାକିସ୍ତାନକୁ ଭାରତର ଚେତାବନୀ



## ନିଜ ଭାଷା ଉପରେ ନିୟନ୍ତ୍ରଣ ରଖ
## ନଚେତ ପରିଣାମ ଯନ୍ତ୍ରଣାଦାୟକ ହେବ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। କେତେକ ପାକିସ୍ତାନ ନେତା ଭାରତ ବିରୋଧରେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ପରେ ଭାରତ ମଧ୍ୟ ଏହାର ଜବାବ ଦେଇଛି। ନିଜ ଭାଷା ଉପରେ ନିୟନ୍ତ୍ରଣ ରଖିବାକୁ ଭାରତ ପାକିସ୍ତାନକୁ ଚେତାବନୀ ଦେଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ନିଜର ଅପାରଗତାକୁ ଲୁଚାଇବା ପାଇଁ ପାକିସ୍ତାନ ନେତାମାନେ ଭାରତ ବିରୋଧରେ ଏଭଳି ଦାୟିତ୍ୱହୀନ, ଯୁଦ୍ଧ ପାଇଁ ଉସ୍‌କାଇବା ଓ ଘୃଣା ସୃଷ୍ଟି କଲା ଭଳି ମନ୍ତବ୍ୟ ଦେଉଛନ୍ତି। ପାକ୍ ନେତାମାନେ ନିଜର ଭାଷା ଓ ବକ୍ତବ୍ୟ ଉପରେ ନିୟନ୍ତ୍ରଣ ରଖିବା ଉଚିତ। ଯଦି ପାକିସ୍ତାନ କୌଣସି ଭୁଲ ପଦକ୍ଷେପ ନିଏ, ତେବେ ତା'ର ପରିଣତି ପାକିସ୍ତାନ ପାଇଁ ବହୁତ ଯନ୍ତ୍ରଣାଦାୟକ ହେବ ବୋଲି ଜୟସ୍ୱାଲ ଚେତାଇଛନ୍ତି। ସିନ୍ଧୁ ନଦୀ ଚୁକ୍ତିରୁ ଭାରତ ଓହରିଯିବା ପରେ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ଜଣ ନେତା ଭାରତ ବିରୋଧରେ ପରମାଣୁ ଆକ୍ରମଣ ଧମକ ଦେଇଥିଲେ। ଏମାନଙ୍କ ମଧ୍ୟରେ ପାକ୍ ସେନାମୁଖ୍ୟ ଆସିମ ମୁନୀର, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ସାମିଲ ରହିଛନ୍ତି।

ଯଦି ସିନ୍ଧୁ ନଦୀରେ ଭାରତ କୌଣସି ବନ୍ଧ ନିର୍ମାଣ କରେ ତେବେ ପାକିସ୍ତାନ କ୍ଷେପଣାସ୍ତ୍ର ମାଡ କରି ତାକୁ ଧ୍ୱଂସ କରିଦେବ ବୋଲି ମୁନୀର ଧମକ ଦେଇଥିଲେ। ସେହିପରି ଭାରତ ସହ ଯୁଦ୍ଧ କରି ଆମେ ସବୁ ୬ଟି ନଦୀକୁ ଫେରାଇ ଆଣିବୁ ବୋଲି ବିଲାୱଲ କହିଥିଲେ। ଯଦି ଶତ୍ରୁ ପାଣି ରୋକେ ତେବେ ଆମେ ଏଭଳି ଶାସ୍ତି ଦେବୁ ଯେ, ତାହାକୁ ସାରା ଜୀବନ ଭୁଲି ପାରିବ ନାହିଁ ବୋଲି ଶାହବାଜ ସରିଫ କହିଥିଲେ। ସିନ୍ଧୁ ଚୁକ୍ତି ନେଇ ପାକିସ୍ତାନର ଦାବିକୁ ଜୟସ୍ୱାଲ ପ୍ରତ୍ୟାଖାନ କରିଛନ୍ତି। ପହଲଗାମ ଆକ୍ରମଣ ସହିତ ସୀମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ଜବାବରେ ଭାରତ ସିନ୍ଧୁ ଚୁକ୍ତିକୁ ସ୍ଥଗିତ ରଖିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୨୫ ଜୁନ୍ ୨୭ରେ ଏକ ପ୍ରେସ ବିବୃତିରେ ଭାରତ ଏନେଇ ସ୍ପଷ୍ଟ କରିଥିଲା ବୋଲି ସେ କହିଛନ୍ତି।

# ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ୯ ପାଇଲଟଙ୍କୁ ବୀର ଚକ୍ର

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଅପରେସନ ସିନ୍ଦୂରରେ ସାହସିକତା ପ୍ରଦର୍ଶନ କରିଥିବା ସଶସ୍ତ୍ର ବଳର ୮୬ ଜଣ ଯବାନଙ୍କୁ ଗାଲଣ୍ଟ୍ରି ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ବାୟୁସେନାର ୫୨ ଜଣ ଯବାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରାଯିବ। ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଏହା ଘୋଷଣା କରାଯାଇଛି। ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ବାୟୁସେନାର ୯ ଜଣ ପାଇଲଟଙ୍କୁ ବୀରଚକ୍ର ପୁରସ୍କାର ପ୍ରଦାନ କରାଯିବ। ଅପରେସନ ସିନ୍ଦୂରରେ ପାକିସ୍ତାନର ଆତଙ୍କୀ ଠିକଣାକୁ ଧ୍ୱଂସ କରିଥିବା ପାଇଲଟ ଏଥିରେ ସାମିଲ ରହିଛନ୍ତି। ପରମବୀର ଚକ୍ର ଓ ମହାବୀର ଚକ୍ର ପରେ ବୀର ଚକ୍ରଙ୍କୁ ତୃତୀୟ ସର୍ବୋଚ୍ଚ ସାମରିକ ପୁରସ୍କାର ରୂପେ ବିବେଚନା କରାଯାଇଥାଏ। ଅପରେସନ ସିନ୍ଦୂର ପାଇଁ ଭାରତୀୟ ବାୟୁ ସେନାର ୱିଙ୍ଗ କମାଣ୍ଡର ଅଭିମନ୍ୟୁ ସିଂଙ୍କୁ ସୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି। ସେହିପରି ୯ ଜଣ ରଞ୍ଜିତ ସିଂ



ସିନ୍ଧୁ, ମନୀଷ ଅରୋଡା, ଅନିମେଷ ପାଟନୀ, କୃଣାଳ କାଲରା (ସମସ୍ତେ ଗ୍ରୁପ୍ କ୍ୟାପଟେନ), ସାର୍ଥକ କୁମାର, ସିଦ୍ଧାନ୍ତ ସିଂ, ରିଜୱାନ ମଲିକ (ସମସ୍ତେ ସ୍କ୍ୱାଡ୍ରନ ଲିଡର) ଏବଂ ଫ୍ଲାଇଟ୍ ଲେପଟନାଣ୍ଟ ଅର୍ଶବୀର ସିଂ ଠାକୁରଙ୍କୁ ବୀର ଚକ୍ର ପ୍ରଦାନ କରାଯାଇଛି।

ସଶସ୍ତ୍ର ବଳର ୭ ଜଣ ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ବାୟୁସେନାର ୩ ଓ ସେନାର ୨ ଓ ନୌସେନାର ଜଣେ ଅଧିକାରୀ ସାମିଲ ରହିଛନ୍ତି। ଏହାପୂର୍ବରୁ ଏହି ପୁରସ୍କାର କାରିଗିଲ ଯୁଦ୍ଧ ସମୟରେ ଶେଷଥର ପାଇଁ ଦିଆଯାଇଥିଲା। ସେହିପରି ଭାରତୀୟ ସେନାର ୧୮ ଜଣ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି। ଦୁଇଜଣ ବରିଷ୍ଠ ସେନା ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକରେ ମଧ୍ୟ ସମ୍ମାନିତ କରାଯାଇଛି। ସେହିପରି ୪ କୀର୍ତ୍ତି ଚକ୍ର, ୪ ବୀର ଚକ୍ର ଓ ୮ ସୌର୍ଯ୍ୟ ଚକ୍ର ପୁରସ୍କର ମଧ୍ୟ ଭାରତୀୟ ସେନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ବିଏସ୍‌ଏଫ୍‌ର ୧୬ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି।

### ଜମ୍ମୁ-କଶ୍ମୀରକୁ ପୁଣିଥରେ ରାଜ୍ୟର ମର୍ଯ୍ୟାଦା ଦେବା ମାମଲା

# କେନ୍ଦ୍ରଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଫେରାଇବା ଦାବିରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। କେନ୍ଦ୍ର ସରକାରଙ୍କୁ ୮ ସପ୍ତାହ ମଧ୍ୟରେ ଏ ନେଇ ଲିଖିତ ଭାବେ ଉତ୍ତର ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲରେ ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କଥା ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ଏଭଳି ଆକ୍ରମଣକୁ ଅଣଦେଖା କରିହେବନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କୁ ଗଠିତ ଖଣ୍ଡପୀଠ ଏହାକୁ ଚନ୍ତାଜନକ ବୋଲି କହିଛନ୍ତି। ଜମ୍ମୁ-କଶ୍ମୀରରେ ତୃଣମୂଳ ସ୍ତରରେ ଥିବା ସମସ୍ୟା, ବାସ୍ତବ ସ୍ଥିତି ଓ ପହଲଗାମ ଭଳି ଆତଙ୍କବାଦୀ ଘଟଣାକୁ ଆଦୌ ଅଣଦେଖା କରିହେବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଥାଉ କି ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରାଯାଇଥିଲା। ଏହାପରେ କେନ୍ଦ୍ର ସରକାର ଜାମ୍ମୁ-କଶ୍ମୀରକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରିଥିଲେ। ଏହା ବିରୋଧରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ ୨୦୨୩ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଠିକ୍ ବୋଲି କହିଥିଲେ। ସେତେବେଳେ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ ଅଶ୍ୱାସନା ଦେଇଥିଲେ। ତେବେ ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ କୋର୍ଟ କୌଣସି ସମୟସୀମା ଧାର୍ଯ୍ୟ କରିନଥିଲେ।

ଜମ୍ମୁ-କଶ୍ମୀର ସ୍ଥିତିକୁ ବିଚାର କଲେ ବର୍ତ୍ତମାନ ଏନେଇ କୌଣସି କଥା ଉଠାଯିବା କଥା ନୁହେଁ। ଆମେ ସବୁ କଥା ମାନିବୁ ଓ ଏଥିପାଇଁ ୮ ସପ୍ତାହ ସମୟ ଦିଆଯାଉ ବୋଲି ତୁଷାର କୋର୍ଟଙ୍କୁ କହିଥିଲେ। ଆଠ ସପ୍ତାହ ପରେ ଏ ନେଇ ଶୁଣାଣି ହେବ। ୩୭୦ ଧାରା ହଟାଯିବା ପରେ ଜମ୍ମୁ-କଶ୍ମୀରରେ ୨୦୨୪ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୩ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ ଫଳାଫଳ ଅକ୍ଟୋବର ୮ରେ ପ୍ରକାଶିତ ହୋଇଥିଲା। କିନ୍ତୁ ରାଜ୍ୟର ମର୍ଯ୍ୟାଦା ନ ମିଳିବା ପର୍ଯ୍ୟନ୍ତ ନିର୍ବାଚିତ ସରକାରଙ୍କ ମହତ୍ତ୍ୱ ପ୍ରାୟ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା।

# ପୁଟିନଙ୍କୁ ପୁଣି ଧମକ ଦେଲେ ଟ୍ରମ୍ପ



## ଯୁଦ୍ଧ ବନ୍ଦ ନକଲେ ପରିଣତି ଭୟଙ୍କର ହେବ

ୱାଶିଂଟନ, ୧୪।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ପୁଣି ଧମକ ଦେଇଛନ୍ତି। କହିଛନ୍ତି ଯେ ଶୁକ୍ରବାର ଆଲାସ୍କାରେ ପୁଟିନଙ୍କ ସହିତ ହେବାକୁ ଥିବା ଶିଖର ବୈଠକ ବିଫଳ ହେଲେ ରୁଷକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ଟ୍ରମ୍ପ କହିଛନ୍ତି ଯେ ୟୁକ୍ରେନରେ ଯୁଦ୍ଧ ସମାପ୍ତ ପାଇଁ ସେ ପୁଟିନଙ୍କୁ ବୁଝାଇବେ। ଯୁଦ୍ଧ ଶେଷ କରିବାକୁ ପୁଟିନ ରାଜି ନହେଲେ ତାଙ୍କୁ ଗମ୍ଭୀର ପରିଣତି ଭୋଗିବାକୁ ହେବ। ଅଗଷ୍ଟ ୧୫ ଅର୍ଥାତ ଶୁକ୍ରବାର ଟ୍ରମ୍ପ ଓ ପୁଟିନ ଆଲାସ୍କାରେ ଶିଖର ବୈଠକ କରିବେ। ୟୁକ୍ରେନରେ ଗତ ସାଢ଼େ ୩ ବର୍ଷ ହେବ ଚାଲିଥିବା ଯୁଦ୍ଧକୁ ରୋକିବା ହେଉଛି ଏହି ବୈଠକର ମୂଳ ଲକ୍ଷ୍ୟ। ଦୁଇ ନେତା ପ୍ରଥମଥର ପାଇଁ ଆମେରିକା ମାଟିରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ପୂର୍ବରୁ ବୁଧବାର ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ଓ ଅନ୍ୟ ୟୁରୋପୀୟ ନେତାଙ୍କ ସହ ଆଭାସୀ ବୈଠକରେ ମିଳିତ ହୋଇଥିଲେ। ଯୁଦ୍ଧ ଶେଷ କରିବାକୁ ହେଲେ ଦୁଇ ଦେଶକୁ ଜମି ଅଦଳବଦଳ କରିବାକୁ ହେବ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଏଥିରେ ୟୁକ୍ରେନ କ୍ଷତିଗ୍ରସ୍ତ ହେବ ବୋଲି ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ ଯୁଦ୍ଧ ଶେଷ କରିବାକୁ ନିଜ ଦେଶର ଜମି ଛାଡିବାକୁ ଜେଲେଁସ୍କି ମନା କରି ଦେଇଛନ୍ତି। ତେଣୁ ଆଲାସ୍କା ବୈଠକ ଉପରେ ଏବେ ସାରା ବିଶ୍ୱର ନଜର ରହିଛି ଓ ଏହି ବୈଠକ ଫଳାଫଳ କ'ଣ ହେବ ସେ ନେଇ ବିଭିନ୍ନ ଆକଳନ କରାଯାଉଛି। ପୁଣି ଯଦି ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଏହି ବୈଠକ ବିଫଳ ହୁଏ, ତେବେ ଭାରତ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ଭାରତ ଉପରେ ଆହୁରି ଶୁଳ୍କ ଲାଗୁ କରାଯିବ ବୋଲି ଆମେରିକାର ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଥିବାରୁ ଆମେରିକାର ପୂର୍ବରୁ ୨୫ ଓ ପରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା। ତେଣୁ ଆଲସ୍କା ବୈଠକ ସଫଳତା ଉପରେ ସବୁ କିଛି ନିର୍ଭର କରୁଛି।

### ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ବହିଷ୍କାର କଲେ ଅଖିଳେଶ

# ଯୋଗୀଙ୍କୁ ପ୍ରଶଂସା କରିବା ମହଙ୍ଗା ପଡ଼ିଲା



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ଗୁରୁବାର ବହିଷ୍କାର କରିଛନ୍ତି। ତାଙ୍କ ସ୍ୱାମୀ ରାଜୁ ପାଲଙ୍କୁ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ହତ୍ୟା କରିଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ହତ୍ୟାକାଣ୍ଡ ପାଇଁ ତାଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି ବୋଲି ପୂଜା ବିଧାନସଭାରେ କହିଥିଲେ। ଅପରାଧୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ଏହା ସମ୍ଭବ ହୋଇଥିଲା ବୋଲି ସେ କହିଥିଲେ।

ଦଳୀୟ ବିଚାରଧାରା ବିରୋଧରେ ଯାଇ ବିଧାୟିକା ପୂଜା ହିଂସା ପାଇଁ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିଥିବାରୁ ତାଙ୍କୁ ପାର୍ଟିରୁ ବହିଷ୍କାର କରିଛନ୍ତି ଦଳର ସୁପ୍ରିମୋ ଅଖିଳେଶ ଯାଦବ। ବିଧାୟିକା ପୂଜା ପାଲ ହେଉଛନ୍ତି ରାଜୁ ପାଲଙ୍କ ପତ୍ନୀ। ୨୦୦୫ରେ ଅତିକ ରାଜୁ ପାଲଙ୍କୁ ହତ୍ୟା କରିଥିଲା। ପରେ ଅତିକ ଓ ତା ଭାଇ ଆଶ୍ରଫଙ୍କୁ ପୁଲିସ ଉପସ୍ଥିତିରେ ହତ୍ୟା କରାଯାଇଥିଲା। ଏଥିପାଇଁ ପୂଜା ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। 'ମୋତେ ଯାହା ଠିକ୍ ଲାଗିଲା ତାହା ହିଁ କହିଛି। ମୁଁ ସମାଜବାଦୀ ପାର୍ଟିର କିମ୍ବା ଅଖିଳେଶଙ୍କ ନାମ ନେଇ ନଥିଲି। ମୁଁ କେବଳ ଅତିକ ଅହମ୍ମଦର ନାଁ ନେଇଥିଲି ଓ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲି। ତେଣୁ କୌଣସି ଅପରାଧ କରିନାହିଁ' ବୋଲି ପୂଜା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। କିନ୍ତୁ ତାଙ୍କ ମନ୍ତବ୍ୟର ନିନ୍ଦ କରିଛି ସମାଜବାଦୀ ପାର୍ଟି।

# 'ବୁଲା କୁକୁର ମାମଲାରେ ନିୟମର ପାଳନ ହେଉନି'



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବୁଲା କୁକୁର ମାମଲାରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟା ଓ ଜଷ୍ଟିସ୍ ଏନ୍‌ବି ଅଞ୍ଜାରିଆଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ମମାଲାରେ ସବୁ ପକ୍ଷରୁ ଦଲିଲ ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି ଯେ ନିୟମ ପ୍ରସ୍ତୁତ ହେଉଛି, କିନ୍ତୁ ପ୍ରଶାସନ ଏହା ପାଳନ କରୁନାହିଁ।

ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା ଦଲିଲ ଦେଇ କହିଥିଲେ ଯେ, ଏଭଳି ମାଂସାହାରୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜକୁ ପଶୁପ୍ରେମୀ ଭାବେ ଉପସ୍ଥାପନ କରୁଛନ୍ତି। ଅନ୍ୟପଟେ ବରିଷ୍ଠ ଓକିଲ କପିଲ ସିବଲ ମାମଲାର ସମାଧାନ ହେଉ ବୋଲି କହିଥିଲେ। ଦିଲ୍ଲୀ- ଏନ୍‌ସିଆର ସବୁ ବୁଲା କୁକୁରଙ୍କୁ ଏକାଠି କରି ଏକ ଆଶ୍ରୟସ୍ଥଳୀରେ ରଖିବା ଏବେ ସମ୍ଭବ ନୁହଁ। କାରଣ ବର୍ତ୍ତମାନ ଏଭଳି ଆଶ୍ରୟସ୍ଥଳୀ ନାହିଁ ବୋଲି ସିବଲ କହିଥିଲେ।

ସମସ୍ତ ବୁଲା କୁକୁରଙ୍କୁ ଉଠାଇ ଆଣି ଆଶ୍ରୟସ୍ଥଳୀରେ ରଖିବା ସହ ବନ୍ଧ୍ୟାକରଣ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ବିବାଦ ହେବା ପରେ ଗୁରୁବାର ଏହି ୩ ଜଣ ବିଚାରପତିଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠ ଶୁଣାଣି କରିଥିଲେ। କିଛି ଲୋକ ଦିଲ୍ଲୀ- ଏନ୍‌ସିଆର ରାସ୍ତାଗୁଡିକୁ କୁକୁରମୁକ୍ତ କରିବା ନିର୍ଦ୍ଦେଶକୁ ସ୍ୱାଗତ କରିଥିବା ବେଳେ ଆଉ କେତେକ ଏହାର ବିରୋଧ କରିଥିଲେ। ଏହାଦ୍ୱାରା ମଣିଷ ଓ କୁକୁର ମଧ୍ୟରେ ସଂଘର୍ଷ ଉଗ୍ରରୂପ ନେବ ବୋଲି ସେମାନେ ଯୁକ୍ତି କରିଥିଲେ।

# ଅଭିନେତା ଦର୍ଶନଙ୍କ ଜାମିନ ବାତିଲ୍ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ରେଣୁକାସ୍ୱାମୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଅଭିନେତା ଦର୍ଶନ ଓ ଅନ୍ୟ ଲୋକଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ଜେବି ପାରଦିୱାଲା ଓ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ହାଇକୋର୍ଟଙ୍କ ଆଦେଶକୁ ଖାରଜ କରିବା ସହ ଏଥିରେ ବହୁତ ତ୍ରୁଟି ରହିଛି ବୋଲି କହିଛନ୍ତି। ଅଭିଯୁକ୍ତ ଯେତେ ବଡ଼ ହୁଅନ୍ତୁ ନା କାହିଁକି, ତାଙ୍କ ଲୋକପ୍ରିୟତା ଯେତେ ହେଉ ନା କାହିଁକି ସେ ଆଇନ୍‌ର ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏହାଦ୍ୱାରା ପୂରା ସମାଜକୁ ଏକ ଗଠନମୂଳକ ବାର୍ତ୍ତା ଯିବ। ତେଣୁ ଯଥାଶୀଘ୍ର ଅଭିଯୁକ୍ତ ଆତ୍ମସମର୍ପଣ କରନ୍ତୁ ବୋଲି କୋର୍ଟ କହିଛନ୍ତି। କୋର୍ଟ ଦର୍ଶନଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜେଲରେ ଅଭିଯୁକ୍ତମାନଙ୍କୁ ବିଶେଷ ସୁବିଧା ସୁଯୋଗ ନ ଦେବାକୁ ତାଗିଦ କରିଛନ୍ତି। କର୍ଣ୍ଣାଟକ ହାଇକୋର୍ଟ ଦର୍ଶନ ଓ ତାଙ୍କ ସହଯୋଗୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଦର୍ଶନ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ହାଇକୋର୍ଟ ୨୦୨୪ ଡିସେମ୍ବର ୧୩ରେ ଜାମିନ ପ୍ରଦାନ କରିଥିଲେ। ଏବେ ବଲ୍ଲାରୀ ଜେଲ୍‌ରେ ଦର୍ଶନ ଓ ଅନ୍ୟମାନଙ୍କୁ ରଖାଯିବ ଓ ଏଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଲ୍ଲେଖଥାଉ କି ଦର୍ଶନ ଓ ପବିତ୍ର ଗୌଡା ସମେତ ଅନ୍ୟ ଅଭିଯୁକ୍ତମାନେ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରିବା ସହ ନିର୍ଯାତନା ଦେଇଥିଲେ। ତାଙ୍କ ମୃତଦେହ ଏକ ନାଳରୁ ମିଳିଥିଲା।

# ପାଇଲଟଙ୍କ ଡ୍ୟୁଟି ନେଇ ଏୟାର ଇଣ୍ଡିଆକୁ ଡିଜିସିଏର ଚେତାବନୀ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ପାଇଲଟମାନଙ୍କ ଡ୍ୟୁଟି ସମୟସୀମା ଉଲ୍ଲଂଘନ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଦୁଇଟି ଅନ୍ତର୍ଜାତୀୟ ଉଡାଣକୁ ନେଇ ଡିଜିସିଏ ଏହି ଚେତାବନୀ ଦେଇଛି। ଗତ ମେ ମାସରେ ବେଙ୍ଗାଲୁରୁ ଓ ଲଣ୍ଡନ ମଧ୍ୟରେ ଚାଲୁଥିବା ଦୁଇଟି ବିମାନରେ ପାଇଲଟମାନେ ୧୦ ଘଣ୍ଟାରୁ ଅଧିକ ସମୟ ବିମାନ ଚଳାଇଥିଲେ। ଏହା ନିୟମର ଘୋର ଉଲ୍ଲଂଘନ ବୋଲି ଡିଜିସିଏ ତରଫରୁ କୁହାଯାଇଛି। ଡିଜିସିଏ ଏସଂକ୍ରାନ୍ତରେ ଏୟାରଲାଇନକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଭବିଷ୍ୟତରେ ଏପରି ନ କରିବାକୁ ଡିଜିସିଏ ଚେତାବନୀ ଦେଇଛି। କିନ୍ତୁ ପାକିସ୍ତାନର ଆକାଶ ସୀମା ବନ୍ଦ କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ଏଥିପାଇଁ ଅଧିକ ଦୂର ଅତିକ୍ରମ କରିବାକୁ ପଡୁଛି ବୋଲି ଏୟାରଲାଇନ୍ସର ମୁଖପାତ୍ର କହିଛନ୍ତି। କିନ୍ତୁ ପରେ ଏହି ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି ଜଣେ ପାଇଲଟ ଗୋଟିଏ ଦିନରେ ଅତିବେଶିରେ ୧୦ ଘଣ୍ଟା ବିମାନ ଉଡାଇବାର ନିୟମ ରହିଛି। ପାଇଲଟଙ୍କୁ କ୍ଳାନ୍ତିରୁ ମୁକ୍ତି ଦେବା ଓ ବିମାନ ଉଡ଼ାଣକୁ ସୁରକ୍ଷିତ କରିବା ହେଉଛି ଏହାର ଲକ୍ଷ୍ୟ। ପୁଣି ପ୍ରତ୍ୟେକ ଉଡ଼ାଣ ପରେ ଜଣେ ପାଇଲଟଙ୍କୁ ୧୨ ଘଣ୍ଟା ବିଶ୍ରାମ ନେବା ଜରୁରି ବୋଲି କୁହାଯାଇଛି।

# ୭୦ ଦେଶର ଜେଲ୍‌ରେ ଅଛନ୍ତି ୧୦,୫୭୪ ଭାରତୀୟ କଏଦୀ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୧୦ ହଜାର ୫୭୪ ଜଣ ଭାରତୀୟ କଏଦୀ ରହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। ମଧ୍ୟପ୍ରାଚ୍ୟ ଦେଶ ୟେମେନ ସମେତ ୧୧ଟି ଦେଶରେ ୪୩ ଜଣ ଭାରତୀୟ ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଏହି କଏଦୀମାନଙ୍କ ମଧ୍ୟରେ କେତେଜଣ ବିଚାରାଧୀନ କଏଦୀ ରହିଛନ୍ତି। ଆଉକେତେ ଜଣ ଦଣ୍ଡିତ ହୋଇ ସାରିଛନ୍ତି। ଆଉ କେତେକ ସଜା ପୂରା କରିବା ପରେ ମୁକ୍ତି ଓ ପ୍ରତ୍ୟାର୍ପଣ ଅପେକ୍ଷାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲ୍‌ରେ ଅଛନ୍ତି। କିନ୍ତୁ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛି କାରଣରୁ ସବୁ ଦେଶ ସବୁ ତଥ୍ୟ ଦେଇ ନଥାନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ୨୧ ଜଣ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଗତ ଗୋଟିଏ ଦଶକରେ ବିଦେଶରେ ଭାରତୀୟ କଏଦୀ ସଂଖ୍ୟାରେ ୬୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୬ରେ ବିଦେଶୀ ଜେଲ୍‌ରେ ୬, ୪୮୯ ଭାରତୀୟ କଏଦୀ ରହିଥିଲେ। ୨୦୧୬ରେ ୬, ୪୮୯ କଏଦୀ ଥିଲେ। ୨୦୨୫ରେ ଏହି ସଂଖ୍ୟା ୧୦, ୫୭୪ରେ ପହଞ୍ଚିଛି ବୋଲି କୁହାଯାଇଛି।

# ଫାଙ୍କା ଗୁଳିଚାଳନାରେ ୩ ମୃତ, ୬୦ରୁ ଉର୍ଦ୍ଧ୍ୱ ଆହତ

କରାଚି, ୧୪।୮ (ଏଜେନ୍ସି): ପାକିସ୍ତାନ ସ୍ୱାଧୀନତା ଦିବସ ପାଳନ ଅବସରରେ କରାଚିରେ ଗୁଳିକାଣ୍ଡ ଘଟିଛି। ଗୁଳି ଚାଳନା କରି ଉତ୍ସବ ମନାଯାଉଥିବା ବେଳେ ଜଣେ ୮ ବର୍ଷର ବାଳକଙ୍କ ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟ ଜଣେ ବରିଷ୍ଠ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ଏହି ଘଟଣାରେ ୬୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଅଗଷ୍ଟ ୧୩ ଓ ୧୪ରେ କରାଚିର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଉତ୍ସବ ପାଳନ କରିଥିଲେ। କେତେକ ସ୍ଥାନରେ ଲୋକେ ଉପରକୁ ଫାଙ୍କା ଗୁଳି ଚାଳନା କରି ଭିନ୍ନ ଢଙ୍ଗରେ ଉତ୍ସବ ମନାଇଥିଲେ। କିନ୍ତୁ ନିରିହ ଲୋକଙ୍କ ଦେହରେ ଗୁଳି ବାଜିଥିଲା। ଏହାପୂର୍ବରୁ କରାଚିରେ ଏକାଧିକବାର ଏଭଳି ଘଟଣା ଘଟିଛି। ୨୦୨୫ ଜାନୁଆରୀରେ କରାଚିର ଅଲଗା ଅଲଗା ସ୍ଥାନରେ ଗୁଳି ଚାଳନା ଘଟଣାରେ ୪୨ ଜଣ ଲୋକ ପ୍ରାଣ ହରାଇଥିଲେ। ଏଥିରେ ୫ ଜଣ ମହିଳା ସାମିଲ ରହିଥିଲେ। ୨୩୩ଜଣ ଲୋକ ଆହତ ହୋଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୫ ● ପାଉଣ୍ଡ ୧୧୯.୨୮
- ୟୁରୋ ୧୦୨.୩୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୦୦ (ଭୁବନେଶ୍ୱର)
- ରୁପା : ୧,୨୦,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୭.୦୦
- ନିଫ୍ଟି ୨୪,୬୩୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଭାରତକୁ ପୁଣି ଧମକ ଦେଲା ଆମେରିକା
# ଆହୁରି ହେବ ଶୁଳ୍କ ମାଡ଼

**ଟ୍ରମ୍ପ-ପୁଟିନ୍ ଆଲୋଚନା ଉପରେ ନିର୍ଭର କରୁଛି ଭାରତର ଭାଗ୍ୟ**

**ଚୀନ୍ ଉପରେ ଭାରୀ ଶୁଳ୍କ ପାଇଁ ପ୍ରସ୍ତୁତ ରହିବାକୁ ୟୁରୋପୀୟ ଦେଶଙ୍କୁ ନିର୍ଦ୍ଦେଶ**




ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ପୁଣି ଥରେ ଭାରତକୁ ଶୁଳ୍କ ଧମକ ଦେଇଛି ଆମେରିକା। ଆମେରିକା ଭାରତ ଉପରେ ଆହୁରି ଭାରୀ ମାତ୍ରାରେ ଶୁଳ୍କ ଲାଗୁ କରିବ। ଯଦି ଅଲାସ୍କାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଶାନ୍ତି ବାର୍ତ୍ତା ବିଫଳ ହୁଏ , ତେବେ ଭାରତ ଉପରେ ପୁଣି ଶୁଳ୍କ ବଢ଼ାଇବ ଆମେରିକା। ଏହାଛଡା ଟ୍ରମ୍ପ ପ୍ରଶାସନ ୟୁରୋପୀୟ ଦେଶମାନଙ୍କୁ ଚୀନ୍ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲଗାଇବା ପାଇଁ ପ୍ରସ୍ତୁତ ରହିବାକୁ କହିଛି। ଏହା ସହିତ ଭାରତକୁ ମଧ୍ୟ ରୁଷରୁ ଅଶୋଧିତ ତେଲ କିଣିବା ଉପରେ ଅଧିକ ଶୁଳ୍କ ସାମ୍ନା କରିବାକୁ ପଡ଼ିପାରେ, ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ କହିଛନ୍ତି।

ଅଗଷ୍ଟ ୧୫ରେ ଆଲାସ୍କାରେ ଡୋନାଲ୍ଡ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ୟୁକ୍ରେନ ଅସ୍ତ୍ରବିରତିକୁ ନେଇ ପ୍ରମୁଖ ଆଲୋଚନା ହେବ। ଏହି ଆଲୋଚନା ଉପରେ ଏବେ ସାରା ଦୁନିଆର ନଜର ରହିଛି, କାରଣ ଗତ ୩ ବର୍ଷରୁ ଅଧିକ ସମୟ ଧରି ୟୁକ୍ରେନ ଓ ରୁଷ୍ ମଧ୍ୟରେ ଯୁଦ୍ଧ ଜାରି ରହିଛି। କୁହାଯାଉଛି ଯେ, ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ରୁଷ୍-ୟୁକ୍ରେନ ଯୁଦ୍ଧ ସମାଧାନର ବାଟ ବାହାରିପାରେ। ବୈଠକର ଫଳାଫଳ ଉପରେ ନିର୍ଭର କରୁଛି ଯେ, ରୁଷ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକକୁ ବଢ଼ାଯିବ କିମ୍ବା କମ୍ କରାଯିବ ବୋଲି ବେସାଣ୍ଟ କହିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଟ୍ରମ୍ପ ଭାରତ ଉପରେ ରୁଷ୍ ଠାରୁ ତୈଳ ଓ ଅସ୍ତ୍ର କ୍ରୟକୁ ନେଇ ପୂର୍ବରୁ ହିଁ ଲାଗୁ ୨୫% ଟାରିଫ୍ ବ୍ୟତୀତ ୨୫% ଜୋରିମାନା ମଧ୍ୟ ଲଗାଇଥିଲେ। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ରୁଷ୍ ଠାରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ପାଣି ଯୋଗାଉଛି। ଯଦି ଏହି ବୈଠକ ସଫଳ ନ ହୁଏ, ତେବେ ଟାରିଫ୍ ବା ପ୍ରତିବନ୍ଧକ ଆହୁରି ବଢ଼ିପାରେ। 'ୟୁରୋପୀୟ ଦେଶମାନଙ୍କୁ ଏହି ପ୍ରତିବନ୍ଧକରେ ଆମ ସହିତ ସାମିଲ ହେବାକୁ ପଡ଼ିବ। ୨୦୨୨ ମସିହାରେ ଯେତେବେଳେ ରୁଷ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା, ସେତେବେଳେ ଆମେରିକା, ୟୁରୋପ, ଜାପାନ ଏବଂ ସେମାନଙ୍କର ଅଂଶୀଦାର ଦେଶମାନେ ରୁଷ ଉପରେ ଅନେକ ଥର କଠୋର ଆର୍ଥିକ କଟକଣା ଲଗାଇଥିଲେ। ଜୁଲାଇ ମାସରେ ୟୁରୋପୀୟ ସଂଘ ରୁଷ ଉପରେ ୧୮ ତମ କଟକଣା ଲଗାଇଥିଲା।

**■ ଆଇସିଆଇସିଆଇ ବ୍ୟାଙ୍କର ୟୁ-ଟର୍ଣ୍ଣ**

## ସର୍ବନିମ୍ନ ବାଲାନ୍ସ ୫୦ରୁ ୧୫ ହଜାରକୁ ହ୍ରାସ

ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ପ୍ରବଳ ବିରୋଧ ପରେ ଆଇସିଆଇସିଆଇ ବ୍ୟାଙ୍କ ଏହାର ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ସୀମାରେ ହ୍ରାସ ଘଟାଇଛି। ନିକଟରେ ବ୍ୟାଙ୍କ ସମ୍ପ୍ରତି ମେଟ୍ରୋ ଏବଂ ସହରାଞ୍ଚଳରେ ଏହାର ସର୍ବନିମ୍ନ ବାଲାନ୍ସ ସୀମା ୧୦,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କାକୁ ବୃଦ୍ଧି କରିଥିଲା। ଏହାକୁ ନେଇ ବ୍ୟାଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲା। ଏବେ ବ୍ୟାଙ୍କ ପୁଣି ଏହି ସୀମା ହ୍ରାସ କରିଛି। ଏହି ଅନୁଯାୟୀ ଆଇସିଆଇସିଆଇ ବ୍ୟାଙ୍କର ସଂଶୋଧିତ ସର୍ବନିମ୍ନ ବାଲାନ୍ସ ସୀମା ଏବେ ମେଟ୍ରୋ ଏବଂ ସହରାଞ୍ଚଳ ପାଇଁ ୧୫,୦୦୦ ଟଙ୍କାକୁ ହ୍ରାସ କରାଯାଇଛି। ଏହାବ୍ୟତୀତ, ଅର୍ଦ୍ଧ-ସହରାଞ୍ଚଳ କ୍ଷେତ୍ରରେ ସର୍ବନିମ୍ନ ହାରାହାରି ବାଲାନ୍ସ ସୀମା ମଧ୍ୟ ୨୫,୦୦୦ ଟଙ୍କାରୁ ୭୫୦୦ ଟଙ୍କାକୁ ହ୍ରାସ ହୋଇଛି। ଗ୍ରାମାଞ୍ଚଳ ପାଇଁ ଏହି ସୀମା ୧୦,୦୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ହ୍ରାସ କରାଯାଇଛି। ଏହି ପରିବର୍ତ୍ତନଗୁଡ଼ିକ ବେତନ ଆକାଉଣ୍ଟ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ। ସମ୍ପୂର୍ଣ୍ଣ ସର୍ବନିମ୍ନ ବାଲାନ୍ସ ସୀମା ଚଳିତମାସ ପହିଲା କିମ୍ବା ତା'ପରେ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକ ପାଇଁ ଲାଗୁ ହେବ। ଏହାପୂର୍ବରୁ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକ ପାଇଁ ପୁରୁଣା ନିୟମ ଲାଗୁ ହେବ। ଯଦି ଗ୍ରାହକ ସର୍ବନିମ୍ନ ବାଲାନ୍ସ ବଜାୟ ରଖିପାରିବେ ନାହିଁ, ତେବେ ତାଙ୍କୁ ୫୦୦ ଟଙ୍କା କିମ୍ବା ୬% ଯେଉଁଟି କମ୍ ହେବ ସେହି ହିସାବରେ ଜରିମାନା ଦେବାକୁ ପଡିବ।

## ରାୟଗଡା ଏବଂ କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ




ଭୁବନେଶ୍ୱର, ୧୪।୮ (ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ମୌସୁମୀ ଋତୁରେ ଗୋଷ୍ଠି ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଏକ ଶୃଙ୍ଖଳା ଆରମ୍ଭ କରିଛି। ଏହି ପ୍ରୟାସଗୁଡ଼ିକ ଅଧୀନରେ କମ୍ପାନୀର ଭ୍ରାମ୍ୟମାଣ ହେଲଥD ୟୁନିଟ୍ (ଏମଏଚୟୁ) କାର୍ଯ୍ୟକାରୀ କରାଯାଉଛି। ୧୫୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ମାଗଣା ମ୍ୟାଲେରିଆ ପରୀକ୍ଷା, ଲକ୍ଷଣ ଚିହ୍ନଟ ପାଇଁ ମାର୍ଗଦର୍ଶନ ଏବଂ ପରିମଳ, ମଶାରୀ ବ୍ୟବହାର ଏବଂ ପାନୀୟଜଳ ସମସ୍ୟା ଦୂର କରିବା ଭଳି ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ୫ଟି ଗ୍ରାମର ୮୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାଙ୍କ ସହିତ ଏକ ପ୍ରସ୍ତୁତି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପରିବାରର ପରିଚ୍ଛନ୍ନତା, ନିରାପଦ ପାନୀୟଜଳର ଉପଲବ୍ଧତା, ସାପ କାମୁଡ଼ା ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ପାଇଁ ଜରୁରୀ ପ୍ରଥମ ପ୍ରତିକ୍ରିୟା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିଲା।

## ଶକ୍ତି ଏବଂ ଧାତୁ ବିଶେଷଜ୍ଞ ବଙ୍କିମ ଚନ୍ଦ୍ର ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର,୧୪।୮ (ସମିସ): ଭାରତୀୟ ଶକ୍ତି ଏବଂ ଧାତୁ ଶିଳ୍ପ ବିଶିଷ୍ଟ ବ୍ୟକ୍ତିତ୍ୱର ଅଧିକାରୀ ଇଞ୍ଜିନିୟର ବଙ୍କିମ ଚନ୍ଦ୍ର ମହାନ୍ତିଙ୍କର ଚଳିତ ମାସ ୭ରେ ୮୮ ବର୍ଷରେ ଦେହାନ୍ତ ହୋଇଛି। ସେ ଜଣେ ବିଦ୍ୱାନ, ଦୂରଦୃଷ୍ଟି ସମ୍ପନ୍ନ ଏବଂ ନିଜ ସମୟଠାରୁ ବହୁତ ଆଗରେ ଥିବା ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଲମ୍ବା ବୃତ୍ତିଗତ କ୍ୟାରିୟର ସମୟରେ ସେ ସେଲ୍, ନାଲ୍‌କୋ,ହିଣ୍ଡାଲକୋ ଏବଂ ଫାକର୍ ଆଦି କମ୍ପାନୀରେ କାର୍ଯ୍ୟରତ ରହିଥିଲେ। ସେ ତାଙ୍କର ଇଞ୍ଜିନିୟରିଂରେ ଦକ୍ଷତା ଏବଂ ମାନବୀୟ ମୂଲ୍ୟବୋଧ ପାଇଁ କର୍ମଚାରୀ ମହଲରେ ବିଶେଷ ଆଦୃତ ଥିଲେ। ତାଙ୍କର ଶୋକସନ୍ତପ୍ତ ପରିବାରରେ ତାଙ୍କ ପୁଅ ସୁବ୍ରତ (ପୂର୍ବତନ ଇଡି, ନାଲ୍‌କୋ), ଝିଅ-ଏଲି, ଜ୍ୱାଇଁ-ପ୍ରଣବ କୁମାର ଦାସ (ପୂର୍ବତନ ଅଧ୍ୟକ୍ଷ, ସିବିଆଇସି, ଜିଏସ୍‌ଟି ଏବଂ ସୀମାଶୁଳ୍କ), ପୁତ୍ରବଧୂ - ଶାଶ୍ୱତୀ ଏବଂ ସେମାନଙ୍କର ସ୍ନେହମୟ ପରିବାର ଅଛନ୍ତି।

## ଟିଭିଏସ୍‌ର ନୂଆ ଶୋ' ରୁମ୍ 'ବାଲେଶ୍ୱର ଟିଭିଏସ୍' ଉଦ୍‌ଘାଟିତ



ବାଲେଶ୍ୱର,୧୪।୮ (ସମିସ): ବାଲେଶ୍ୱର ଓଟି ରୋଡ ତାମୁଲିଆ ଓଭର ବ୍ରିଜ୍ ନିକଟରେ ଟିଭିଏସ୍ କମ୍ପାନୀର ନୂତନ ଶୋ ରୁମ୍ ବାଲେଶ୍ୱର ଟିଭିଏସ୍ 'ସାଇ ଅନଙ୍ଗ ଅଟୋମୋବାଇଲସ୍' ଉଦ୍‌ଘାଟିତ ହୋଇଯାଇଛି। ଟିଭିଏସ୍ ମୋଟର୍ସର ଇଷ୍ଟଜୋନ୍ ରିଜିଓନାଲ ସର୍ଭିସ ମ୍ୟାନେଜର ସମୀର କୁମାର ସିଂହ ଏହି ନୂତନ ଶୋ ରୁମକୁ ଉଦଘାଟନ କରିଥିଲେ। ଓଟିରୋଡଠାରେ ଥିବା ଷ୍ଟେଟ ଅଫ୍ ଦି ଆର୍ଟ ୱାର୍କଶପ୍‌କୁ କମ୍ପାନୀର ଏରିଆ ସେଲସ ମ୍ୟାନେଜର ଦୀପକ କୁମାର ମହାପାତ୍ର ଓ ଶୁଭଦୀପ ଗାଙ୍ଗୁଲି ଉପସ୍ଥିତ ଥିଲେ। ଅନୁରୂପ ଭାବେ ଶୋ'ରୁମର ପାର୍ଟସ କାଉଣ୍ଟରକୁ ଟେରିଟୋରୀ ସେଲସ ମ୍ୟାନେଜର ରବିକାନ୍ତ ଆନନ୍ଦ ଓ ଟେରିଟୋରୀ ସର୍ଭିସ ମ୍ୟାନେଜର ଅସିତ ଦତ୍ତ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ଟିଭିଏସ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଉତ୍ସବରେ ପୌରୋହିତ୍ୟ କରି ଗ୍ରାହକଙ୍କ ପାଇଁ ମଧ୍ୟ ଆକର୍ଷଣୀୟ ଅଫର ରହିଛି ବୋଲି କହିଥିଲେ। କମ୍ପାନୀର ଡିଲର ଡେଭଲପମେଣ୍ଟ ଅଫିସର ତରୁଣକାନ୍ତି ମହାନ୍ତି ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ୨୦ ଜଣ ଗ୍ରାହକଙ୍କୁ ନୂତନ ଗାଡ଼ିର ଚାବି ପ୍ରଦାନ କରାଯାଇଥିଲା। ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବାଲେଶ୍ୱର ପୌର ଅଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ବିଶିଷ୍ଟ ଶିଳ୍ପପତି ସଞ୍ଜୟ କୁମାର ଦାସଙ୍କ ସମେତ ସଞ୍ଜୟ କୁମାର ପାଣି, କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଗାଡ଼ି କିଣିଥିବା ସମସ୍ତ ଗ୍ରାହକଙ୍କ ପାଇଁ ଲକି କୁପନ ବ୍ୟବସ୍ଥା କରାଯାଇଥିଲା। ଆଜି ଲକି ଡ୍ର କରାଯାଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ବିଜେତା ଭାବେ ଦେବେନ୍ଦ୍ର କୁମାର ବେହେରାଙ୍କ ବିଦେଶ ଭ୍ରମଣ ପାଇଁ ଏବଂ ଦ୍ୱିତୀୟ ବିଜେତାଙ୍କୁ କେରଳ ବୁଲିଯିବା ପାଇଁ ଶୋ-ରୁମ୍ ପକ୍ଷରୁ ଟିକଟ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ୭ଜଣଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୋ ରୁମ୍‌ର ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି, ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଦଘାଟନ ପୂର୍ବରୁ ଏକ ବାଇକ୍ ରାଲି ଆୟୋଜିତ ହୋଇଥିଲା। ଏହା ଭୀମପୁର ଛକ ନିକଟରୁ ବାହାରି ସହର ପରିକ୍ରମା କରି ଶେଷରେ ଶୋ'ରୁମ ନିକଟରେ ପହଞ୍ଚିଥିଲା।

## ଯୁଦ୍ଧପୀଡ଼ିତ ଓ ପରିବାର କଲ୍ୟାଣ ପାଇଁ ଜିନ୍ଦଲ ଷ୍ଟିଲ୍ କର୍ମଚାରୀଙ୍କ ପକ୍ଷରୁ ୨କୋଟି ସହାୟତା



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ସ୍ୱାଧୀନତାର ୭୯ତମ ବର୍ଷ ପୂର୍ତ୍ତିର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଷ୍ଟିଲ କର୍ମଚାରୀ ମାନେ ଦେଶଭକ୍ତିର ନିଦର୍ଶନ ସ୍ୱରୁପ ଅପରେସନ ସିନ୍ଦୁରର ସଫଳତା ଉପଲକ୍ଷେ ପ୍ରଭାବିତ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ୨କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଦେଶ ପ୍ରତି ଭାରତୀୟ ସେନାର ଏହି ସର୍ବୋଚ୍ଚ ଯୋଗଦାନ ପାଇଁ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ସ୍ୱେଚ୍ଛାରେ ପ୍ରଭାବିତ ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଗୋଟିଏ ଦିନର ଦରମା ଅର୍ଥ ପ୍ରଦାନ କରିଛନ୍ତି। କୁରୁକ୍ଷେତ୍ର ସାଂସଦ ଓ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ଆଜି ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି କର୍ମଚାରୀଙ୍କ ଏହି ଅନୁଦାନ ରାଶି ୨କୋଟି ଟଙ୍କାର ଚେକ୍ ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି। ଶ୍ରୀ ଜିନ୍ଦଲ କହିଛନ୍ତି, ଆମ ସୈନିକ ଆମ ଦେଶର ପ୍ରକୃତ ରକ୍ଷକ। ସେମାନଙ୍କ ସାହସ, ତ୍ୟାଗ ଓ ଭାରତର ସୁରକ୍ଷା ପ୍ରତି ସେମାନଙ୍କ ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି। ଜିନ୍ଦଲ ଷ୍ଟିଲ ପରିବାରର ଏହି ଯୋଗଦାନ ସେମାନଙ୍କ ସେବା ମନୋଭାବକୁ ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ସାଥୀରେ ଠିଆ ହେବାର ବିନମ୍ର ପ୍ରୟାସ।





ଅଳଙ୍କାର ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ବୁଧବାର କଟକଠାରେ ଖୋଲିଛି ନୂତନ ଭବ୍ୟ ଶୋ'ରୁମ୍। ଏହାକୁ ସୋଫିଆ ଫିରଦୌସ୍ (ବିଧାୟକ, ବାରବାଟୀ- କଟକ), ସୁବାସ ସିଂହ (ମେୟର, କଟକ ମ୍ୟୁନିସିପାଲ୍ କର୍ପୋରେସନ୍), ସତ୍ୟରାମ ସାହୁ (କର୍ପୋରେଟର୍ ୱାର୍ଡ-୨୫), ମାଳବିକା ଶର୍ମା (ସେଲିବ୍ରିଟି), ପୁନମ୍ ମିଶ୍ରା (ଅଭିନେତ୍ରୀ), ଅନିଶା ଶର୍ମା (ଅଭିନେତ୍ରୀ), ଥମାସ୍ ମାଥ୍ୟୁ (ଇଡି, ଜୟଆଲୁକ୍କାସ୍) ହେନରୀ ଜର୍ଜ (ସିଓଓ, ଜୟଆଲୁକ୍କାସ୍), ରାଜେଶ କୃଷ୍ଣନ୍ (ଡିଜିଏମ୍, ରିଟେଲ୍, ଜୟଆଲୁକ୍କାସ୍), ଅନିଶ ଭାର୍ଗୀସ୍ (ଡିଜିଏମ୍, ମାର୍କେଟିଂ) ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ଫ୍ଲାଟ୍ ଷ୍ଟିଲ୍ ଉତ୍ପାଦ ପାଇଁ ଇପିଡି ପ୍ରକାଶ

ଭୁବନେଶ୍ୱର,୧୪।୮ (ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ତିନି ପ୍ରକାର ଫ୍ଲାଟ୍ ଷ୍ଟିଲ୍ ଉତ୍ପାଦ ପାଇଁ ପରିବେଶଗତ ଉତ୍ପାଦନ ଘୋଷଣାନାମା (ଇପିଡି) ପ୍ରକାଶ କରାଯାଇଛି। ଏହା ହେଉଛି: ଷ୍ଟିଲ୍ ସ୍ଲାବ୍, କୋଲ୍ଡ ରୋଲ୍ଡ କ୍ଲୋଜଡ୍ ଆନିଲଡ୍ (ସିଆରସିଏ) ଷ୍ଟିଲ୍ ଏବଂ ଗାଲଭାନାଇଜଡ୍ ଷ୍ଟିଲ୍। ଏହା କମ୍ପାନିର ସ୍ୱଚ୍ଛତା, ସ୍ଥିରତା ଏବଂ ନିଜ ଗ୍ରାହକଙ୍କୁ ଉତ୍ପାଦ ଏବଂ ସ୍ଥିରତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧତାକୁ ଦୋହରାଉଛି। ଇପିଡିକୁ ଟାଇପ୍ ୩ ଇକୋ-ଲେବେଲ୍ ଭାବେ ଶ୍ରେଣୀଭୁକ୍ତ କରାଯାଇଛି ଯାହା ଏକ ସ୍ୱାଧୀନ ଭାବେ ଯାଞ୍ଚ ଏବଂ ପଞ୍ଜୀକୃତ ଦସ୍ତାବିଜ ଯାହା ଏକ ଉତ୍ପାଦର ଜୀବନ ଚକ୍ରରେ ପରିବେଶଗତ ପ୍ରଭାବ ବିଷୟରେ ସ୍ପଷ୍ଟ ଏବଂ ତୁଳନାତ୍ମକ ସୂଚନା ପ୍ରଦାନ କରୁଛି। ଟାଟା ଷ୍ଟିଲର ଉପ ସଭାପତି-ସୁରକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ ରାଜୀବ ମଙ୍ଗଳ କହିଛନ୍ତି ଯେ, 'ଷ୍ଟିଲ୍ ଉଦ୍ୟୋଗ ଏକ ଅଧିକ ସ୍ଥିରତା ପୂର୍ଣ୍ଣ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ଇପିଡି ଆମର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପ୍ରତି ସକ୍ରିୟ ପଦକ୍ଷେପକୁ ପ୍ରତିଫଳିତ କରୁଛି ଯାହା ଆମ ଗ୍ରାହକଙ୍କୁ ସ୍ୱାଧୀନ ଭାବେ ଯାଞ୍ଚ ହୋଇଥିବା ତଥ୍ୟ ପ୍ରଦାନ କରୁଛି।

## ଟିପିସିଓଡିଏଲ୍‌ର ପ୍ରୋଜେକ୍ଟ ଦକ୍ଷ




ଭୁବନେଶ୍ୱର,୧୪।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ଅଭିନବ ସିଏସ୍‌ଆର୍ ଅଭିଯାନ ପ୍ରୋଜେକ୍ଟ ଦକ୍ଷ ଓ ଓଡ଼ିଶା ଗ୍ରିନ୍ ଜବ୍‌ସ ଏକାଡେମୀ ଜରିଆରେ ଜୀବନରେ ରୂପାନ୍ତରଣ ଆଣୁଛି। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଯୁବବର୍ଗ ଓ ମହିଳାମାନଙ୍କ ଦକ୍ଷତା ବିକାଶ କରି ନିଯୁକ୍ତି ଓ ଆର୍ଥିକ ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରୁଛି। ଏହି ତାଲିମ ପାଠ୍ୟକ୍ରମରେ ପାଇପ କାମ, ବିଦ୍ୟୁତ ଯାନ ସେବା ଓ ସୋଲାର ପ୍ୟାନେଲ୍ ସ୍ଥାପନ ଭଳି ପ୍ରବଳ ଚାହିଦାରେ ଥିବା ଦକ୍ଷତା ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ୍ ୪୪୦ ଯୁବକ ଓ ଯୁବତୀଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଶ୍ରେଷ୍ଠ କମ୍ପାନିଗୁଡ଼ିକରେ ମଧ୍ୟ ନିଯୁକ୍ତି ମିଳିଛି। ପ୍ରୋଜେକ୍ଟ ଦକ୍ଷ, ନିଯୁକ୍ତି ପାଇଁ ପ୍ରତ୍ୟକ୍ଷ ଦକ୍ଷତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ଗ୍ରିନ୍ ଜବ୍‌ସ ଏକାଡେମୀ ସୌର ଶକ୍ତି ଓ ଇଭି ରକ୍ଷଣାବେକ୍ଷଣ ଭଳି ଦୀର୍ଘସ୍ଥାୟୀ ବାଣିଜ୍ୟର ପ୍ରସାର କରୁଥିବା ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

# ବିଟ୍ କଏନ୍ ପ୍ରଥମ ଥର ୧.୦୮ କୋଟି ଟପିଲା

**■ ୨୦୦୯ରେ ମୂଲ୍ୟ ଶୂନ ଥିଲା**
**■ ବର୍ଷରେ ମୂଲ୍ୟ ୫ ଲକ୍ଷ ଟଙ୍କା ବଢ଼ିଛି**



ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ବିଟ୍ କଏନ ମୂଲ୍ୟ ପ୍ରଥମ ଥର ପାଇଁ ୧.୦୮ କୋଟି ଟଙ୍କା ଅତିକ୍ରମ କରିଛି। ଆଜି ଏହି କ୍ରିପ୍ଟୋ କରେନ୍ସି ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ୨୦୦୯ ରେ ସାତୋଶି ନାକାମୋଟୋ ଯେତେବେଳେ ଏହାକୁ ତିଆରି କରିଥିଲେ, ସେତେବେଳେ ଏହାର ମୂଲ୍ୟ ପାଖାପାଖି ଶୂନ୍ୟ ଥିଲା। ଅର୍ଥାତ୍, ଯଦି ଆପଣ ସେହି ସମୟରେ ବିଟ୍ କଏନ୍‌ରେ ଗୋଟିଏ ଟଙ୍କାରୁ କମ୍ ନିବେଶ କରିଥାନ୍ତେ, ତେବେ ଆଜି ଏହାର ମୂଲ୍ୟ ୧ କୋଟିରୁ ଅଧିକ ହୋଇଥାନ୍ତା।

ବିଟ୍ କଏନର ପ୍ରଥମ ବଡ଼ ମୂଲ୍ୟ ବୃଦ୍ଧି ଅକ୍ଟୋବର ୨୦୧୦ ରେ ହୋଇଥିଲା। ସେତେବେଳେ ଗୋଟିଏ ବିଟକଏନର ମୂଲ୍ୟ ଦୀର୍ଘ ସମୟ ଧରି ପ୍ରାୟ ୦.୧୦ ଡଲାର (ପ୍ରାୟ ୧ ଟଙ୍କା) ରେ ସ୍ଥିର ରହିବା ପରେ ବୃଦ୍ଧି ବର୍ଷ ଶେଷରେ, ଏହା ୦.୩୦ ଡଲାରରେ ପହଞ୍ଚିଲା। ୨୦୧୩ ସୁଦ୍ଧା, ଏହାର ମୂଲ୍ୟ ୧୦୦୦ ଡଲାର ଅତିକ୍ରମ କରିଯାଇଥିଲା। ଆଜିର ହାର ଅନୁସାରେ ଏହି ମୂଲ୍ୟ ପ୍ରାୟ ୮୭ ହଜାର ଟଙ୍କା। ଅର୍ଥନୈତିକ, ରାଜନୈତିକ ଏବଂ ନିୟାମକ ପରିବର୍ତ୍ତନ ଓ ନିବେଶ ଯୋଗୁ ବିଟକଏନର ମୂଲ୍ୟ ବଢୁଛି। ବିଟ୍ କଏନକୁ ଡିଜିଟାଲ ଜଗତର "ସୁନା" କୁହାଯାଏ। ଏହା ଏମିତି ଏକ ଡିଜିଟାଲ ମୁଦ୍ରା, ଯାହା କୌଣସି ବ୍ୟାଙ୍କ କିମ୍ବା ସରକାରଙ୍କ ନିୟନ୍ତ୍ରଣ ବିନା କାମ କରେ। ଅର୍ଥାତ୍, ଏହା ଡିସେଣ୍ଟ୍ରାଲାଇଜ୍। କୌଣସି ଗୋଟିଏ କର୍ତ୍ତୃପକ୍ଷ ଏହା ଉପରେ ନିୟନ୍ତ୍ରଣ ରଖିପାରିବେ ନାହିଁ। ବିଟକଏନ କୌଣସି ଧାତବ ମୁଦ୍ରା କିମ୍ବା ନୋଟ୍ ନୁହେଁ, ବରଂ ଏକ ଡିଜିଟାଲ କୋଡ୍ ଯାହା ଆପଣଙ୍କ ଡିଜିଟାଲ ୱାଲେଟରେ ରହିଥାଏ। ଯେପରି ଆପଣ ହ୍ୱାଟସଆପରେ ମେସେଜ୍ ପଠାନ୍ତି, ସେହିପରି ଆପଣ ଇଣ୍ଟରନେଟ୍ ମାଧ୍ୟମରେ ବିଶ୍ୱର ଯେକୌଣସି ସ୍ଥାନକୁ ବିଟକଏନ ପଠାଇପାରିବେ। ସେମାନଙ୍କର ସଂଖ୍ୟା ମଧ୍ୟ ସୀମିତ।

## ଟାଟା ସନ୍ସର ନିର୍ଦ୍ଦେଶକ ନୋଏଲ୍ ଟାଟା



ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ନୋଏଲ୍ ଟାଟା ହୋଇଛନ୍ତି ଟାଟା ସନ୍ସର ନିର୍ଦ୍ଦେଶକ। ଟାଟା ସନ୍ସର ୧୦୭ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନୋଏଲ୍ ଟାଟାଙ୍କୁ ବୋର୍ଡରେ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ରତନ ଟାଟାଙ୍କ ମୃତ୍ୟୁ ପରେ ଏହା ଟାଟା ସନ୍ସର ପ୍ରଥମ ସାଧାରଣ ବୈଠକ। ଗତବର୍ଷ ଅକ୍ଟୋବରରେ ରତନ ଟାଟାଙ୍କ ମୃତ୍ୟୁ ପରେ ନୋଏଲ୍ ଟାଟା ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ଅଛନ୍ତି। ସେ ଏବେ ଆନୁଷ୍ଠାନିକ ଭାବରେ ଟାଟା ସନ୍ସର ବୋର୍ଡରେ ଯୋଗଦେଇଛନ୍ତି। ଟାଟା ଟ୍ରଷ୍ଟ ଦ୍ୱାରା ନୋଏଲ୍ ଟାଟାଙ୍କୁ ନିଯୁକ୍ତ କରାଯାଇଛି।

ସକାଳ
THE SAKALA
www.sakalaepaper.com

# ଭାରତ-ଅଷ୍ଟ୍ରେଲିଆ ହକି ସିରିଜ ଆଜିଠୁ



ପର୍ଥ, ୧୪।୮ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭାରତୀୟ ପୁରୁଷ ହକି ଦଳ ମଧ୍ୟରେ ଶୁକ୍ରବାରଠାରୁ ୪ ମ୍ୟାଚ୍‌ବିଶିଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ସିରିଜର ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଅଗଷ୍ଟ ୧୬, ୧୯ ଓ ୨୧ ତାରିଖରେ ପରବର୍ତ୍ତୀ ୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗରେ ୮ମ ସ୍ଥାନରେ ରହିଛି। ସେହିଭଳି ଘରୋଇ ଅଷ୍ଟ୍ରେଲିଆ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ଥିବାରୁ ଏହି ସିରିଜ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅଗଷ୍ଟ ୨୯ରୁ ବିହାରରେ ଏସିଆ କପ୍ ହକି ଖେଳାଯିବ। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଭାରତୀୟ ଦଳ ଲାଗି ଏକ ଭଲ ପ୍ରସ୍ତୁତି ସଦୃଶ ହେବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ କହିଛନ୍ତି।

ନିକଟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଉଭୟ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିଲେ। ଉଭୟ ମ୍ୟାଚରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ବିଜୟୀ ହୋଇଥିଲା। କିନ୍ତୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ୩-୨ ଗୋଲରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା। ୧୯୭୨ ମ୍ୟୁନିକ ଗେମ୍ସ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ପ୍ରଥମ ବିଜୟ ଥିଲା। ୨୦୧୩ ପରଠାରୁ ଯଦି ଦୁଇ ଦଳର ରେକର୍ଡ ଉପରେ ନଜର ପକାଇବା ତେବେ ଅଷ୍ଟ୍ରେଲିଆର ପଲା ଭାରି ରହିଛି। ଗତ ୧୨ ବର୍ଷ ମଧ୍ୟରେ ଦୁଇ ଦଳ ୫୧ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ୩୫ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସିରିଜ ଲାଗି ଘୋଷିତ ୨୪ ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା।

### ଭାରତୀୟ ଦଳ


**ଗୋଲରକ୍ଷକ:** କ୍ରିଷାନ ବାହାଦୂର ପାଠକ, ସୂରଜ କେରକେରା

**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ହରମନପ୍ରୀତ୍ ସିଂହ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ, ଯୁଗରାଜ ସିଂହ, ସିବି ପୁଭାନ୍ନା।

**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ, ବିଷ୍ଣୁ କାନ୍ତ ସିଂ।

**ଫରୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ, ଦିଲପ୍ରୀତ୍ ସିଂହ, ସେଲଭାମ କାର୍ଥିଓ ଆଦିତ୍ୟ ଲାଲାଗେ।

# ଲିଆଣ୍ଡରଙ୍କ ପିତା ଅଲିମ୍ପିଆନ ଭେସ୍ ପେସ୍‌ଙ୍କ ବିୟୋଗ



କୋଲକାତା, ୧୪।୮: ଭାରତର ମହାନ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ପିତା ତଥା ଅଲିମ୍ପିକ ପଦକ ବିଜେତା ଭେସ୍ ପେସଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭେସ୍ କିଛିଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାନରେ ଗୁରୁବାର ସକାଳେ କୋଲକାତାର ଏକ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଭେସ୍ ୧୯୪୫ ମସିହା ଏପ୍ରିଲ ୩୦ରେ ଗୋଆରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରାରେ ବହୁ ପ୍ରତିଭାର ଅଧିକାରୀ ଥିଲେ। ୧୯୬୬ରେ କୋଲକାତାର ପ୍ରେସିଡେନ୍ସି କଲେଜରେ ମେଡିକାଲ ପଢୁଥିବାବେଳେ ଭେସ୍ ଭାରତୀୟ ହକି ଦଳରେ ଖେଳିବାର ସୁଯୋଗ ପାଇଥିଲେ। ହମବର୍ଗ ଇଣ୍ଟରନ୍ୟାସନାଲ କପ୍ ଖେଳି ସେ ଜାତୀୟ ହକି ଦଳରୁ ପଦାର୍ପଣ କରିଥିଲେ। ମଧ୍ୟକ୍ରମରେ ଜଣେ ଦକ୍ଷ ଖେଳାଳି ଥିବା ଭେସ୍ ୧୯୭୧ରେ ବାର୍ସିଲୋନାରେ ଅନୁଷ୍ଠିତ ହକି ବିଶ୍ୱକପ୍ ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଭାରତ କାଂସ୍ୟ ପଦକ ଜିତିଥିଲା। ଏହା ପରବର୍ଷ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ଏହାବାଦ୍ ସେ କ୍ରିକେଟ୍, ଫୁଟବଲ ଓ ରଗବୀରେ ଡିଭିଜନ ଲେଭଲ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ସ୍ପୋର୍ଟ୍ସ ମେଡିସନରେ ଜଣେ ସାର୍ଟିଫାଏଡ୍ ଡାକ୍ତର ଥିଲେ। ଏସିଆନ କ୍ରିକେଟ କାଉନସିଲ ଓ ବିସିସିଆଇର ଆଣ୍ଟି-ଡୋପିଂ ପ୍ରୋଗ୍ରାମରେ ମଧ୍ୟ ଭେସ୍ କାମ କରିଥିଲେ। ସେହିଭଳି ୧୯୯୬ରୁ ୨୦୦୨ ପର୍ଯ୍ୟନ୍ତ ଭାରତୀୟ ରଗବୀ ଫୁଟବଲ ୟୁନିୟନର ସେ ସଭାପତି ଭାବେ ଦାୟିତ୍ୱରେ ରହିଥିଲେ। କଲକତା କ୍ରିକେଟ୍ ଓ ଫୁଟବଲ କ୍ଲବର ସଭାପତି ଭାବେ ମଧ୍ୟ କିଛି ବର୍ଷ ଦାୟିତ୍ୱ ତୁଲାଇଥିଲେ। ଭେସ୍ ଜେନିଫର ପେସ୍‌ଙ୍କୁ ବିବାହ କରିଥିଲେ। ଜେନିଫର୍ ଭାରତୀୟ ମହିଳା ବାସ୍କେଟବଲ୍ ଦଳର ଅଧିନାୟିକା ଥିଲେ। ତାଙ୍କ ପୁଅ ଲିଆଣ୍ଡର ପେସ୍ ଭାରତୀୟ ଟେନିସର ଜଣେ ମହାନ ଖେଳାଳି।

**ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର**

## ବିକ୍ରି ହେବେ ଭେନ୍ୟୁ ନେମିଂ ରାଇଟ୍

ଲସ୍ ଏଞ୍ଜେଲ୍ସ,୧୪।୮(ଏଜେନ୍ସି): ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ଭେନ୍ୟୁ ନେମିଂ ରାଇଟ୍ ଅର୍ଥାତ କ୍ରୀଡ଼ା ଆୟୋଜନସ୍ଥଳର ନାମକରଣ ଅଧିକାର ବିକ୍ରି ହେବ। ଆମେରିକାର ଲସ୍ ଏଞ୍ଜେଲ୍ସରେ ୨୦୨୮ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏହି ଅଧିକାର ବିକ୍ରି କରିବାକୁ ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବିପୁଳ ପରିମାଣରେ ଅର୍ଥ ଉପାର୍ଜନ ହେବ। ଏହି ଲକ୍ଷ୍ୟରେ ହିଁ ପ୍ରଥମଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମଧ୍ୟ ସମର୍ଥନ ଜଣାଇଛି। ଏହିକ୍ରମରେ 'କମକାଷ୍ଟ' ଓ 'ହୋଣ୍ଡା' ଭଳି କମ୍ପାନୀ ପ୍ରାରମ୍ଭିକ ଦୁଇଟି ଭେନ୍ୟୁର ନାମକରଣ ଅଧିକାର ହାସଲ କରିଛନ୍ତି। ଆଗକୁ ଆହୁରି କେତୋଟି କର୍ପୋରେଟ୍ ହାଉସ୍ ମଧ୍ୟ ଏହି ନାକମରଣ ଅଧିକାର ହାସଲ କରିବେ ବୋଲି ଆଶା କରାଯାଉଛି। ଏହି ପ୍ରକ୍ରିୟାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବାରୁ ଆଇଓସିକୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି।




# ଆଜି କିସ୍‌ର ୩ ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୪।୮ (ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଲାଲ୍ କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ବର୍ଦ୍ଧିତ ହେବାକୁ ଥିବା ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ପବନୀ ଶବର, ଶୁଭଶ୍ରୀ ସିଂ ଓ ମଗାଇ ମାଝୀ। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ ହେବାକୁ ଥିବା ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦୁଇ ମହାରାଷ୍ଟ୍ର ଖେଳାଳି ପ୍ରତୀକ ୱାଇକର ଓ ପ୍ରିୟଙ୍କା ଇଙ୍ଗଲେ ଯଥାକ୍ରମେ ଭାରତୀୟ ପୁରୁଷ ଓ ମହିଳା ଦଳର ନେତୃତ୍ୱ ନେଉଥିଲେ।

**■ ସିନ୍‌ସିନ୍ନାଟି ଓପନ**

## କ୍ୱାର୍ଟରରେ ସିନ୍ନର, ସାବାଲେଙ୍କା

ନ୍ୟୁୟର୍କ, ୧୪।୮ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଜାନ୍ନିକ ସିନ୍ନର ଓ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ସିନ୍‌ସିନ୍ନାଟି ଓପନ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ନର ୬-୪, ୭-୬ (୭/୪) ସେଟରେ ଆଡ୍ରିଆନ ମାନ୍ନାରିନୋଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା କାନାଡାର ଫେଲିକ୍ସ ଆଗର ଆଲିଆସିମେଙ୍କ ସହ ହେବ। ସେହିଭଳି ୨ୟ ସିଡ୍ ତଥା ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୬-୧, ୬-୪ ସିଧାସଳଖ ସେଟ୍‌ରେ ଇଟାଲୀର ଲୁକା ନାର୍ଦ୍ଦିଙ୍କୁ ମାତ୍ ଦେଇ ରାଉଣ୍ଡ-୮ରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ସାବାଲେଙ୍କା ୬-୧, ୭-୫ ସେଟ୍‌ରେ ସ୍ପେନର ଜେସିକା ବୌଜାସ ମାନେଇରୋ ହରାଇଥିଲେ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ସାବାଲେଙ୍କା କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଭେଟିବେ।








**ପୁରୀରେ ଟି-୨୦ ଟେନିସ୍ ବଲ୍ କ୍ରିକେଟ**

# ସିଂହଦ୍ୱାରରେ ଟ୍ରଫି ଓ ବ୍ରୋଚର ଉନ୍ମୋଚନ



ପୁରୀ,୧୪।୮ (ସମିସ): ସର୍ବଭାରତୀୟ ଟି-୨୦ ଟେନିସ ବଲ୍ କ୍ରିକେଟ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୧୧ରୁ ପୁରୀରେ ଆରମ୍ଭ ହେବ। ଗୁରୁବାର ଏହାର ବ୍ରୋଚର ଉନ୍ମୋଚନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସିଂହଦ୍ୱାରରେ ସେବକମାନଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ମଧ୍ୟ ଉନ୍ମୋଚିତ ହୋଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରତିଯୋଗିତାର ଅଫିସିଆଲ୍ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ଏହି ପ୍ରତିଯୋଗିତାରେ ୨୫ ରାଜ୍ୟର ୩୨ ଦଳ ଭାଗନେବେ। ଟି-୨୦ ଫର୍ମାଟ୍ ବା ୨୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ଟି-୨୦ ଟେନିସ ବଲ୍ କ୍ରିକେଟ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ଶ୍ରୀମନ୍ଦିର ସେବକ ଭବାନୀ ଦାସ ମହାପାତ୍ର ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଚାମ୍ପିଅନସିପ୍ ଉତ୍ତର ପ୍ରଦେଶ ଓ ଗୋଆରେ ଅନୁଷ୍ଠିତ ହୋଇସାରିଛି। ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଆୟୋଜକ ଓଡ଼ିଶା ଗ୍ରୁପ୍ 'ଏ'ରେ ପଶ୍ଚିମବଙ୍ଗ, ଆସାମ, ୟୁପି, ବିହାର ଦଳ ସ୍ଥାନ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସେଲିବ୍ରିଟିମାନେ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS